


ଡୁପ୍ଲାଣ୍ଟିସ୍‌ଙ୍କ
୧୩ତମ ବିଶ୍ୱ ରେକର୍ଡ
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI | ◆VOLUME- 43 ◆ISSUE-51 ◆THURSDAY ◆14 AUGUST 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୫୧ ◆ଗୁରୁବାର ◆୧୪ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦







## ତୃତୀୟ ଦିନରେ ଅମଲାଙ୍କ ଆନ୍ଦୋଳନ; ରାଜସ୍ୱ ବିଭାଗ କାର୍ଯ୍ୟରେ ଅଚଳାବସ୍ଥା

# ସଂଘକୁ ସରକାରଙ୍କ ନାଲିଆଖି

- ଅନୁପସ୍ଥିତିକୁ ଛୁଟି ରୂପେ ଗଣାଯିବ, ବନ୍ଦହେବ ଦରମା
- ଦରମା ବନ୍ଦ ଚେତାବନୀ ଦେଲେ ରାଜସ୍ୱ ମନ୍ତ୍ରୀ
- କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ବିଭାଗର ଚିଠି
- ସମୂହ ଛୁଟି ଜିଦ୍‌ରେ ଅଟଳ ରାଜସ୍ୱ ଅମଲା ସଂଘ
- ଦାବି ପୂରଣ ନ ହେବା ଯାଏଁ ପଛକୁ ହଟିବୁନି: ସଂଘ

■ **ଭୁବନେଶ୍ୱର, ୧୩।୮ (ସମିସ):** ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲାମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିବାରୁ ରାଜସ୍ୱ ବିଭାଗରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ରାଜସ୍ୱ ଅମଲାଙ୍କ ଏପରି ସମୂହ ଛୁଟି ନିଷ୍ପତ୍ତି ସରକାରଙ୍କୁ କ୍ଷୁବ୍ଧ କରିଛି । ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡିକେ ସିଂ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଆନ୍ଦୋଳନରତ ଅମଲାଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ମାତ୍ର ମନ୍ତ୍ରୀଙ୍କ ନାଲିଆଖି, ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବଙ୍କ ଧମକ ରାଜସ୍ୱ ଅମଲାଙ୍କୁ ଡରାଇ ପାରିନାହିଁ। ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି, ସେ ପର୍ଯ୍ୟନ୍ତ ଅମଲାମାନେ ପଛକୁ ହଟିବେ ନାହିଁ ବୋଲି ସଂଘ ରୋକ୍‌ଠୋକ୍ କହିଛି ।

ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ କହିଛନ୍ତି ଯେ ଅମଲାଙ୍କ ବିନା ଲୋକଙ୍କ ପାଖରେ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ସରକାର ପ୍ରସ୍ତୁତ। ଆନ୍ଦୋଳନରୁ ନ ଓହରିଲେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଲୋକଙ୍କ କାମରେ ଅବହେଳା କଲେ ଦରମା ବନ୍ଦ ରହିବ। ଛୁଟି ବାତିଲ ହେବ, ଛୁଟି ମଞ୍ଜୁର ହେବ ନାହିଁ ବୋଲି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ▶ପୃଷ୍ଠା-୭

# ୭ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

## ଦୁଇ ବର୍ଷରେ ଖୋଲିବ ୩୮ ମଡେଲ ମଣ୍ଡି

■ **ଭୁବନେଶ୍ୱର, ୧୩।୮ (ସମିସ):** ରାଜ୍ୟର ଚାଷୀ, ବ୍ୟବସାୟୀ ଓ ଅନ୍ୟାନ୍ୟ ଭାଗିଦାରମାନଙ୍କ ପାଇଁ ସମସ୍ତ ଜରୁରୀ ବିପଣନ ସଂକ୍ରାନ୍ତ କାର୍ଯ୍ୟକୁ ଗୋଟିଏ ଛାତ ତଳେ ସମନ୍ୱିତ କରାଯାଇପାରିବ। ଏଥିପାଇଁ ରାଜ୍ୟ ସରକାର ରାଜ୍ୟରେ ମଡେଲ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨ବର୍ଷ ମଧ୍ୟରେ ରାଜ୍ୟରେ ୩୮ ଟି ମଡେଲ ମଣ୍ଡି ସ୍ଥାପନ ହେବ ଓ ଏ ବାବଦରେ ୩୦୦କୋଟି ଟଙ୍କା ବ୍ୟୟ କରାଯିବ। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏ ▶ପୃଷ୍ଠା-୭

**ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିଶ୍ୱସ୍ତରୀୟ ଏମ୍‌ଆର୍‌ଓ ସ୍ଥାପନ**

**୧୧୦ ସହରାଞ୍ଚଳରେ ୩୫୦ କୋଟିରେ ଲାଗିବ ଏଲ୍‌ଇଡି ଆଲୋକ**

**ସମ୍ବଲପୁର, ହୀରାକୁଦ, ବୁର୍ଲା ସହରରେ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ**

# ମେସ୍‌ରେ ଝୁଲିପଡ଼ିଲେ ଛାତ୍ରୀ

## ମୃତଦେହ ଉଦ୍ଧାର, କାରଣ ଅସ୍ପଷ୍ଟ

■ **କେନ୍ଦୁଝର, ୧୩।୮ (ସମିସ):** କେନ୍ଦୁଝର ଧରଣୀଧର ବିଦ୍ୟାଳୟ ନିକଟସ୍ଥ ଏକ ଘରୋଇ ମେସ୍‌ରେ ଜଣେ ଛାତ୍ରୀ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଛାତ୍ରୀ ଜଣଙ୍କ ଧରଣୀଧର ବିଶ୍ୱ ବିଦ୍ୟାଳୟର ଆନ୍ଥ୍ରୋପୋଲୋଜି ବିଭାଗର ପ୍ରଥମ ବର୍ଷର ପିଜି ଛାତ୍ରୀ ବୋଲି ଜଣାପଡ଼ିଛି। ପୁଲିସ୍ ପହଞ୍ଚି ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ କରିଥିବା ବେଳେ, ତେବେ ସେ କେଉଁ ପରିସ୍ଥିତିରେ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି, ତାହା ଅଧିକ ତଦନ୍ତରୁ ଜଣାପଡ଼ିବ ବୋଲି ପୁଲିସ୍ କହିଛି। ▶ପୃଷ୍ଠା-୭




# ଫଟୋ ଉଠାଇଲେ ଜରିମାନା

ସାଧାରଣତଃ ପର୍ଯ୍ୟଟକମାନେ କୌଣସି ସ୍ଥାନକୁ ବୁଲିବାକୁ ଗଲେ ସେଠାରେ ଫଟୋ ଉଠାଇଥାନ୍ତି । ଯାହାକୁ ପରବର୍ତ୍ତୀ ସମୟରେ ଦେଖି ପୁରୁଣା ସ୍ମୃତି ମନେ ପକାଇଥାନ୍ତି । କିନ୍ତୁ ଏପରି ଏକ ସ୍ଥାନ ରହିଛି, ଯେଉଁଠି ଫଟୋ ଉଠାଇବାକୁ ନିଷେଧ କରାଯାଇଛି । ଦୁବାଇରେ ଫଟୋଗ୍ରାଫିକୁ ନେଇ କଡ଼ା ନିୟମ ରହିଛି । ଏଠାରେ ଫଟୋ ଉଠାଇଲେ ଜରିମାନା ଏପରିକି ଜେଲଦଣ୍ଡ ଭୋଗିବାକୁ ପଡ଼ିଥାଏ । ଏଠାରେ ବୁର୍ଜ ଖଲିଫା ଭଳି ଅନେକ ସୁଉଚ୍ଚ ଅଟ୍ଟାଳିକା ରହିଛି, ଯେଉଁଠି ପର୍ଯ୍ୟଟକମାନେ ଫଟୋ ନ ଉଠାଇ ଫେରିବାକୁ ଚାହାନ୍ତିନି । ଏଠାରେ ବିନା ଅନୁମତିରେ କିଛି ସ୍ଥାନ, କିଛି ବ୍ୟକ୍ତି ବିଶେଷ ଓ ଘଟଣାର ଫଟୋ ନେବା ଦଣ୍ଡନୀୟ ଅପରାଧ ଭାବେ ଗଣାଯାଏ । ଭୁଲବଶତଃ ଯଦି କୌଣସି ବ୍ୟକ୍ତି ଏଭଳି ସ୍ଥାନରେ ଫଟୋ ଉଠାନ୍ତି, ଏଥିପାଇଁ ତାଙ୍କୁ ତାଙ୍କ ଯାତ୍ରାର ଦ୍ୱିଗୁଣା ଅର୍ଥରାଶି ଦେବାକୁ ପଡ଼ିଥାଏ । ଏଥିପାଇଁ ଏଠାରେ କୌଣସି ଅଜଣା ବ୍ୟକ୍ତି ଫଟୋ ଉଠାଇବାକୁ ନିଷେଧ କରାଯାଇଛି । ଯଦି କୌଣସି ବ୍ୟକ୍ତି ରାସ୍ତାର ଫଟୋ ନେଉଥିବାବେଳେ ଭୁଲବଶତଃ କେହି ବ୍ୟକ୍ତି ଯଦି ତାଙ୍କ ପଛରେ ଥାଆନ୍ତି ତେବେ ଉକ୍ତ ବ୍ୟକ୍ତି ଜଣକ ଅଭିଯୋଗ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । ପ୍ରଚଳିତ ନିୟମ ଅନୁଯାୟୀ, ଏଠାରେ ସରକାରୀ ଅଟ୍ଟାଳିକା, ଥାନା, ବିମାନବନ୍ଦର, ଦୂତବାସର ଫଟୋ ଉଠାଇବାକୁ ନିଷେଧ କରାଯାଇଛି । ତେଣୁ ଯଦି କୌଣସି ବ୍ୟକ୍ତି ଥାନା କିମ୍ବା ସରକାରୀ କାର୍ଯ୍ୟାଳୟ ଆଗରେ ଫଟୋ ଉଠାନ୍ତି, ଏଥିପାଇଁ ତାଙ୍କୁ ଜେଲଦଣ୍ଡ ମିଳିଥାଏ । ବର୍ତ୍ତମାନ ସମୟରେ କୌଣସି ଘଟଣା ଘଟିଲେ ଲୋକମାନେ ସଙ୍ଗେ ସଙ୍ଗେ ଫୋନ୍ ବାହାର କରି ଭିଡିଓ କରୁଛନ୍ତି, କିନ୍ତୁ ଏଠାରେ ଏପରି କରିବା ଅପରାଧ । ଦୁର୍ଘଟଣା, ପୋଡ଼ାଜଳା, କୌଣସି ଆଇନଗତ କିମ୍ବା ପୁଲିସ୍ କାର୍ଯ୍ୟାନୁଷ୍ଠାନର ଫଟୋ ଉଠାଇବା ଏଠାରେ ଦଣ୍ଡନୀୟ ଅପରାଧ ।



## ଆଜିର ଇତିହାସ


- ୧୮୬୨- ବମ୍ବେ ଉଚ୍ଚ ନ୍ୟାୟାଳୟର ସ୍ଥାପନା ।
- ୧୯୧୭- ଚୀନ, ଜର୍ମାନୀ ଓ ଅଷ୍ଟ୍ରିଆ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୯୨୩- ଭାରତର ଜଣାଶୁଣା ସାମ୍ବାଦିକ ତଥା ସ୍ତମ୍ଭକାର କୁଲଦୀପ ନାୟାରଙ୍କ ଜନ୍ମ ।
- ୧୯୪୭- ଭାରତର ବିଭାଜନ ହୋଇ ପାକିସ୍ତାନ ଅଲଗା ରାଷ୍ଟ୍ର ହେଲା ।
- ୨୦୧୧- ବଲିଉଡ୍ ଅଭିନେତା ଶମ୍ମି କପୁରଙ୍କ ବିୟୋଗ ।
- ୨୦୧୩- ମିଶରରେ ପୁଲିସ୍ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ହୋଇଥିବା ହିଂସାରେ ୬୩୮ ଲୋକଙ୍କ ପ୍ରାଣହାନି ।

# ଜଳବାୟୁ ପରିବର୍ତ୍ତନ ଯୋଗୁଁ ବଢ଼ୁଛି ଗ୍ରୋସରୀ ବିଲ୍



ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଏକ ଉତ୍କଟ ସମସ୍ୟା ପାଲଟିଛି । ବିଶ୍ୱରେ ଦ୍ରୁତ ଗତିରେ ଦେଖା ଦେଉଥିବା ଜଳବାୟୁ ପରିବର୍ତ୍ତନର ବଡ଼ ପ୍ରଭାବ ଫସଲ ଉତ୍ପାଦନ ଉପରେ ପଡ଼ୁଛି । ଅଚାନକ ଦେଖା ଦେଉଥିବା ବନ୍ୟା ଏବଂ ମରୁଡ଼ି ଯୋଗୁଁ ଖାଦ୍ୟ ସାମଗ୍ରୀର ଉତ୍ପାଦନ ଏମିତି ହ୍ରାସ ପାଇଛି ଯେ, ଅନେକ ଜିନିଷର ମୂଲ୍ୟ ଅସ୍ୱାଭାବିକ ଭାବରେ ଦୁଇରୁ ତିନି ଗୁଣ ବୃଦ୍ଧି ପାଇଛି । ଅଷ୍ଟ୍ରେଲିଆରେ ଅନେକ ଖାଦ୍ୟ ସାମଗ୍ରୀର ଦାମ୍ ୩୦୦ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି । ସେହିପରି ୟୁରୋପରେ ଅଲିଭ୍ ତେଲର ଦାମ୍ ୫୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଆମେରିକାରେ ପନିପରିବା ଦର ୮୦ ପ୍ରତିଶତ ବଢ଼ିଛି । ବାର୍ସିଲୋନା ସୁପରକମ୍ପ୍ୟୁଟିଂ ସେଣ୍ଟର ଏବଂ ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କର ଗବେଷକମାନେ ସାରା ବିଶ୍ୱର ଜଳବାୟୁ ପରିବର୍ତ୍ତନ ଉପରେ ଗବେଷଣା କରି ଏହି କଥା କହିଛନ୍ତି । ଖାଦ୍ୟ ପାନୀୟର ଦାମ୍ ବଢ଼ିବାର ମୁଖ୍ୟ କାରଣ ଭାବେ ସେମାନେ ଖରାପ ପାଣିପାଗକୁ ଦାୟୀ କରିଛନ୍ତି । ଏହା ଜଳବାୟୁ ପରିବର୍ତ୍ତନ ସହିତ ଜଡ଼ିତ ଥିବା ସେମାନେ କହିଛନ୍ତି । ସେହିପରି ଏହି ଗବେଷକ ଦଳ ୨୦୨୨ ଏବଂ ୨୦୨୪ ମଧ୍ୟରେ ବିଶ୍ୱର ୧୬ଟି ପାଣିପାଗ ସମ୍ବନ୍ଧିତ ଘଟଣା ଉପରେ ଗବେଷଣା କରିଥିଲେ । ଗବେଷଣାନୁସାରେ, ଭାରତ ଓ ଚୀନ୍ ସମେତ ପୂରା ଏସିଆରେ ଋତୁକାଳୀନ ପରିବାର ଦାମ୍ ବୃଦ୍ଧି ପାଇବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନ ଅସହ୍ୟ ଗରମ ଓ ଅଧିକ ବର୍ଷାର କାରଣ ହୋଇଥାଏ । ଏହାଯୋଗୁଁ ଅମଳ ହ୍ରାସ ପାଇବା ସହ ଜିନିଷଗୁଡ଼ିକର ଦାମ୍ ବଢ଼ିଚାଲେ । ତେବେ ଗ୍ରୋସରୀ ବିଲ୍ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ସ୍ପଷ୍ଟ ଭାବେ ଅନୁଭବ କରୁଥିବା ତମାମ ବିଶ୍ୱର ଗ୍ରାହକମାନେ କହିଛନ୍ତି ।

# ସୁରଜଙ୍କ ସହ କାମ କରିବେ ଆୟୁଷ୍ମାନ୍





ସୁରଜ୍ ବଡଜାତ୍ୟା କିଛି ଦିନ ପୂର୍ବରୁ ସେ ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍‌ଙ୍କୁ ନେଇ ଏକ ଫିଲ୍ମ କରିବେ ବୋଲି ଘୋଷଣା କରିଥିଲେ । ସଲମାନ୍ ଏଥିରେ ଲିଡ୍ ରୋଲରେ ଦେଖାଯିବା ସହ ଏଥିରେ ସେ 'ପ୍ରେମ୍' ଭୂମିକାରେ ନଜର ଆସିବେ ବୋଲି ସୁରଜ କହିଥିଲେ । ଏହାକୁ ନେଇ ସଲମାନ୍‌ଙ୍କ ପ୍ରଶଂସକମାନେ ବି ବେଶ୍ ଉତ୍ସାହିତ ଥିଲେ । କିନ୍ତୁ ଏବେ ଖବର ଆସିଛି ସୁରଜ୍‌ଙ୍କୁ ତାଙ୍କ ପ୍ରେମ୍ ମିଳିଯାଇଛି । ତେବେ ସୁରଜ୍‌ଙ୍କ ଫିଲ୍ମରେ ସଲମାନ୍‌ଙ୍କ ବଦଳରେ ଆୟୁଷ୍ମାନ୍ ଖୁରାନା ପ୍ରେମ୍ ଭୂମିକାରେ ନଜର ଆସିବେ । ସୁରଜ୍ ଇତିମଧ୍ୟରେ ମୁମ୍ବାଇରେ ଫିଲ୍ମର ସୁଟିଂ ଆରମ୍ଭ ମଧ୍ୟ କରି ଦେଇଛନ୍ତି । ଏହାର କାହାଣୀ ମୁମ୍ବାଇ ଉପରେ ଆଧାରିତ ହେବ । ଏଥିରେ ଆୟୁଷ୍ମାନ୍‌ଙ୍କ ବିପକ୍ଷରେ ଶରବରି ୱାଗ୍ ନଜର ଆସିବେ । ସୁରଜ୍ ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଖାନ୍‌ଙ୍କ ସହ ଅନେକ ଫିଲ୍ମ କରିଛନ୍ତି । ତାଙ୍କର ଅଧିକାଂଶ ଫିଲ୍ମରେ ସଲମାନ୍ 'ପ୍ରେମ୍' ଭୂମିକାରେ ନଜର ଆସିଥାନ୍ତି । ଏହି ଫିଲ୍ମଗୁଡ଼ିକ ବ୍ଲକ୍‌ବଷ୍ଟର୍ ମଧ୍ୟ ସାବ୍ୟସ୍ତ ହୋଇଛି । ଏଗୁଡ଼ିକ ମଧ୍ୟରେ 'ମେନେ ପ୍ୟାର୍ କିୟା', 'ହମ୍ ଆପ୍‌କେ ହେଁ କୌନ୍', 'ହମ୍ ସାଥ୍ ସାଥ୍ ହେଁ', 'ପ୍ରେମ୍ ରତନ ଧନ ପାୟୋ' ଆଦି ଚଳଚ୍ଚିତ୍ର ରହିଛି । ଏବେ ସୁରଜ ସଲମାନ୍‌ଙ୍କ ବୟସକୁ ଆଖି ଆଗରେ ରଖି ସେଭଳି କାହାଣୀ ଖୋଜୁଛନ୍ତି । ସଲମାନ୍‌ଙ୍କ ମୁତାବିକ କାହାଣୀ ମିଳିଲେ ସେ ତାଙ୍କ ସହ କାମ କରିବେ ବୋଲି କହିଛନ୍ତି ।

# ନିଆରା ଢଙ୍ଗରେ ସଚେତନ ରେଷ୍ଟୋରାଁରେ କାମ କରୁଛନ୍ତି ଡିମେନ୍‌ସିଆ ରୋଗୀ

ସାଧାରଣତଃ ରେଷ୍ଟୋରାଁ ଓ ହୋଟେଲଗୁଡ଼ିକରେ ସୁନ୍ଦର ଓ ଶିକ୍ଷିତ ଯୁବକ, ଯୁବତୀଙ୍କୁ ୱେଟର୍ ଭାବେ ନିଯୁକ୍ତି ଦିଆଯାଏ । ଏହି କ୍ରମରେ ଜାପାନରେ ଏମିତି ଏକ ରେଷ୍ଟୋରାଁ ଅଛି, ଯେଉଁଠି ଗ୍ରାହକଙ୍କୁ ଖାଦ୍ୟ ପରଷନ୍ତି ଡିମେନ୍‌ସିଆ ରୋଗୀ । ଡିମେନ୍‌ସିଆ ଏକ ମାନସିକ ସ୍ୱାସ୍ଥ୍ୟ ସମସ୍ୟା । ଏଥିରେ ପୀଡ଼ିତ ଲୋକେ କୌଣସି କଥାକୁ ମନେ ରଖିପାରନ୍ତି ନାହିଁ । ତେବେ ଏହି ରେଷ୍ଟୋରାଁ ମାଧ୍ୟମରେ ଏହି ରୋଗ ପ୍ରତି ନିଆରା ଢଙ୍ଗରେ ଲୋକଙ୍କୁ ସଚେତନ କରାଉଛନ୍ତି ଏଠାକାର ଟେଲିଭିଜନ ନିର୍ଦ୍ଦେଶିକା ଶିରୋ ଓଗୁନି । ତାଙ୍କ ରେଷ୍ଟୋରାଁରେ ମୁଖ୍ୟତଃ ଡିମେନ୍‌ସିଆ ପୀଡ଼ିତଙ୍କୁ ହିଁ ନିଯୁକ୍ତି ମିଳିଥାଏ । କ୍ୱାଟୋରେ ଥିବା ଏହି ରେଷ୍ଟୋରାଁର ନାମ 'ଦ ରେଷ୍ଟୁରାଣ୍ଟ ଅଫ୍ ମିସ୍‌ଟେକେନ୍ ଅର୍ଡର୍ସ' । ଏଠାରେ ଗ୍ରାହକମାନଙ୍କୁ ସେମାନେ ଅର୍ଡର କରିଥିବା ଖାଦ୍ୟ ପରଷା ଯାଇ ନ ଥାଏ । ଏହି ରେଷ୍ଟୋରାଁରେ ୱେଟର୍ ଭାବେ କାମ କରିବା ପାଇଁ ଇଚ୍ଛା କରୁଥିବା ଲୋକେ ଡିମେନ୍‌ସିଆ ରୋଗୀ ହେବା ଜରୁରି । ଏକଦା ଶିରୋଙ୍କୁ ଏକ ନର୍ସିଂ ହୋମ୍‌ରେ ଡିମେନ୍‌ସିଆ ରୋଗୀଙ୍କ ଯୋଗୁଁ ଡମ୍ପଲିଂ ବଦଳରେ ବର୍ଗର ପରଷା ଯାଇଥିଲା । ଏହି ଘଟଣା ସଂସ୍ପର୍ଶରେ ଆସିବା ପରେ ସେ ଏଭଳି ଏକ ରେଷ୍ଟୋରାଁ ଖୋଲିବା ପାଇଁ ଚିନ୍ତା କଲେ । ତାଙ୍କର ଏହି ରେଷ୍ଟୋରାଁ ବର୍ଷ ବର୍ଷ ଧରି ଗ୍ରାହକଙ୍କୁ ଭୁଲଭାଲ ଖାଦ୍ୟ ପରଷି ଆସୁଛି । ଅବଶ୍ୟ ଏବେ କଣ୍ଟେଣ୍ଟ କ୍ରିଏଟର କୁଲଦୀପ ସିଙ୍ଘାନିଆ ଏହି ରେଷ୍ଟୋରାଁ ବାବଦରେ ସାମାଜିକ ଗଣମାଧ୍ୟମରେ ଜଣାଇବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି । ଏଠାରେ କୁଲଦୀପ ପନିର ପିଜ୍ଜା ଅର୍ଡର ଦେଇଥିଲେ । କିନ୍ତୁ ୱେଟର କୁକିଜ୍ ପରଷିବାରୁ ସେ ଆଶ୍ଚର୍ଯ୍ୟ ହୋଇଥିଲେ । ଏହାପରେ ସେ ଜାଣିବାକୁ ପାଇଥିଲେ ଯେ, ଏହି ରେଷ୍ଟୋରାଁ ଗ୍ରାହକଙ୍କୁ ଭୁଲ ଖାଦ୍ୟ ପରଷିବା ପାଇଁ ହିଁ ଖ୍ୟାତ । ସେହିପରି ଏଠାକୁ ଆସୁଥିବା ୯୯ ପ୍ରତିଶତ ଗ୍ରାହକ ସେମାନେ ଅର୍ଡର ଦେଇ ନ ଥିବା ଖାଦ୍ୟ ମିଳିବା ପରେ ବି ମନ ଖୁସିରେ ଫେରୁଥିବା କୁଲଦୀପ କହିଛନ୍ତି । କୁଲଦୀପଙ୍କର ଏହି ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି ।




# ଏଆଇକୁ ପ୍ରଶ୍ନ ପଚାରି ଚିକିତ୍ସା କରାଇବା ଠିକ୍ ନା ଭୁଲ

ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଲୋକେ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନ ପଚାରୁଥିବାର ଦେଖାଯାଉଛି । ଏଇ ଯେମିତି କେତେବେଳେ ଡାକ୍ତରଙ୍କ ପାଖକୁ ଯିବା ଦରକାର, କେଉଁ ଲକ୍ଷଣ କେଉଁ ରୋଗର ଏବଂ ଏକ ନିର୍ଦ୍ଦିଷ୍ଟ ରୋଗ ପାଇଁ ଏହି ଔଷଧ ଠିକ୍ କି ନୁହେଁ ଭଳି ଅନେକ ପ୍ରଶ୍ନ ଏଆଇକୁ ପଚରାଯାଉଛି । ତେବେ ଏଆଇରୁ ମିଳୁଥିବା ଉତ୍ତର କେତେ ଦୂର ଭରସାଯୋଗ୍ୟ, ସେ କଥା କେହି ଚିନ୍ତା କରି ନ ଥାନ୍ତି । ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଲୋକଙ୍କର ଏହି ଭରସା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉକ୍ତ ଗବେଷଣାନୁସାରେ, ଏବେ ଅଧିକାଂଶ ଟପ୍ ଏଆଇ ମଡେଲ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ରଖୁଛନ୍ତି । କେବଳ ସେତିକି ନୁହେଁ, ଡାକ୍ତରଙ୍କ ଭଳି ସେମାନେ ଫଲୋଅପ୍ ପ୍ରଶ୍ନ ମଧ୍ୟ ପଚାରୁଛନ୍ତି । ତେବେ ଏହି ଗବେଷଣାର ମୁଖ୍ୟ ଗବେଷକ କହିଛନ୍ତି, ୨୦୨୩ ମସିହାରେ ଯେତେବେଳେ ସେ ଏନେଇ ଏକ ଗବେଷଣା କରିଥିଲେ, ସେତେବେଳେ ସମସ୍ତ ବଡ଼ ବଡ଼ ଏଆଇ ମଡେଲଗୁଡ଼ିକ ନିଜକୁ ଡାକ୍ତର ବୋଲି କହି ନ ଥିଲେ । ଏପରିକି ଅନେକଥର ଏଆଇ ପ୍ରଶ୍ନର ଉତ୍ତର ନ ଦେବା ପାଇଁ ବି ସ୍ପଷ୍ଟ ଭାବେ କହି ଦେଉଥିଲା । ହେଲେ ୨୦୨୫ରେ ଏହି ଦୃଶ୍ୟ ସମ୍ପୂର୍ଣ୍ଣ ବଦଳି ଯାଇଥିବା ସେ କହିଛନ୍ତି । ଏବେ ଏଆଇ ବିନା କୌଣସି ଚେତାବନୀରେ ଡାକ୍ତରୀ ପରାମର୍ଶ ପ୍ରଦାନ କରୁଛି । ଓପନ ଏଆଇ, ଆନ୍ଥ୍ରୋପିକ୍, ଡିପ୍‌ସିକ୍, ଗୁଗଲ ଭଳି ସମୁଦାୟ ୧୫ଟି ବଡ଼ ଏଆଇ ମଡେଲର ୫୦୦ ଡାକ୍ତରୀ ପରାମର୍ଶ ଏବଂ ୧୫୦୦ ମେଡିକାଲ ଇମେଜ ଉପରେ ଏହି ଗବେଷଣା କରାଯାଇଥିଲା । ଯାହାର ଫଳାଫଳ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା । ତେବେ ଏଆଇ ଯେତେବେଳେ ପ୍ରତିଟି ପ୍ରଶ୍ନର ଉତ୍ତର ବେଶ୍ ଆତ୍ମବିଶ୍ୱାସର ଦିଏ ସେତେବେଳେ ଲୋକେ ତାଙ୍କ ସାମ୍ନାରେ ଡାକ୍ତରଙ୍କ ବଦଳରେ ମେସିନ୍ ବସିଥିବା କଥା ଭୁଲିଯାନ୍ତି । ଗବେଷକଙ୍କ କହିବା କଥା, ଭୁଲ୍ ସୂଚନା ରୋଗୀଙ୍କ ଜୀବନ ମଧ୍ୟ ନେଇପାରେ । ସେହିପରି ଏମ୍ଆଇଟିର ଏଆଇ ବିଶେଷଜ୍ଞଙ୍କ କହିବା କଥା, ଲୋକେ ଯେଭଳି ଏହି ଟୁଲ୍‌କୁ ଅଧିକ ବ୍ୟବହାର କରିବେ, କମ୍ପାନିଗୁଡ଼ିକ ଜାଣିଶୁଣି ଲୋକଙ୍କ ଭରସା ଜିତିବା ଲାଗି ଚେତାବନୀଗୁଡ଼ିକ ହଟେଇ ଦେଉଛନ୍ତି । ଏହାଦ୍ୱାରା ସାଧାରଣ ଲୋକଙ୍କୁ ହିଁ ଅସୁବିଧାର ସାମ୍ନା କରିବାକୁ ପଡ଼ିବ । ଆହୁରି ମଧ୍ୟ ଗବେଷକମାନେ କହିଛନ୍ତି ଯେ, ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଶ୍ନରେ ଏଆଇ କିଛି ସତର୍କତା ଅବଲମ୍ବନ କରିଥାଏ । ହେଲେ ମେଡିକାଲ ଇମରଜେନ୍ସି, ଗମ୍ଭୀର ରୋଗ ଆଦି କ୍ଷେତ୍ରରେ ଏହା ବିନା ଦ୍ୱିଧାରେ ପରାମର୍ଶ ଦେଇଥାଏ । ହେଲେ ପ୍ରକୃତରେ ମେସିନ୍ କିଛି ବୁଝି ନ ଥାଏ, କେବଳ ଯାହା ଡାଟା ପ୍ରୋସେସିଂ କରିଥାଏ । ତେଣୁ ଏଆଇ ଏକ ଉତ୍ତମ ଟୁଲ୍ ହୋଇଥିବା ବେଳେ ଏହା କେବେବି ଡାକ୍ତରଙ୍କ ବିକଳ୍ପ ହୋଇପାରିବ ନାହିଁ । ସେହିପରି ଗବେଷକଙ୍କ କହିବା କଥା, ଏଆଇକୁ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନ ପଚାରିବା ପରେ ଡାକ୍ତରଙ୍କ ଠାରୁ ତାହା ଯାଞ୍ଚ କରିନେବା ଆବଶ୍ୟକ ।



# ପାଣିରେ ମିଳେଇବ ପ୍ଲାଷ୍ଟିକ୍

ସାଧାରଣତଃ ପ୍ଲାଷ୍ଟିକ୍ ମାଟିରେ ଶୀଘ୍ର ବିଘଟନ ହୋଇ ନ ଥାଏ । ଫଳରେ ଏହା ମାଟିରେ ପଡ଼ି ରହି ପରିବେଶ ପ୍ରଦୂଷଣର କାରଣ ସାଜେ । କେବଳ ଯେ, ଏହା ମୃତ୍ତିକାକୁ ପ୍ରଦୂଷଣ କରୁଛି କି ତାହା ନୁହେଁ ନିୟମିତ ସମୁଦ୍ରରେ ହଜାର ହଜାର ଟନ୍ ପ୍ଲାଷ୍ଟିକ୍ ମିଶି ସାମୁଦ୍ରିକ ଜୀବଙ୍କ ପାଇଁ ମଧ୍ୟ ଏହା ଏକ ବିପଜ୍ଜନକ ପରିବେଶ ସୃଷ୍ଟି କରୁଛି । ତେବେ ଏଥିରୁ ରକ୍ଷା ପାଇବା ଲାଗି ଜାପାନର ବୈଜ୍ଞାନିକମାନେ ଏକ ନୂଆ ପ୍ରକାରର ପ୍ଲାଷ୍ଟିକ୍ ବିକଶିତ କରିଛନ୍ତି । ଯାହାକି ସମୁଦ୍ରର କ୍ଷାରୀୟ ଜଳ ସଂସ୍ପର୍ଶରେ ଆସିବାର କିଛି ସମୟ ମଧ୍ୟରେ ମିଳେଇ ଯିବ । ଟୋକିଓ ବିଶ୍ୱବିଦ୍ୟାଳୟ ଏବଂ ରିକେନ ସେଣ୍ଟରର ବୈଜ୍ଞାନିକମାନେ ମିଶି ଏହାକୁ ବିକଶିତ କରିଛନ୍ତି । ଏହି ନୂଆ ଅନୁସନ୍ଧାନ ସମୁଦ୍ରକୁ ପରିଷ୍କାର ତଥା ସଫା ରଖିବାରେ ସାହାଯ୍ୟ କରିବ । ଏହା ସହ ଭବିଷ୍ୟତରେ ପ୍ଲାଷ୍ଟିକ୍ ସମସ୍ୟାକୁ କମ୍ କରିବାର ଏକ ସୁନ୍ଦର ବିକଳ୍ପ ହେବ ବୋଲି କୁହାଯାଇପାରିବ । ନୂତନ ପ୍ଲାଷ୍ଟିକ୍‌ର ବିଶେଷତ୍ୱ ହେଉଛି, ଏଥିରୁ କୌଣସି ପ୍ରକାର ବିଷାକ୍ତ ପଦାର୍ଥ କିମ୍ବା ମାଇକ୍ରୋପ୍ଲାଷ୍ଟିକ୍ ନିର୍ଗତ ହୁଏ ନାହିଁ । ତେବେ ଏହି ନୂତନ ପ୍ଲାଷ୍ଟିକ୍ ଦେଖିବାକୁ ସାଧାରଣ ପ୍ଲାଷ୍ଟିକ୍ ଭଳି । ଏହାର ଅନ୍ୟତମ ବିଶେଷତ୍ୱ ହେଉଛି ଲୁଣି ପାଣି ସଂସ୍ପର୍ଶରେ ଆସିବା ଦ୍ୱାରା ଏହା ଛୋଟ ଛୋଟ ଖଣ୍ଡରେ ଭାଙ୍ଗିଯାଏ । ଏହାପରେ ପାଣିରେ ରହୁଥିବା ଜୀବାଣୁଗୁଡ଼ିକ ଏହାକୁ ପୂରାପୂରି ନଷ୍ଟ କରିଦେଇଥାନ୍ତି । ତେବେ ଏହି ନୂତନ ପ୍ଲାଷ୍ଟିକ୍ କେବଳ ସମୁଦ୍ର ଜଳରେ ନୁହେଁ, ଲୁଣିଆ ଭୂମିରେ ବି ଧୀରେ ଧୀରେ ନଷ୍ଟ ହୋଇଯାଏ । ସେହିପରି ଏହି ପ୍ଲାଷ୍ଟିକ୍ ମାଟିରେ ପଡ଼ିବାର ୮ ଦିନ ମଧ୍ୟରେ ଏହା ବିଘଟିତ ହୋଇଥାଏ । ଅନ୍ୟପଟେ ଏହା ବିଷାକ୍ତ ମଧ୍ୟ ନୁହେଁ । ତେଣୁ ଏହାକୁ ଜାଳିଲେ ଏଥିରୁ ଅଙ୍ଗାରକାମ୍ଳ ନିର୍ଗତ ହୁଏ ନାହିଁ । ଏହିପରି ଭାବେ ଏହି ପ୍ଲାଷ୍ଟିକ୍ ପରିବେଶର କ୍ଷତି କରିବ ନାହିଁ ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପରିବାର ସହ ହସଖୁସିର ସମୟ ଅତିବାହିତ କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ନିବେଶରୁ ଦୂରେଇ ରୁହନ୍ତୁ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ । ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବ ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ବିବାହରେ ସମସ୍ୟା ଆସିପାରେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ସିଂହ:** ଚାକିରିରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଉଧାର ଟଙ୍କା ଫେରି ପାଇବେ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେଇପାରେ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିପାରେ । ରାଜନୀତିରେ ସଫଳତା ମିଳିବ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି । ଦୀର୍ଘ ଦିନର ଆଶା ପୂରଣ ହେବ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

## ୫୫ ଦିନ ପରେ ଉଦ୍ଧାର ହେଲେ ନାବାଳିକା

# ଝିଅକୁ ଖୋଜିବାକୁ ପରିବାରକୁ ମାଗୁଥିଲେ ଟଙ୍କା; ଏଏସଆଇ ନିଲମ୍ବିତ

ଭଦ୍ରକ,୧୩।୮ (ସମିସ): ନିଲମ୍ବିତ ହେଲେ ଧାମନଗର ଥାନା ଏଏସଆଇ ନେପାଳ ସାହା। ଜଣେ ନାବାଳିକାଙ୍କ ଅପହରଣ ଘଟଣାରେ କାର୍ଯ୍ୟରେ ଅବହେଳା ଏବଂ ନାବାଳିକାକୁ ଖୋଜିବା ପାଇଁ ପରିବାରକୁ ଟଙ୍କା ମାଗିବା ଅଭିଯୋଗରେ ଏସ୍‌ପି ଏସପି ମନୋଜ କୁମାର ରାଉତ ଶ୍ରୀ ସାହାଙ୍କୁ ନିଲମ୍ବନ କରିଛନ୍ତି। ଘଟଣାରୁ ପ୍ରକାଶଯେ, ଜୁନ ୧୭ ତାରିଖରେ ଭଦ୍ରକ ଜିଲ୍ଲା ଧାମନଗର ଥାନା କାଙ୍କରା ଗ୍ରାମର ଜନୈକା ନାବାଳିକା ଛାତ୍ରୀଙ୍କୁ ସେହି ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ଜଣେ ଯୁବକ ଯୁବକ ଏବଂ ତାର ଦୁଇଜଣ ସାଙ୍ଗଙ୍କ ସହଯୋଗରେ ଅପହରଣ କରି ନେଇଥିବା ଛାତ୍ରୀଙ୍କ ମାଆ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଏଏସଆଇ ନେପାଳ ସାହାଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ; ହେଲେ ତଦନ୍ତକାରୀ ଅଧିକାରୀ ଛାତ୍ରୀ ଏବଂଓ ଅପହରଣ କରିଥିବା ଯୁବକକୁ ଠାବ କରିପାରିନଥିଲେ। ତେବେ ଅଭିଯୋଗର ୫୫ ଦିନ ପରେ ଧାମନଗର ପୁଲିସ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରି ଗତ ୧୧ ତାରିଖ ବିଳମ୍ବିତ ରାତିରେ କେନ୍ଦୁଝର ଜିଲ୍ଲାର ଏକ ଭଡାଘରୁ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ନାବାଳିକାକୁ ଡାକ୍ତର ମାଇନା କରିବା ପରେ ଭଦ୍ରକ ଆସିଆନାରେ ରଖାଯାଇଛି। ଏପଟେ ନାବାଳିକାକୁ ଖୋଜିବାରେ ବିଳମ୍ବ ନେଇ ପରିବାର ଲୋକେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଧାମନଗର ଥାନା ଆଇଆଇସି ଓ ତଦନ୍ତକାରୀ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ୧୧ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତଦନ୍ତକାରୀ ଅଧିକାରୀ ଏଏସଆଇ ନେପାଳ ସାହାଙ୍କୁ ଭଦ୍ରକ ଏସପି ନିଲମ୍ବିତ କରିଛନ୍ତି। ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଦୁଇ ସହଯୋଗୀଙ୍କ ମଧ୍ୟରୁ ପୁଲିସ ଜଣକୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ଜଣେ ସହଯୋଗୀ ଫେରାର ଅଛନ୍ତି। ସେମାନଙ୍କୁ ପୁଲିସ ଖୁବଶୀଘ୍ର ଗିରଫ କରିବ ବୋଲି ଏସପି କହିଛନ୍ତି।

**ସୁଭଦ୍ରା ପେଞ୍ଚ**

# ପ୍ରଥମ କିସ୍ତି ଦେଲେ; ଦ୍ୱିତୀୟ କିସ୍ତିକୁ ମାରିଦେଲେ

## ୨୧ ଜୀବିତ ହିତାଧିକାରୀଙ୍କୁ ମୃତ ଦର୍ଶାଇଲା 'ସୁଭଦ୍ରା' ପୋର୍ଟାଲ


ସାକ୍ଷୀଗୋପାଳ,୧୩।୮ (ସମିସ): ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା 'ସୁଭଦ୍ରା' ଯୋଜନାର ଏକ ବଡ଼ ବ୍ୟତିକ୍ରମ ଦେଖାଯାଇଛି ପୁରୀ ଜିଲ୍ଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକ୍‌ରେ। ଜୀବିତ ଥିବା ୨୧ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ପୋର୍ଟାଲ୍‌ରେ ମୃତ ବୋଲି ଦର୍ଶାଯାଇଛି। ଫଳରେ ଉକ୍ତ ୨୧ ହିତାଧିକାରୀ ସୁଭଦ୍ରା ସହାୟତାରୁ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟା ସମାଧାନ ନିମନ୍ତେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁନାହିଁ ବୋଲି ଉକ୍ତ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ନୂଆ ସମେଶ୍ୱରପୁର ପଞ୍ଚାୟତର ସୁଭଦ୍ରା ହିତାଧିକାରୀ ପ୍ରତିମା ମିଶ୍ର ସ୍ୱାମୀ ଗଙ୍ଗାଧର ମିଶ୍ର। ୧୯୮୮ରେ ତାଙ୍କର ଜନ୍ମ। ସୁଭଦ୍ରାର ପ୍ରଥମ କିସ୍ତି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସାକ୍ଷୀଗୋପାଳ ବ୍ରାଞ୍ଚରେ ଥିବା ଆକାଉଣ୍ଟ ଜରିଆରେ ସେ ପାଇଥିଲେ। ମାତ୍ର ଦ୍ୱିତୀୟ କିସ୍ତି ଟଙ୍କା ତାଙ୍କ ଆକାଉଣ୍ଟକୁ ଆସି ନ ଥିଲା। ଏ ସମ୍ପର୍କରେ ସେ ଏକ ଜନସେବା କେନ୍ଦ୍ରରେ ବୁଝାସୁଝା କରିଥିଲେ ହେଁ ସେଠାରେ ତାଙ୍କୁ ମୃତ ବୋଲି ଦର୍ଶାଯାଇ ଉକ୍ତ ଯୋଜନାରୁ ତାଙ୍କୁ ବାଦ୍ ଦିଆଯାଇଛି ବୋଲି ଜାଣିବାକୁ ପାଇଥିଲେ। ତୁରନ୍ତ ଏ ସମ୍ପର୍କରେ ସେ ବ୍ଲକ୍‌ରେ ଥିବା ସୁଭଦ୍ରା ହେଲ୍ପ ଡେସ୍କ ସହିତ ଯୋଗାଯୋଗ କରିଥିଲେ। ମାତ୍ର ତାଙ୍କ ଅଭିଯୋଗର କୌଣସି ପ୍ରତିକ୍ରିୟା ଏଯାଏଁ ମିଳିନଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଅଞ୍ଜଳି ପ୍ରଧାନ, ସିପ୍ରା ସାହୁ, ନିବେଦିତା ପ୍ରଧାନ ପ୍ରମୁଖଙ୍କୁ ମୃତ ଦର୍ଶାଇ ସୁଭଦ୍ରା ଦ୍ୱିତୀୟ କିସ୍ତିରୁ ବଞ୍ଚିତ କରାଯାଇଛି।

ଗତ ଅକ୍ଷୟ ତୃତୀୟା ଦିନ ସତ୍ୟବାଦୀରେ ଅନୁଷ୍ଠିତ ଅଖିମୁଠି ଅନୁକୂଳ ଅବସରରେ ଏକ ସ୍ୱତନ୍ତ୍ର ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ଉକ୍ତ ହିତାଧିକାରୀମାନେ ଏ ସମ୍ପର୍କରେ ଅବଗତ କରିବା ସହ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ଏହା ମଧ୍ୟରେ ଗତ ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଅବସରରେ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ମିଳିସାରିଛି। ଏହି ହିତାଧିକାରୀମାନେ ସୁଭଦ୍ରା ଯୋଜନାରୁ ବଞ୍ଚିତ ରହିଥିବାବେଳେ ଏହି ପ୍ରମୁଖ ସମସ୍ୟାର ସମାଧାନ କରିବା ନିମନ୍ତେ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାଶ କହିଛନ୍ତି, ପ୍ରତିମା ମିଶ୍ର ଏ ସମ୍ପର୍କରେ ଆମ ବିଭାଗରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ମୁଁ ତାଙ୍କର ସମସ୍ତ ପ୍ରମାଣପତ୍ର ଯାଞ୍ଚ କରିବା ସହ ତାଙ୍କ ବିଷୟରେ ସମସ୍ତ ତଥ୍ୟ ଯୋଗାଡ଼ କରି ଘଟଣାର ସତ୍ୟତା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ସୁଭଦ୍ରା ଯୋଜନାରେ ସତ୍ୟବାଦୀ ବ୍ଲକ୍‌ରେ ୩୧ ଜଣ ହିତାଧିକାରୀ ପ୍ରଥମ କିସ୍ତି ପାଇସାରିବା ପରେ ସେମାନଙ୍କୁ ସୁଭଦ୍ରା ପୋର୍ଟାଲରେ ମୃତ ଦର୍ଶାଯାଇଛି। ସେଥିମଧ୍ୟରୁ ଆମ ବିଭାଗ ପକ୍ଷରୁ ପ୍ରତ୍ୟକ୍ଷ ଭାବରେ ଯାଞ୍ଚ କରାଯାଇଥିଲା। ସମୁଦାୟ ୩୧ ମୃତ ହିତାଧିକାରୀଙ୍କ ମଧ୍ୟରେ ଏବେ ୨୧ ଜଣ ଜୀବିତ ରହିଥିବାବେଳେ ୧୦ ଜଣ ହିତାଧିକାରୀଙ୍କର ପ୍ରକୃତରେ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖୁବ୍‌ଶୀଘ୍ର ସଂଶୋଧନ କରାଯିବା ସହ ବାଦ୍ ପଡ଼ିଥିବା ଏହି ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ୍ କରି ସହାୟତା ଅର୍ଥ ପ୍ରଦାନ କରାଯିବ।

■ ବୁର୍ଲା ଭିମସାରରେ ଅଘଟଣ

# ପ୍ରଥମ ମହଲାରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା ଉଦ୍ୟମ



ସମ୍ବଲପୁର, ୧୩।୮ (ସମିସ): ବୁର୍ଲା ଭିମସାରରେ ଏକ ଅଘଟଣ ଘଟିଛି। ଜଣେ ରୋଗୀ ଭିମସାର୍ ଡାକ୍ତରଖାନାର ପ୍ରଥମ ମହଲାରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ବରଗଡ଼ ଜିଲ୍ଲା ବିଜେପୁର ଥାନା ଅନ୍ତର୍ଗତ ଭାଟିଗାଓଁର ସୁବୀର ସିରଦାର (୨୮) ବୋଲି ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭିମସାର କାଜୁଆଲଟିରେ ଭର୍ତ୍ତି କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ରାତିରେ ଭାଟିଗାଓଁର ସୁବୀର ସିରଦାର ଏକ ଧାରୁଆ ଅସ୍ତ୍ରରେ ନିଜ ତଣ୍ଟି କାଟି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ତାଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ, ଅବସ୍ଥା ଗୁରୁତର ହେବାରୁ ଆଜି ଭୋର ସକାଳୁ ତାଙ୍କୁ ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ଭିମସାର କାଜୁଆଲଟିରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଷ୍ଟ୍ରେଚରରେ ଅସ୍ତ୍ରୋପଚାର ପାଇଁ ପ୍ରାୟ ସାଢ଼େ ୧୧ଟା ସମୟରେ ପ୍ରଥମ ମହଲାରେ ଥିବା କର୍ଣ୍ଣ, ନାସା ଓ ଗଳା (ଇଏନ୍‌ଟି) ବିଭାଗ ଅସ୍ତ୍ରୋପଚାର କକ୍ଷ ସମ୍ମୁଖକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ପରିବାରବର୍ଗଙ୍କ ସହ ଅପେକ୍ଷା କରିବାକୁ କୁହାଯାଇଥିଲା। ଏହି ସମୟରେ ସେଠାରୁ ସେ କୌଶଳକ୍ରମେ ଖସିଯାଇ ପ୍ରଥମ ମହଲା ଛାତରୁ ତଳକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ସ୍ୱାସ୍ଥ୍ୟ କର୍ମୀ, ସୁରକ୍ଷାକର୍ମୀ ଓ ଅନ୍ୟମାନେ ଉଦ୍ଧାର କରି ଭିମସାରରେ ଭର୍ତ୍ତି କରିଥିଲେ। ଏନେଇ ଭିମସାର ଅଧୀକ୍ଷକ ପ୍ରଫେସର ଲାଲମୋହନ ନାୟକ କହିଛନ୍ତି ଯେ, ସୁବୀରଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ରହିଛି। ସମସ୍ତ ପାରାମିଟର ଷ୍ଟେବୁଲ ହେବାପରେ ଇଏନ୍‌ଟି ବିଭାଗ ଅସ୍ତ୍ରୋପଚାର କରାଯିବ ବୋଲି କହିଛନ୍ତି।

# ହୀରାକୁଦ ଜଳସ୍ତର ୬୧୩.୬୦ ଫୁଟ୍

ସମ୍ବଲପୁର, ୧୩।୮ (ସମିସ): ବୁଧବାର ଅପରାହ୍ନ ୩ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୬୦ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୨,୧୪୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୪୦,୧୬୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୩୫,୫୯୦ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୩୬୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୯.୩୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୫.୩୦ ମିମି ବର୍ଷା ହୋଇନଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୭୭ ଫୁଟ୍ ରହିଥିଲା।

■ ଫକୀରମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା

# କୋର୍ଟରେ ପୁଲିସ ସିଡି ଦାଖଲ କରି ନ ପାରିବାରୁ ହେଲାନି ଶୁଣାଣି

**ଆସନ୍ତା ୧୮ ତାରିଖରେ ସିଡି ଦାଖଲ କରିବାକୁ ପୁଲିସକୁ କୋର୍ଟଙ୍କ ନିର୍ଦ୍ଦେଶ**

ବାଲେଶ୍ୱର,୧୩।୮ (ସମିସ): ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ସହଦେବଖୁଣ୍ଟା ପୁଲିସ ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଏବଂ ବିଇଡି ବିଭାଗର ଏଚଓଡ଼ି ସମୀର ସାହୁକ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏପରିକି ଗତ ଜୁଲାଇ ମାସ ୧୨ତାରିଖ ଅର୍ଥାତ ଘଟଣା ଦିନ ହିଁ ସହଦେବଖୁଣ୍ଟା ପୁଲିସ ସମୀରକୁ ଗିରଫ କରିଥିଲା। ତେବେ ସେ ଏସଡିଜେଏମ କୋର୍ଟରେ ତାଙ୍କର ବେଲ ପାଇଁ ଆବେଦନ କରିଥିଲେ ହେଲେ ସେଠାରେ ତାଙ୍କର ବେଲ ନା ମଞ୍ଜୁର ହେବାରୁ ତାଙ୍କର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସେ ଚଳିତ ମାସ ୧ତାରିଖରେ ଜିଲ୍ଲା ଓ ଦୌରା ଜଜଙ୍କ କୋର୍ଟରେ ବେଲ ପାଇଁ ଆବେଦନ କରିଥିଲେ। ଏପରିକି ତାଙ୍କର ବେଲ ଆବେଦନ ନମ୍ବର ୬୩୦/୨୦୨୫ ରହିଥିଲା। ଏହି ବେଲ ଆବେଦନ ଉପରେ ୧୨ତାରିଖରେ ତାଙ୍କର ଶୁଣାଣୀ ଥିଲା ଏବଂ ପୁଲିସକୁ ଏନେଇ ସିଡି ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ସହଦେବଖୁଣ୍ଟା ପୁଲିସ ମଙ୍ଗଳବାର ସିଡି ଦାଖଲ ନକରିବାରୁ ଜିଲ୍ଲା ଓ ଦୌରା ଜଜ ଆସନ୍ତା୧୮ ତାରିଖରେ ସିଡି ଦାଖଲ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଉକ୍ତଦିନ ତାଙ୍କର ବେଲ ଉପରେ ଶୁଣାଣୀ ହେବ ବୋଲି ଜଣାଯାଇଛି।

## ପଞ୍ଚାୟତିରାଜ ବିଭାଗରେ ବାବୁ ପ୍ରୀତି

# ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ

■ ଏମାନେ ଭୋଟ ଚୋରିରୁ ବ୍ଲକ ଚୋରିକୁ ଗଲେଣି: ଅରୁଣ
■ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଅଦାଲତ ଯିବୁ: ଭକ୍ତ

ଭୁବନେଶ୍ୱର,୧୩।୮ (ସମିସ): ରାଜ୍ୟରେ ବିଡିଓଙ୍କୁ କ୍ଷମତାଶାଳୀ କରାଇ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି ସରକାର। ପୂର୍ବରୁ ୨ ଲକ୍ଷରୁ ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ଫାଇଲରେ ବ୍ଲକ୍ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ବାଧ୍ୟତାମୂଳକ ଥିଲା; ହେଲେ ଏବେ ୨ ଲକ୍ଷରୁ ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ବିଡିଓଙ୍କ ଦସ୍ତଖତରେ ହେବ। ଏଥିପାଇଁ ଆଉ ବ୍ଲକ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ଆବଶ୍ୟକ ପଡ଼ିବ ନାହିଁ। ରାଜ୍ୟ ପଞ୍ଚାୟତିରାଜ ବିଭାଗର ଏପରି ନିଷ୍ପତ୍ତି ପରେ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ରାଜ୍ୟ ସରକାର ଭଡ଼ରେ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିଛନ୍ତି ବୋଲି ଉଭୟ ବିରୋଧୀ ଅଭିଯୋଗ କରିଛନ୍ତି। ରାଜ୍ୟର ଅଧିକାଂଶ ବ୍ଲକରେ ଏବେ ବିଜେଡି ସମର୍ଥିତ ଅଧ୍ୟକ୍ଷ ରହିଛନ୍ତି। ତେଣୁ ତଳସ୍ତରରେ ବିଜେପି ସେମାନଙ୍କ କ୍ଷମତା ଉପରେ ଅଙ୍କୁଶ ଲଗାଇବାରେ ବ୍ୟର୍ଥ ହୋଇଛି ଓ ବ୍ଲକ୍‌ଗୁଡ଼ିକରେ ବିଜେପିର କାଟତି ଚଳୁନାହିଁ। ତେଣୁ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ଉପରେ ଅଙ୍କୁଶ ଲଗାଇବାକୁ ସରକାର ପଞ୍ଚାୟତିରାଜ ବ୍ୟବସ୍ଥା ନିୟମରେ ଏହି ବଡ଼ ପରିବର୍ତ୍ତନ କରି ବିଡ଼ିଓଙ୍କ ଜରିଆରେ କାମ ହାସଲ କରିବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି।

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ଅରୁଣ ସାହୁ ଏହି ନିଷ୍ପତ୍ତିକୁ ବିରୋଧ କରିବା ସହ ସରକାରଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ବର୍ତ୍ତମାନ ଗଣତାନ୍ତ୍ରିକ ପଦ୍ଧତିକୁ ମାରି ଦେବାକୁ ଯାଉଛନ୍ତି। ଏମାନେ ଭୋଟ ଚୋରିରୁ ବ୍ଲକ ଚୋରିକୁ ଗଲେଣି। ବ୍ଲକ୍ ପ୍ରତିନିଧିଙ୍କ କ୍ଷମତା କମାଇ ସମ୍ବିଧାନକୁ ହତ୍ୟା କରୁଛନ୍ତି। ଆମେ ବାବୁଙ୍କ କ୍ଷମତା ହ୍ରାସ କରି ଜନ ପ୍ରତିନିଧିଙ୍କୁ କ୍ଷମତା ଦେବୁ ବୋଲି କହୁଥିଲେ, ମାତ୍ର ଏବେ ଜନପ୍ରତିନିଧିଙ୍କ କ୍ଷମତା ହ୍ରାସ କରି ବାବୁମାନଙ୍କୁ କ୍ଷମତା ଦେଉଛନ୍ତି। ବର୍ତ୍ତମାନ ବିଜେଡିର ୯୦ ଭାଗ ବ୍ଲକ ଅଧ୍ୟକ୍ଷ। ସେମାନଙ୍କୁ ହଟାଇବାକୁ ଉଦ୍ୟମ କରି ବିଫଳ ହେବା ପରେ ଏବେ ଅଧ୍ୟକ୍ଷମାନଙ୍କ କ୍ଷମତା ହ୍ରାସ ଯୋଜନା କରିଛନ୍ତି। ଏପରି କ୍ଷମତା ହ୍ରାସ କରିବା ହତ୍ୟା ସହ ସମାନ। ଏ ନିଷ୍ପତ୍ତି ପରିବର୍ତ୍ତନ ନ ହେଲେ ବ୍ଲକର ଅଧ୍ୟକ୍ଷ କୋର୍ଟର ଆଶ୍ରୟ ନେବେ ବୋଲି ଶ୍ରୀ ସାହୁ କହିଛନ୍ତି।

ପିସିସି ସଭାପତି ଭକ୍ତଚରଣ ଦାସ ଏହି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ପଞ୍ଚାୟତସ୍ତରରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ କ୍ଷମତା ହସ୍ତାନ୍ତର କରାଯାଇଛି। କିନ୍ତୁ ଓଡ଼ିଶା ସରକାର ପଞ୍ଚାୟତ ବ୍ୟବସ୍ଥାର ଖୋଲା ଉଲ୍ଲଂଘନ କରି ନିର୍ବାଚିତ ପ୍ରତିନିଧି ମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବା ପାଇଁ ପ୍ରୟାସ କରିଛନ୍ତି। ଏହା ଏକ ହୀନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଚକ୍ରାନ୍ତ। ପ୍ରଦେଶ କଂଗ୍ରେସ ସରକାରଙ୍କ ଏହି ନିଷ୍ପତ୍ତିକୁ ଦୃଢ ଭାବରେ ବିରୋଧ କରୁଛି। ଏଥିପାଇଁ କଂଗ୍ରେସ ରାଜନୈତିକ ଲଢେଇ ସହ ଆଇନଗତ ଲଢେଇ କରିବ ବୋଲି ପିସିସି ସଭାପତି କହିଛନ୍ତି। ସାମ୍ବିଧାନିକ ଅନୁଷ୍ଠାନ ଗୁଡିକୁ ନଷ୍ଟ କରିବା ଦିଗରେ ବିଜେପି ସବୁବେଳେ କାର୍ଯ୍ୟ କରି ଆସୁଛି। ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ଉପେକ୍ଷା କରି ବିଡିଓଙ୍କ ହାତରେ ନିରଙ୍କୁଶ କ୍ଷମତା ପଞ୍ଚାୟତିରାଜ ପରି ପବିତ୍ର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ହତ୍ୟା ଆଉ କିଛି ନୁହେଁ ବୋଲି ଶ୍ରୀ ଦାସ କ୍ଷୋଭର ସହ କହିଛନ୍ତି।

# ୧୭ ଯାଏଁ ବର୍ଷା

**ଆଗାମୀ ସପ୍ତାହରେ ପୁଣି ଏକ ଲଘୁଚାପ**

ଭୁବନେଶ୍ୱର,୧୩।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି । ପଶ୍ଚିମ କେନ୍ଦ୍ରୀୟ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏହି ଲଘୁଚାପ ଯୋଗୁ ୧୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି। ବୁଧବାର କଟକ ଭୁବନେଶ୍ୱର ସମେତ ଭାବନୀପାଟଣା, କୋରାପୁଟ, ମାଲକାନଗିରି, ଢେଙ୍କାନାଳ ଆଦି ଜିଲ୍ଲାରେ ବର୍ଷା ହୋଇଛି। ଗୁରୁବାର କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବ, ତେବେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ମଧ୍ୟ ବର୍ଷା ଆଶଙ୍କା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବୁଧବାର ସକାଳ ସୁଦ୍ଧା ଆନ୍ଧ୍ର ଉପକୂଳ ସଂଲଗ୍ନ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୨୨-୨୩ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଦ୍ୱିତୀୟ ଲଘୁଚାପ ଦ୍ୱାରା ରାଜ୍ୟରେ ବିସ୍ତୃତ ଓ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ସୃଷ୍ଟ ଲଘୁଚାପଟି ଉତ୍ତରକୁ ଗତି କରି ୧୬ରେ ଓଡ଼ିଶା ଉପକୂଳ ଏବଂ ୧୯ ରେ ପଶ୍ଚିମ ଓଡ଼ିଶା ଅତିକ୍ରମ କରି ଛତିଶଗଡ଼ ଦେଇ ମଧ୍ୟପ୍ରଦେଶ ଯିବାର ସମ୍ଭାବନା ରହିଛି। ଏହାଦ୍ୱାରା ୧୪ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ସହ ବଲାଙ୍ଗିର, ସମ୍ବଲପୁରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହୋଇପାରେ। ଅନ୍ୟପଟେ ଚତୁର୍ଥ ସପ୍ତାହରେ ସମ୍ଭାବ୍ୟ ଲଘୁଚାପ ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇ ୨୬ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ବା ଆଭ୍ୟନ୍ତରୀଣରେ ରହିବ। ଏହାଦ୍ୱାରା ସେହି ଦକ୍ଷିଣ ଓଡ଼ିଶା ସମେତ ସାରା ରାଜ୍ୟରେ ବର୍ଷା ହେବ। ଅଗଷ୍ଟ ୧୫ରେ ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ଜୟପୁର, ସକାଳ ଓଳି ପାଗ ଶୁଖିଲା ରହିବ। ଭୁବନେଶ୍ୱରରେ ସକାଳ ୧୦ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସମ୍ଭାବନା ଅଛି ଓ ମଧ୍ୟାହ୍ନରେ ବର୍ଷାର ସମ୍ଭାବନା ଅଧିକ ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପଟେ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ଅଧିକ ରହିଛି। ଏଥିପାଇଁ ସମୁଦ୍ର ଅଶାନ୍ତ ରହିଥିବା ଯୋଗୁଁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

■ ଫାର୍ମାସୀ ଅଫିସର ଓ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି

# ଚୂଡ଼ାନ୍ତ ପରୀକ୍ଷାଫଳ ପରେ ବି ମିଳୁନି ନିଯୁକ୍ତିପତ୍ର

ଭୁବନେଶ୍ୱର, ୧୩।୮ (ସମିସ): ଫାର୍ମାସୀ ଅଫିସର ଓ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ମିଳୁନି। ପ୍ରାୟ ୨ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟାର ଚୂଡ଼ାନ୍ତ ପରୀକ୍ଷା ଫଳ ଗତ ଜୁନ୍ ୧୬ରେ ପ୍ରକାଶ ପାଇ ସାରିଛି। ଜିଲ୍ଲାୱାରୀ ନିଯୁକ୍ତି ତାଲିକା ସାର୍ବଜନୀନ ହୋଇଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ଦିଆଯାଇନି। ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶନର ୨ ମାସ ପରେ ମଧ୍ୟ କାହିଁକି ନିଯୁକ୍ତି ଦିଆଯାଉନି ବୋଲି କୃତୀ ପରୀକ୍ଷାର୍ଥୀମାନେ ପ୍ରଶ୍ନ କରିଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ୨୦୨୩ ଡିସେମ୍ବର ୧୫ରେ ଆଶାୟୀଙ୍କ ଠାରୁ ପ୍ରାର୍ଥିପତ୍ର ଗ୍ରହଣ କରାଯାଇଥିଲା। ଏହାର ପ୍ରାୟ ୮ ମାସ ପରେ ପରୀକ୍ଷା ଏବଂ ଗତ ଜୁନ୍ ୧୬ରେ ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି। ଇତି ମଧ୍ୟରେ ପ୍ରାୟ ୨ ମାସ ବିତିଯାଇଥିଲେ ମଧ୍ୟ ମନୋନୀତ ପ୍ରାର୍ଥୀଙ୍କୁ କାହିଁକି ନିଯୁକ୍ତିପତ୍ର ପ୍ରଦାନ କରାଯାଉ ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ସମୟ ଗଡ଼ୁଥିବାରୁ ସେମାନଙ୍କ ମଧ୍ୟରେ ଉଭୟ ମାନସିକ ଓ ଆର୍ଥିକ ଚାପ ବଢ଼ୁଥିବା ଅଭିଯୋଗ ହୋଇଛି। ଏଣୁ ତୁରନ୍ତ ନିଯୁକ୍ତି ଦେବାକୁ କୃତୀ ପରୀକ୍ଷାର୍ଥୀ ଏବଂ ଫାର୍ମାସିଷ୍ଟ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଛି।

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା; କ୍ରାଇମ୍‌ବ୍ରାଞ୍ଚକୁ ମିଳିଲା ଗୁରୁତ୍ୱପୂର୍ଣ୍ଣ ତଥ୍ୟ

# ଉପସଭାପତିଙ୍କ ଲାପ୍‌ଟପ୍‌ରୁ ପେନ୍‌ଡ୍ରାଇଭ୍‌ରେ ଯାଇଥିଲା ପ୍ରଶ୍ନପତ୍ର

■ ପେନ୍‌ଡ୍ରାଇଭ୍ ଓ ହାର୍ଡକପିକୁ ନେଇ ପ୍ରଥମେ ନୟାଗଡ଼ ଯାଇଥିଲା ଜିତନ
■ ପ୍ରଶ୍ନପତ୍ର ଗ୍ରହଣ କରିଥିବା ବିଜୟଙ୍କ ଭାଇ ଅଡୁଆରେ

କଟକ,୧୩।୮ (ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ଗିରଫ ଦୁଇ ଅଭିଯୁକ୍ତ ତଥା (ମାଧ୍ୟମିକ ଶିକ୍ଷା ପରିଷଦ) ବୋର୍ଡର ଡାଟାଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ଶିକ୍ଷକ ନେତା ବିଜୟ ମିଶ୍ରଙ୍କୁ ଦୁଇ ଦିନିଆ ରିମାଣ୍ଡରେ ନେଇ ମାରାଥନ ଜେରା କରିଛି କ୍ରାଇମବ୍ରାଞ୍ଚ। ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜେରା ସମୟରେ କ୍ରାଇମବ୍ରାଞ୍ଚ ହାସଲ କରିଛି। ଲିକ୍ ହୋଇଥିବା ପ୍ରଶ୍ନପତ୍ର ପ୍ରଥମେ ନୟାଗଡକୁ ଯାଇଥିଲା। ଉଭୟ ଅଭିଯୁକ୍ତ ଏହା ସ୍ୱୀକାର କରିଛନ୍ତି। କ୍ରାଇମବ୍ରାଞ୍ଚ ଆଗରେ ସେମାନେ ସତ କଥା ମାନିଛନ୍ତି। ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ ବୋର୍ଡ ଉପସଭାପତି ନିହାର ମହାନ୍ତିଙ୍କ ଲାପଟପରୁ ମୁଖ୍ୟ କାର୍ଯ୍ୟଟଦାର ଜିତନ ମହାରଣା ପେନ୍‌ଡ୍ରାଇଭରେ ଓଟିଇଟି ପ୍ରଶ୍ନକୁ କପି କରିଥିଲେ ଓ ଏହାର ଏକ ହାର୍ଡ କପି ମଧ୍ୟ ସେହି ଠାରେ ବାହାର କରିଥିଲେ। ପରେ ସେ ଏହି ପେନ୍‌ଡ୍ରାଇଭ ଓ ହାର୍ଡ କପିକୁ ବନ୍ଦ ଲଫାଫାରେ ଭର୍ତ୍ତି କରି ନିଜ ଗାଡିରେ ଜଣେ ଡ୍ରାଇଭରଙ୍କୁ ନେଇ ନୟାଗଡ ଅଭିମୁଖେ ଯାଇଥିଲେ। ସେଠାରେ ସେ ଗିରଫ ଅଭିଯୁକ୍ତ ବିଜୟ ମିଶ୍ରଙ୍କ ଭାଇଙ୍କୁ ଏହାକୁ ହସ୍ତାନ୍ତର କରିଥିଲେ। ଏ ସମ୍ପର୍କରେ ଜିତନ ଓ ବିଜୟ ସତ ଉଗାଳିବା ପରେ କ୍ରାଇମବ୍ରାଞ୍ଚ ଆଜି ସମ୍ପୃକ୍ତ ଗାଡିର ଡ୍ରାଇଭର ଓ ଓ ବିଜୟଙ୍କ ଭାଇଙ୍କୁ ପଚରାଉଚୁରା କରିଥିବା ଜଣାପଡିଛି। ତେବେ ଡ୍ରାଇଭର ଜଣକ ଏହି ଘଟଣା ସମ୍ପର୍କରେ ପୂର୍ବରୁ ଜାଣିଥିଲା ନା କେବଳ ନିଜର ପାରିଶ୍ରମିକ ପାଇଁ ଯାଇଥିଲା ତାହାର ଯାଞ୍ଚ କରୁଛି କ୍ରାଇମବ୍ରାଞ୍ଚ। ସେହିଭଳି ବିଜୟଙ୍କ ଭାଇଙ୍କୁ ଯେହେତୁ ଏହି ଲିକ୍ ହୋଇଥିବା ପ୍ରଶ୍ନପତ୍ର ହସ୍ତାନ୍ତର ହୋଇଥିଲା ଏଣୁ ତାଙ୍କ ପାଇଁ ଅଡୁଆ ବଢ଼ିଛି। କାରଣ ବିଜୟଙ୍କ ଭାଇ ସମ୍ଭବତଃ ଜାଣିଥିଲେ ଯେ ଜିତନଙ୍କ ଠାରୁ କଣ ଗ୍ରହଣ କରି କେଉଁ ଠାରେ ଦେବାକୁ ପଡ଼ିବ। କାରଣ ନୟାଗଡରୁ ରାୟଗଡାର ଆମ୍ବଦଳାକୁ ହିଁ ବିଜୟଙ୍କ ଭାଇ ସେହି ଲଫାଫା ନେଇ ଯାଇ ବିଜୟ ଓ ତାଙ୍କ ଅନ୍ୟ ସହଯୋଗୀ ମାନଙ୍କୁ ପ୍ରଦାନ କରିଥିଲେ। ଏଣୁ ବିଜୟଙ୍କ ଭାଇର ଯଦି ଘଟଣାରେ ସିଧାସଳଖ ସମ୍ପୃକ୍ତି ଥିବା ନେଇ ଅନୁମାନ କରାଯାଉଛି। ଏହା ପ୍ରମାଣିତ ହେଲେ ତାଙ୍କୁ ମଧ୍ୟ ଦିନେ ଦୁଇ ଦିନ ଭିତରେ ଗିରଫ କରାଯିବାର ସମ୍ଭାବନା ରହିଛି। ଏହି ଘଟଣାରେ ସମ୍ପୃକ୍ତିରୁ ବର୍ତ୍ତିବା ପାଇଁ ଅଭିଯୁକ୍ତ ଦ୍ୱୟ ବେଶ୍ ଚତୁରତାର ସହ କାର୍ଯ୍ୟ କରିଥିଲେ ବୋଲି ଉଭୟ ବିଜୟ ଓ ଜିତନଙ୍କୁ ଜେରାରୁ ସ୍ପଷ୍ଟ ହୋଇଛି। ବୋର୍ଡ କାର୍ଯ୍ୟାଳୟରୁ ଜିତନ ପ୍ରଶ୍ନପତ୍ରକୁ ପେନ୍‌ଡ୍ରାଇଭରେ କପି କରି ଆଣିବା ପରେ ବିଜୟଙ୍କ ସହ ତାଙ୍କର ଫୋନ ଯୋଗେ ବାର୍ତ୍ତାଳାପ ହୋଇଥିଲା। କିଭଳି ସମସ୍ତଙ୍କ ନଜରରୁ ବର୍ତ୍ତି ସହଜରେ କୋୖଣସି ପ୍ରମାଣ ନ ଛାଡି ପ୍ରଶ୍ନପତ୍ରକୁ ଲିକ୍ କରାଯିବ ତାହାର ଉପାୟ ପାଞ୍ଚିଥିଲେ ବିଜୟ। ବିଜୟଙ୍କ ଯୋଜନା ମୁତାବକ ଜିତନ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ ବୋଲି କ୍ରାଇମବ୍ରାଞ୍ଚ ଉଭୟଙ୍କୁ ସାମ୍ନାସାମ୍ନି ଜେରା କରି ଏହା ଜାଣିବାକୁ ପାଇଛି। ଏପରିକି ଏହି ଘଟଣାରେ ବିଜୟଙ୍କ ଭାଇକୁ କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ଭାବେ ଗ୍ରହଣ କରି ତାଙ୍କ ସହ ପୂର୍ବରୁ ଗିରଫ ହୋଇଥିବା ଶିକ୍ଷକ, ବୋର୍ଡ ଉପସଭାପତି କିମ୍ବା ଆଉ କାହାର ସମ୍ପର୍କ ରହିଛି ତାହାର ଖୋଳତାଡ କରୁଛି। ଏଥିପାଇଁ ଆବଶ୍ୟକ ହେଲେ ଅନ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି କ୍ରାଇମବ୍ରାଞ୍ଚ ଜେରା କରିପାରେ ବୋଲି ଚର୍ଚ୍ଚା ହେଉଛି।

**ପରିବହନ ବିଭାଗ ବେଫିକର**

# ଦୁଇଗୁଣ ଭଡ଼ା ନେଉଛନ୍ତି ଘରୋଇ ବସ୍

ଭୁବନେଶ୍ୱର, ୧୩।୮ (ସମିସ): ଦିନକେଇଟା ପରେ ପାର୍ବଣ ଋତୁ ଆରମ୍ଭ ହୋଇଯିବ। ସହରରୁ ଗାଁ ଓ ଗାଁରୁ ସହରକୁ ଲୋକମାନଙ୍କ ଯାତାୟତ ବଢ଼ିବ। ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଆଦି ସହରରୁ ଲୋକମାନେ ଗ୍ରାମାଞ୍ଚଳକୁ ବସ୍ ଯୋଗେ ଯିବେ। ଏହି ସମୟରେ ଯାତ୍ରୀଙ୍କ ଭିଡର ଫାଇଦା ଉଠାଉଛନ୍ତି କିଛି ଘରୋଇ ବସ୍। ଏଜେଣ୍ଟଙ୍କ ଜରିଆରେ ନିର୍ଦ୍ଧାରିତ ଭଡ଼ାଠୁ ଅଧିକ ନେଉଛନ୍ତି। ଏମିତିକି ଅନ୍‌ଲାଇନ୍ ଟିକେଟ୍‌ରେ ଅଧିକାଂଶ ସମୟରେ ଯାତ୍ରୀଙ୍କଠୁ ଦୁଇଗୁଣା ଭଡ଼ା ନେବାକୁ ପଛାଉନାହାନ୍ତି। ନିୟମିତ ରାଜଧାନୀରୁ ଦୂରଦୂରାନ୍ତକୁ ଯାତ୍ରା କରୁଥିବା କିଛି ଯାତ୍ରୀ ଏଭଳି ଅଭିଯୋଗ କରିଛନ୍ତି।

ବସିବା ସିଟ୍ ଉପରେ ଥିବା ଏକମାତ୍ର ସ୍ଲିପର୍ ସିଟ୍‌ରେ ଦୁଇଜଣ ଲେଖାଏଁ ଯାତ୍ରୀଙ୍କୁ ନେଇ ଦୁଇଟି ଭଡା ଆଦାୟ କରୁଛନ୍ତି। ସ୍ଲିପର୍‌ରେ ଯେତିକି ଭଡ଼ା ରହିଛି, ତା'ଠୁ ଅଧିକ ଭଡା ଯାତ୍ରୀଙ୍କଠୁ ନିଆଯାଉଛି। ପାର୍ବଣ ସମୟ ଆସିଲେ, ଜାଣିଶୁଣି ଘରୋଇ ବସ୍ ମାଲିକ ଓ କିଛି ଏଜେଣ୍ଟ ବସ୍ ସିଟ୍‌ର କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ପରବର୍ତ୍ତୀ ସମୟରେ ଯାତ୍ରୀମାନଙ୍କଠୁ ଅଧିକ ଭଡ଼ା ନେଇ ବସ୍‌ରେ ସେହି ସିଟ୍ ଦେଉଛନ୍ତି। କେବଳ ଏତିକି ନୁହେଁ ନାଇଟ୍ କୋଚ୍ ବସ୍‌ରେ ଜଣେ ଯାତ୍ରୀଙ୍କ ପାଇଁ ସ୍ଲିପର୍ ବ୍ୟବସ୍ଥା ରହିଛି। ସିଟ୍ ଭଡ଼ାଠୁ ସାମାନ୍ୟ ଅଧିକ ନେଉଛନ୍ତି। ହେଲେ କିଛି ବସ୍‌ରେ ଗୋଟିଏ ସ୍ଲିପର୍ ସିଟ୍‌ରେ ଦୁଇଜଣ ଯାତ୍ରୀଙ୍କୁ ଦୈନିକ ରାଜ୍ୟର ପ୍ରମୁଖ ସହର ଓ ଗାଁରୁ ଶହ ଶହ ଯାତ୍ରୀ ଭୁବନେଶ୍ୱରକୁ ଆସୁଛନ୍ତି। ଭଦ୍ରକ, ଚାନ୍ଦବାଲି, ବାଲେଶ୍ୱର, ବାରିପଦା, ମୟୁରଭଞ୍ଜ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡା, ସାଲେପୁର, କୋରାପୁଟ, ରାୟଗଡା, କଳାହାଣ୍ଡି, ଫୁଲବାଣୀ, ଅନୁଗୋଳ, ଢେଙ୍କାନାଳ ଆଦି ସହରକୁ ରାଜଧାନୀରୁ ଦୈନିକ ଶତାଧିକ ଘରୋଇ ନାଇଟ୍ କୋଚ୍ ବସ୍ ଯାତାୟତ କରିଥାଏ। ବିଶେଷକରି ଦୁର୍ଗା, ଲକ୍ଷ୍ମୀ ଓ କାଳୀ ପୂଜା ସମୟରେ ଦୁଇଗୁଣା ଯାତ୍ରୀ ଯାତାୟତ କରିଥାନ୍ତି। କାଳୀପୂଜା ଓ ଲକ୍ଷ୍ମୀପୂଜା ପାଇଁ ଅନେକ ଯାତ୍ରୀ ଗାଁକୁ ଯାଇଥାନ୍ତି। ଏଥିପାଇଁ ଦେଢ଼ ମାସ ଆଗରୁ ଟିକେଟ୍ ବୁକିଂ ହୋଇଥାଏ। ବିଶେଷକରି ଗ୍ରାମାଞ୍ଚଳକୁ ଯାତାୟତ କରୁଥିବା ବସ୍‌ରେ ଅଧିକ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହି ଅଞ୍ଚଳକୁ ଯାଉଥିବା ବସ୍‌ରେ ଯାତ୍ରୀଙ୍କଠୁ ଭଡ଼ା ଅଧିକ ଆଦାୟ କରାଯାଇଥାଏ। ଅନ୍‌ଲାଇନ୍‌ରେ ବୁକିଂ ହେଉଥିବା ଟିକେଟ୍‌ରେ ଅଫ୍‌ଲାଇନ୍ ଟିକେଟ୍‌ଠାରୁ ଢ଼େର ଅଧିକ ଯାତ୍ରୀଙ୍କଠୁ ନିଆଯାଉଛି। ବେଳେବେଳେ ଦୁଇଗୁଣା ଭଡା ମଧ୍ୟ ନିଆଯାଉଛି। ଏ ସଂକ୍ରାନ୍ତରେ ଯାତ୍ରୀମାନେ ଅନେକ ସମୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିୟମିତ ବ୍ୟବଧାନରେ ବସ୍‌ଗୁଡ଼ିକ ଯାଞ୍ଚ କରାଯାଉ ନଥିବାରୁ କିଛି ବସ୍ ମାଲିକ ମାସ ମାସ ଧରି ଯାତ୍ରୀଙ୍କଠୁ ଲୁଟି ଚାଲିଛନ୍ତି। ଯଦି କୌଣସି ଯାତ୍ରୀ ଶେଷ ମୁହୂର୍ତ୍ତରେ ଟିକେଟ୍ ବାତିଲ କରିବାକୁ ଚାହୁଁଛି, ତାକୁ ତା'ର ଟିକେଟ୍ ଅର୍ଥ ଫେରସ୍ତ କରାଯାଉ ନାହିଁ। ପାର୍ବଣ ସମୟରେ ଅଧିକ ଭଡ଼ା ନେଉଥିବା ବସ୍‌ଲିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

**ନିର୍ଦ୍ଧାରିତ ଭଡ଼ା**

| | |
|---|---|
| ସାଧାରଣ ବସ୍ | ଟ. ୦.୮୮/କିମି |
| ଦ୍ରୁତଗାମୀ ବସ୍ | ଟ. ୦.୯୨/କିମି |
| ଡିଲକ୍ସ ବସ୍ | ଟ. ୧.୨୭/ କିମି |
| ଏସି ଡିଲକ୍ସ ବସ୍ | ଟ. ୧.୫୫/କିମି |
| ସୁପର୍ ପ୍ରିମିୟମ୍ ବସ୍ | ଟ. ୨.୪୧/କିମି |

# ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବ୍ ପୋର୍ଟାଲ ଉଦ୍‌ଘାଟିତ

ଭୁବନେଶ୍ୱର,୧୩।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବ୍ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଏମ୍‌ଏଲ୍‌ଏ ଲ୍ୟାଡ୍ (ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି) ଓ ସିଏମ୍-ଏସ୍‌ଏ (ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା) ର ସରଳୀକୃତ ମାର୍ଗଦର୍ଶିକାକୁ ମଧ୍ୟ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ପ୍ରଶାସନିକ ପ୍ରକ୍ରିୟାରେ ସରଳତା ଆଣିବା ସହିତ ଜନସାଧାରଣଙ୍କ ପାଇଁ ଅତି ଆବଶ୍ୟକ ଓ ଛୋଟ ଛୋଟ ମୌଳିକ ଭିତ୍ତିଭୂମିଗୁଡିକୁ ଶୀଘ୍ର ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବାରେ ସହାୟକ ହେବ।

ନୂଆ ମାର୍ଗଦର୍ଶିକାରେ ବିଭିନ୍ନ କ୍ଷେତ୍ରକୁ ଧ୍ୟାନ ଦିଆଯିବା ସହ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡିକୁ ଗ୍ରହଣ କରିବାର ବ୍ୟବସ୍ଥା ଥିବାବେଳେ ଅନାବଶ୍ୟକ ପ୍ରକଳ୍ପଗୁଡ଼ିକୁ ବାଦ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହା ସହିତ ପ୍ରକଳ୍ପର ସୁପାରିସଠାରୁ ଅନୁମୋଦନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ (କାର୍ଯ୍ୟାଦେଶ ପର୍ଯ୍ୟନ୍ତ) ସମୟ ଅବଧି ୩୦ ଦିନ ରଖାଯାଇଛି। ସେହିପରି ପରିବର୍ତ୍ତିତ ସିଏମ୍-ଏସ୍‌ଏ ମାର୍ଗଦର୍ଶିକା ଦ୍ୱାରା ପ୍ରକଳ୍ପଗୁଡ଼ିକ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ନୂତନ ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବପୋର୍ଟାଲରେ ବିଧାୟକମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିସ, ପ୍ରକଳ୍ପ ଆବଶ୍ୟକତାର ତର୍ଜମା, ଯୋଜନା ଓ ବ୍ୟୟ ଅଟକଳ ପ୍ରସ୍ତୁତି, ପ୍ରକଳ୍ପର ଅନୁମୋଦନ, କାର୍ଯ୍ୟାଦେଶ, ତଦାରଖ, ନିରୀକ୍ଷଣ, ବ୍ୟୟ ଓ କାର୍ଯ୍ୟ ସମ୍ପାଦନ ଆଦି ନିର୍ଦ୍ଧାରିତ ସମୟରେ ସମ୍ପାଦନ କରାଯାଇପାରିବ। ଏହି ପୋର୍ଟାଲ ମାଧ୍ୟମରେ ବିଧାୟକମାନେ ସେମାନଙ୍କର ନିର୍ବାଚନମଣ୍ଡଳୀରେ ସୁପାରିସ କରିଥିବା ସମସ୍ତ ପ୍ରକଳ୍ପର ବାସ୍ତବ ସ୍ଥିତି ବିଷୟରେ ଅବଗତ ହୋଇପାରିବେ ଓ ଜନସାଧାରଣଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଏହି ପୋର୍ଟାଲରେ ଉପଲବ୍ଧ ହେବ।

## ବଜ୍ରପାତରୁ ରକ୍ଷା ପାଇଁ ସଚେତନତା ରଥର ଶୁଭାରମ୍ଭ



ବାରିପଦା, ୧୩।୮ (ସମିସ): ବୁଧବାର ବାରିପଦା ପୌରପାଳିକା ଆନୁକୂଲ୍ୟରେ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ବଜ୍ରପାତ ଜନିତ ଆକସ୍ମିକ ବିପଦରୁ ରକ୍ଷା ପାଇବା ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଏହାକୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକ, ଜିଲ୍ଲା ଜରୁରୀ କାଳୀନ ଅଧିକାରିଣୀ ଶ୍ରଦ୍ଧା ସୁମନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉକ୍ତ ରଥ ସହରରେ ପରିକ୍ରମା କରି ଲୋକଙ୍କୁ ବଜ୍ରପାତରୁ ରକ୍ଷା ପାଇବାର ବାର୍ତ୍ତା ମାନ ପ୍ରଚାର କରିବ । ବଜ୍ରପାତରୁ ଘରକୁ ରକ୍ଷା କରିବା ପାଇଁ ବଜ୍ରପାତ ପ୍ରତିରୋଧକ କଣ୍ଡକ୍ଟର ଲଗାଇବା, ଘଡଘଡି ଶବ୍ଦ ଶୁଣିଲେ ଖୋଲା ସ୍ଥାନରୁ ଯଥାଶୀଘ୍ର କୌଣସି ପକ୍କାଘର ଭିତରକୁ ଚାଲି ଆସିବା, ମୋଟା ଚଦର ଛାତ ଥିବା ଗାଡ଼ି ଯଥା କାର୍, ବସ୍ ଆଦି ଯାନ ମଧ୍ୟ ନିରାପଦ ସ୍ଥାନକୁ ଚାଲିଯିବା, ଘର ଭିତରେ ଥିବାବେଳେ ଝରକା, କବାଟ ଏବଂ କାନ୍ଥ ଠାରୁ ଛାଡ଼ି ରହିବା, ବିଦ୍ୟୁତ୍ ସୁପରିବାହୀ ବସ୍ତୁଠାରୁ ଦୂରରେ ରହିବା, ନିରାପଦ ଆଶ୍ରୟସ୍ଥଳୀଠାରୁ ଦୂରରେ ଥିଲେ ଖାଲୁଆ ଜାଗା ଦେଖି ଜାକିଜୁକି ହୋଇ ରହିବା, ମୁଣ୍ଡ ଓ ଦେହରୁ ଧାତୁ ତିଆରି ଜିନିଷ ଅଲଗା କରିବା, ଯଥାସାଧ୍ୟ କମ୍ ଉଚ୍ଚତାରେ ରହିବା ମୁଣ୍ଡ ବାଳ ଠିଆ ଠିଆ ହୋଇଗଲେ କିମ୍ବା ପାଖ ପଥର ଆଦିରୁ ପ୍ରତିଫଳିତ ଶବ୍ଦ କାନକୁ ଶୁଭିଲେ ସେ ସ୍ଥାନ ଛାଡି ତୁରନ୍ତ ଚାଲିଯିବା, ଯଦି ଗାଡ଼ି ଚଳାଉଥାନ୍ତି, ତାହାହେଲେ ଧୀରେ ଚଳାଇବା, ଗଛ କିମ୍ବା ବିଦ୍ୟୁତ୍ ତାର ଓ ଖୁଣ୍ଟଠାରୁ ଯଥାସମ୍ଭବ ଦୂରରେ ରହିବା, ପୋଖରୀ ଅଥବା ଜଳାଶୟ ନିକଟରେ ନ ରହିବା ଆଦି ସଚେତନତା କରିବ ଏହି ରଥ ।

### ବୁଢାବଳଙ୍ଗରୁ ଭରା ପାଣିରୁ ବେଆଇନ ବାଲି ଉତ୍ତୋଳନ ଘଟଣା

# ଜବତ ମଟର ଚାଳିତ ଡଙ୍ଗାକୁ ୩ ଲକ୍ଷ ଜରିମାନା

ବାରିପଦା, ୧୩।୮ (ସମିସ)

ମୟୂରଭଞ୍ଜ ଜିଲ୍ଲାରେ ଲଘୁ ଖଣିଜ ଉତ୍ତୋଳନ ଓ ପରିବହନ ବାବଦରେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ କରାଯାଇଛି । ସରକାରୀ ନିୟମକୁ ଅବମାନନା କରାଯାଇ ବେଆଇନ ଉତ୍ତୋଳନକାରୀଙ୍କୁ ସହଜରେ ଖସାଇ ଦିଆଯାଇଛି; ଯାହାକି ଖଣି ଓ ରାଜସ୍ୱ ବିଭାଗର ନିୟମ ଉଲ୍ଲଂଘନ ହେଉଥିବା ବେଳେ ବିଭାଗୀୟ

**● କୋର୍ଟ ଓ ବିଭାଗୀୟ ନିୟମକୁ ଅଣଦେଖା**

ଅଧିକାରୀଙ୍କ ଏତାଦୃଶ କାର୍ଯ୍ୟକଳାପ ତଦନ୍ତ ସାପେକ୍ଷ ବୋଲି ଭଞ୍ଜସେନା ପକ୍ଷରୁ କୁହାଯାଇଛି । କମ୍ପାଉଣ୍ଡ ଫାଇନ କାଟି ବାଲି ଚୋରଙ୍କୁ ପ୍ରୋତ୍ସାହିତ କରାଯାଉଥିବାରୁ ଜିଲ୍ଲାରେ ଲଘୁ ଖଣିଜ ଉତ୍ତୋଳନ ଓ ଚୋରା ଚାଲାଣରେ ରୋକ ଲାଗିପାରୁନାହିଁ । ଏ ନେଇ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗକେଶରୀ ଜେନା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ବିଭାଗ, ମୁଖ୍ୟ ଶାସନ ସଚିବ ଓ ଜିଲ୍ଲାପାଳଙ୍କ ନିକଟରେ



ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ, ବାରିପଦା ତହସିଲ ଅଧୀନ କାଞ୍ଚନପାଳ ଓ ଜାମଦାପାଳ ଅଞ୍ଚଳରେ ବୁଢାବଳଙ୍ଗ ନଦୀରୁ ବେଆଇନ ବାଲି ଉତ୍ତୋଳନକୁ ନେଇ ଗ୍ରାମବାସୀ ଜିପିଏସ ଭିଡିଓ ଫଟୋ ସହିତ ବିଭାଗକୁ ଅବଗତ କରିଥିଲେ; ଯାହାକୁ ନେଇ ବିଭାଗର କର୍ମଚାରୀ ଦୁଇ ଦିନ ପରେ ଚଢଉ କରି ମଟରଚାଳିତ ଡଙ୍ଗାକୁ ଜବତ କରିବା ସହିତ ରଙ୍ଗାମାଟିଆ ଗ୍ରାମର ମେଘରାଏ ମୁର୍ମୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ବିଭାଗ ପକ୍ଷରୁ ମଟରଚାଳିତ ଡଙ୍ଗାରୁ କମ୍ପାଉଣ୍ଡ ଫାଇନ ବାବଦରେ ୩ଲକ୍ଷ ଜରିମାନା ଆଦାୟ କରି ଅଭିଯୁକ୍ତକୁ ଛାଡି ଦିଆଯାଇଛି । ତେବେ ୨୦୨୧ ଫେବୃଆରୀ ୨୧ରେ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ ଇଷ୍ଟର୍ଣ୍ଣ ଜୋନ କଲିକତାଙ୍କ ନୋଟିସକୁ ଭିତ୍ତିକରି ବେଆଇନ ଲଘୁ ଖଣିଜ ଉତୋଳନ ଓ ପରିବହନ ଉପରେ ରୋକ ଲଗାଇବା ପାଇଁ କଡାକଡି ଜରିମାନା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ନେଇ ରାଜ୍ୟ ସରକାରଙ୍କ ଷ୍ଟିଲ ଏବଂ ମାଇନ୍ସ ବିଭାଗର ନୋଟିସ ନଂ ୯୨୩୮/୨୫ ଅକ୍ଟୋବର ୨୦୨୪ ଅନୁଯାୟୀ ବେଆଇନ ଉତ୍ତୋଳନ ଓ ପରିବହନରେ ସାମିଲ ଥିବା ଉତ୍ପାଦନ କମ୍ପାନୀ ଯାନବାହାନ ଉପରେ ଜରିମାନା କରିବାକୁ ସ୍ତର ଅନୁଯାୟୀ ସୂଚନା ପ୍ରଦାନ କରାଯାଇଛି । ନୂତନ ଓ ପୁରାତନ ଯାନ ବାହାନର ମୂଲ୍ୟକୁ ଭିତ୍ତିକରି ଜରିମାନା ନିର୍ଦ୍ଧାରଣ କରାଯିବାର ନିର୍ଦ୍ଦେଶ ରହିଛି; ମାତ୍ର ମନୁଷ୍ୟକୃତ ଯନ୍ତ୍ର ସାହାଯ୍ୟରେ ଲଘୁଖଣିଜ ଉତ୍ତୋଳନ କରୁଥିବା ଯନ୍ତ୍ରାଂଶକୁ ଜବତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରିବାର ନିୟମ ରହିଛି ବୋଲି ସୁପ୍ରିମକୋର୍ଟର ଆଇନଜୀବୀ ଶଙ୍କରପ୍ରସାଦ ପାଣି କହିଛନ୍ତି । ତେବେ ମଟରଚାଳିତ ଡଙ୍ଗା ଜରିଆରେ ଉତ୍ତୋଳନ ହେଉଥିବା ଯନ୍ତ୍ରକୁ ବିଭାଗ ପକ୍ଷରୁ କମ୍ପାଉଣ୍ଡ ଜରିମାନା ଆକାରରେ ଫାଇନ ଗ୍ରହଣ କରି ଛାଡିଦିଆଯାଇଛି; ଯାହାକି ସରକାରଙ୍କ ନିୟମ ଓ ଏନଜିଟିଙ୍କ ନିର୍ଦ୍ଦେଶକୁ ଅବମାନନା ସହିତ ସମାନ । ବିଭାଗୀୟ ଅଧିକାରୀ କାହା ଚାପରେ ବା କ'ଣ ଉଦ୍ଦେଶ୍ୟରେ ଏଭଳି ଅପ ପ୍ରୟାସ କଲେ ସେ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଶ୍ରୀ ଜେନା । ଆବଶ୍ୟକ ପଡ଼ିଲେ ଆଇନର କାଡଗଡ଼ାକୁ ଟଣାଯିବ ବୋଲି ସେ କଡା ଚେତାବନୀ ଦେଇଛନ୍ତି । ଜିଲ୍ଲା ଖଣି ବିଭାଗର ନିରୀକ୍ଷକ ଉଦୟଭାନୁ ସାହୁଙ୍କୁ ଯୋଗାଯୋଗ କରିବାରୁ ଅଭିଯୁକ୍ତ ଦୋଷ ସ୍ୱୀକାର କରିଥିବାରୁ କମ୍ପାଉଣ୍ଡ ଜରିମାନା ଆଦାୟ କରାଯାଇ ଛାଡିଦିଆଯାଇଛି । ପରବର୍ତ୍ତୀ ସମୟରେ ପୁଣି ଦୋଷ କଲେ ମୋଟର ଚାଳିତ ଡଙ୍ଗା ଜବତ ପୂର୍ବକ ନଷ୍ଟ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି ବୋଲି କହିଛନ୍ତି ।

## ଯୁବକଙ୍କୁ ହାଣିବା ଘଟଣାରେ ୩ ଗିରଫ

ବୈଶିଙ୍ଗା, ୧୩।୮ (ସମିସ): ମା' ଓ ସ୍ତ୍ରୀଙ୍କୁ ଅଶ୍ଳୀଳ କମେଣ୍ଟ ମାରିବାକୁ କେନ୍ଦ୍ରକରି ଥାନାକୁ ଏତଲା ଦେବାକୁ ଯାଉଥିବା ବେଳେ ବୈଶିଙ୍ଗା ଥାନା ପୁରୁଣିଆ ଉପକଣ୍ଠ ତାଳଭଙ୍ଗା ଛକରେ ଦୁଇଭାଇଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିବା ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଆକ୍ରମଣରେ ବଡ଼ଭାଇ କାର୍ତ୍ତିକ ପାଢ଼ୀ ଗୁରୁତର ଆହତ ହୋଇ ବାଲେଶ୍ୱରରେ ଚିକିତ୍ସାଧୀନ ଅଛନ୍ତି । ଏକ ମାମଲା ରୁଜୁ କରି ଏସପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶ ପରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଏକ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିଳମ୍ବିତ ରାତିରେ ୩ ଯୁବକଙ୍କୁ ଘରୁ ଟେକି ଆଣିଥିଲେ । ସେମାନେ ହେଲେ ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଗ୍ରାମର ଅଜୟ ବେହେରାର ପୁଅ ରାଜେନ୍ଦ୍ର ବେହେରା ଊରଫ ବୁନୁ, କେଶୁରା ଗ୍ରାମର ଭାଗବତ ସିଂହର ପୁଅ ଗଣେଶ୍ୱର ସିଂହ ଊରଫ ବାବୁ ଓ ବଙ୍ଗାଳିଡାହି ଗ୍ରାମର ଲମ୍ବୋଦର ପ୍ରଧାନର ପୁଅ ଗୌତମ ପ୍ରଧାନ ଓରଫ ଅମର । ତେବେ ଏବେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ ୪/୫ଜଣ ଫେରାର ଅଛନ୍ତି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ସଂରକ୍ଷିତ ଜଙ୍ଗଲରେ ଲାଗିଲା ୪୦ ହଜାର ଚାରା

ବୈଶିଙ୍ଗା, ୧୩।୮ (ସମିସ): ବେତନଟୀ ରେଞ୍ଜ ଅଧୀନରେ ୫୯ଟି ବିସ୍ତୀର୍ଣ୍ଣ ସଂରକ୍ଷିତ ଜଙ୍ଗଲ ରହିଥିବାବେଳେ ଚଳିତବର୍ଷ ୪ଟି ସଂରକ୍ଷିତ ଜଙ୍ଗଲରେ ୪୦ ହଜାର ଚାରା ରୋପଣ କରାଯାଇଛି । ଧାର୍ଯ୍ୟ ନିଷ୍ପତ୍ତି ମୁତାବକ ବେତନଟୀ ବନବିଭାଗ ପକ୍ଷରୁ ଚଳିତବର୍ଷ ଆଗୁଆଡ଼, ବଡାମପୁର, ନଡପୁର ଉପକଣ୍ଠ ଦଲକି ଏବଂ ମଛପଦା ଉପକଣ୍ଠ ନୟାବସନ୍ତପୁର ସଂରକ୍ଷିତ ଜଙ୍ଗଲରେ ୪୦ ହଜାର ଚାରା ରୋପଣ କରାଯାଇଥିବା ବେତନଟୀ ରେଞ୍ଜର ମନୁଓ୍ୱର ଖାଁ ସୂଚନା ଦେଇଛନ୍ତି । ତେବେ ଚାରାଗଛ ରୋପଣ ପୂର୍ବରୁ ସଂରକ୍ଷିତ ଜଙ୍ଗଲ ଗୁଡିକର ସୁରକ୍ଷାବାଡ ଏବଂ ଗର୍ତ୍ତ ଖନନ ପୂର୍ବକ ଗଛ ଲଗାଯିବାକୁ ଶଯ୍ୟା ପ୍ରସ୍ତୁତ କରାଯାଇଥିଲା । ସମ୍ପୃକ୍ତ ୪ଟି ସଂରକ୍ଷିତ ଜଙ୍ଗଲର ବନସୁରକ୍ଷା ସମିତିକୁ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ବେଳେ ସେମାନେ ଚାରାଗୁଡିକର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି । ପ୍ରତ୍ୟେକ ସଂରକ୍ଷିତ ଜଙ୍ଗଲରେ ଧାର୍ଯ୍ୟ ଲକ୍ଷ୍ୟ ୧୦ ହଜାର ଗର୍ତ୍ତ ପରିବର୍ତ୍ତେ ଏକହଜାର ପାଖାପାଖି ଗର୍ତ୍ତଅଧିକ ଖନନ କରାଯାଇ ଚାରାରୋପଣକୁ ଶତପ୍ରତିଶତ ସଫଳ କରିବାର ପ୍ରକ୍ରିୟାକୁ ସୁନିଶ୍ଚିତ କରାଯାଇଥିଲା । ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ମଧ୍ୟ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ୪ରୁ ୫ହଜାର ଚାରାଗଛ ରୋପଣ କରାଯିବାର ମଧ୍ୟ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

### ଶିକ୍ଷକ ବଦଳି ଅନିୟମିତତା ପ୍ରସଙ୍ଗ

## ୧୯ରେ ଡିଇଓ ଓ ଡିଡବ୍ଲୁଓ କାର୍ଯ୍ୟାଳୟରେ ଭଞ୍ଜସେନାର ତାଲାବନ୍ଦ

ବାରିପଦା, ୧୩।୮ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷକ ବଦଳି ଅନିୟମିତତା ପ୍ରସଙ୍ଗରେ ଭଞ୍ଜସେନା ଆସନ୍ତା ୧୯ ତାରିଖରେ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଓ ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲୁଓ)ଙ୍କ କାର୍ଯ୍ୟାଳୟରେ ତାଲା ବନ୍ଦ ଆନ୍ଦୋଳନ ଚେତାବନୀ ଦେଇଛି । ଉଭୟ ଅଧିକାରୀ ମନମୁଖି ଶିକ୍ଷକ ବଦଳି, ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ପାଖାପାଖି ୧୪୦ ଜଣ ଶିକ୍ଷକଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରି ଜିଲ୍ଲା ସଦର ମହକୁମା ବାରିପଦା ସହର ପାଖାପାଖି ରଖିବା, ମଧ୍ୟାହ୍ନ ଭୋଜନରେ ଯୋଗାଣକାରୀଙ୍କୁ ଅହେତୁକ ଅନୁକମ୍ପା ଯୋଗାଇ ହରିଲୁଟକୁ ପ୍ରଶ୍ରୟ ଦେବା, ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ୍ ଯୋଗାଇ ଦେବାରେ ଅବ୍ୟବସ୍ଥା, ଶୁଳିଆପଦା ବ୍ଲକ ଦୁର୍ନୀତିରେ ଛନ୍ଦିହୋଇ ପଡ଼ିଥିବା ବିଇଓଙ୍କୁ ସୁରକ୍ଷା ପ୍ରଦାନ ସହିତ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ଯୋଗୁଁ ସମଗ୍ର ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସଂମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ବିଶେଷ ଭାବେ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡର ଶିକ୍ଷକ ଅଭାବରୁ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡ଼ିଛି । ରେସନାଇଲାଇଜେସନ ରୁଲର ଅବମାନନା କରି ମୋଟା ଅଙ୍କ ଅର୍ଥ କାରବାର କରି ବେଆଇନ ବଦଳି, ଅନୁସୂଚିତ ଜାତି ଓ ଜନଜାତି ଅନ୍ତେବାସୀଙ୍କ ପ୍ରତି ଅବହେଳା ପ୍ରଦର୍ଶନରେ ଛାତ୍ରୀ ମୃତ, ୧୨ବର୍ଷ ଧରି ଗ୍ରେଡେଶନ ତାଲିକା ପ୍ରକାଶ ନକରି ମନମୁଖି ପ୍ରଧାନ ଶିକ୍ଷକ ନିଯୁକ୍ତି ଆଦିରେ ଜନପ୍ରତିନିଧି ସବୁ ଜାଣି ଚୁପ ବସିବା ଦ୍ୱାରା ସହଭାଗିତାକୁ ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କ୍ଷୋଭ ପ୍ରକାଶ କରିଛନ୍ତି । ଏ ନେଇ ପୂର୍ବରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ଏବଂ ସମସ୍ତ ଅଧିକାରୀଙ୍କୁ ଏବାବଦରେ ଅବଗତ କରାଯିବା ପରେ ବି କୌଣସି ସୁଫଳ ନ ମିଳିବାରୁ ପୁଣି ଉଭୟ ବିଭାଗର ଅଧିକାରୀଙ୍କୁ ବଦଳି କରିବା ସହିତ ଉକ୍ତ ଅଧିକାରୀ ଦ୍ୱୟଙ୍କ କାର୍ଯ୍ୟକାପର ଏକ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରାଯାଇଛି । ଏଥିସହିତ ବେଆଇନ ବଦଳିକୁ ବାତିଲ କରିବା ଦାବି ନେଇ ଆସନ୍ତା ୧୯ ତାରିଖ ମଙ୍ଗଳବାର ଉଭୟ ଅଧିକାରୀଙ୍କର କାର୍ଯ୍ୟାଳୟରେ ଭଞ୍ଜସେନା ପକ୍ଷରୁ ତାଲା ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି ।

## ରୋଟାରୀ ହେରିଟେଜ ତରଫରୁ ଚାରାରୋପଣ




ବାରିପଦା, ୧୩।୮ (ସମିସ): ରୋଟାରୀ କ୍ଲବ ଅଫ ବାରିପଦା ହେରିଟେଜ ତରଫରୁ ଖୁଣ୍ଟା ବ୍ଲକ ଅନ୍ତର୍ଗତ ତାଡକେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ଏବଂ ପରିବେଶ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରୋଟାରୀଆନ ତରଣୀସେନ ଧଳଙ୍କ ମାର୍ଗଦର୍ଶନରେ କ୍ଲବ ସଭାପତି ରୋଟାରୀଆନ ବ୍ରହ୍ମାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ପୂର୍ବ ସଭାପତି ନଳିନୀ କୁମାର ଚୌଧୁରୀ, ସନ୍ତୋଷ କୁମାର କାସ୍ତ, ସଭ୍ୟ ସଞ୍ଜୀବ କୁମାର ଦଣ୍ଡପାଟ, ଚିତ୍ତରଞ୍ଜନ ପଳତା ପ୍ରମୁଖ ଯୋଗଦେଇଥିଲେ । ପ୍ରଥମେ କ୍ଲବ ତରଫରୁ ପିଜୁଳି, ଜାମୁ, ସପେଟା, ଲିଚୁ ଓ ଆମ୍ବ ଆଦି ରୋପଣ କରାଯାଇଥିଲା । ପରେ ପିଲାମାନେ ବିଭିନ୍ନ ଗଛରେ ରାକ୍ଷୀବାନ୍ଧି ସେଗୁଡିକର ଯତ୍ନ ନେବେ ବୋଲି ଶପଥ କରିଥିଲେ । ଅନୁଷ୍ଠିତ ଏକ ସଭାରେ ସଭ୍ୟମାନେ ପରିବେଶ ପ୍ରଦୂଷଣ ଓ ଏହାର ନିରାକରଣ, ପଯ୍ୟର୍ାବରଣ ସୁରକ୍ଷା ଏବଂ ଏଥିରେ ରୋଟାରୀର ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ପରେ କୁଇଜ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଧାନ ଶିକ୍ଷକ ମଧୁସ୍ମିତା ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ସ୍ମୃତି ସନନ୍ଦ' ପରିଚୟ ପୁସ୍ତିକା ବିତରଣ



ବାରିପଦା, ୧୩।୮ (ସମିସ): ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସଂଗଠନ ସୌଜନ୍ୟରେ ପ୍ରକାଶିତ ୧୯୬୩ରୁ ୨୦୧୭ ପର୍ଯ୍ୟନ୍ତ ପୁରସ୍କୃତ ହୋଇଥିବା ଜିଲ୍ଲାର ୯୦ ଜଣ କୃତୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମ୍ପୂର୍ଣ୍ଣ ତାଲିକା ଏବଂ ଉପଲବ୍ଧ ହୋଇ ପାରିଥିବା ୬୬ ଜଣଙ୍କ ପରିଚୟ ସମ୍ପର୍କିତ ଏକ ପୁସ୍ତିକା 'ସ୍ମୃତି ସନନ୍ଦ' ଏମକେସି ହାଇସ୍କୁଲର ପ୍ରଧାନ ଶିକ୍ଷକ ବାସନ୍ତୀ ଟୁଡୁଙ୍କୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ତଥା ପୁସ୍ତିକାର ସଙ୍କଳକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ମହାନ୍ତି ଓ ପୁରାତନ ଛାତ୍ର ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସ, ସହ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, କାର୍ଯ୍ୟକାରୀ କମିଟିର ବରିଷ୍ଠ ସଦସ୍ୟ ପ୍ରଦୀପ କିଶୋର ମହାନ୍ତି, ଉମେଶ ଦାସ, ଶାନ୍ତନୁ ପାଢ଼ୀ, ସର୍ବତୋଷ ଦାଶ ପ୍ରମୁଖ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଏହି ବିଦ୍ୟାଳୟର ପ୍ରାକ୍ତନ ୧୩ଜଣ ଜାତୀୟ ଓ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବା କୃତୀ ଶିକ୍ଷକମାନେ ଏହି ପୁସ୍ତିକାରେ ଅଳଙ୍କୃତ ହୋଇଛନ୍ତି ।

## ଆଜି ହର୍ ଘର୍ ତିରଙ୍ଗା ଉତ୍ସବ ଉପଲକ୍ଷେ ବାଇକ ଶୋଭାଯାତ୍ରା

ବାରିପଦା, ୧୩।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ହର ଘର ତିରଙ୍ଗା କାର୍ଯ୍ୟକ୍ରମ ଉପଲକ୍ଷେ ଏକ ବିଶାଳ ବାଇକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେବ । ଉକ୍ତ ଶୋଭାଯାତ୍ରା ସକାଳ ୭ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଛକ, ଖେମଜୀ ଗହଣା ଦୋକାନ ରାସ୍ତା, ମାର୍କେଟ ଟ୍ରାଫିକ ଛକ, ବାଲେଶ୍ୱର ଗୋଲେଇ ଷ୍ଟେସନ ବଜାର, ପାଲବଣୀ ଗୋଲେଇ, ଦାରୋଗାଡାହି, ମୁର୍ଗାବାଡି ଭଞ୍ଜପୁର ରାସ୍ତା ଦେଇ ସହର ପରିକ୍ରମା କରି ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ନିକଟରେ ସମ୍ପୂର୍ଣ୍ଣ ହେବ । ଉକ୍ତ ବାଇକ ଶୋଭାଯାତ୍ରାରେ ଅଂଶ ଗ୍ରହଣ ନିମନ୍ତେ ଅଂଶ ଗ୍ରହଣକାରୀମାନେ ନିଜ ନିଜର ବାଇକ ସହିତ ସଙ୍ଗରେ ହେଲମେଟ ଧରି ଆସିବାକୁ ଅନୁରୋଧ କରାଯାଉଛି । ସୁରକ୍ଷା ଓ ନିରାପଦ ପାଇଁ ଶୋଭାଯାତ୍ରାରେ ଅଂଶ ଗ୍ରହଣ ସମୟରେ ହେଲମେଟ ବ୍ୟବହାର ବାଧ୍ୟତା ମୂଳକ । ଏଣୁ ଜନସାଧାରଣଙ୍କୁ ବହୁ ସଂଖ୍ୟାରେ ଏହି ଯାତ୍ରାରେ ଅଂଶ ଗ୍ରହଣ ପାଇଁ ନିବେଦନ କରାଯାଇଛି ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ

ବାରିପଦା, ୧୩।୮ (ସମିସ): ଅସନଯୋଡା ପିଏମଶ୍ରୀ ସରକାରୀ (ଏସ୍ଏସଡି) ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରଜତ କୁମାର ସାହୁଙ୍କ ସଭାପତିତ୍ୱରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ ସଂସ୍କୃତ ପଣ୍ଡିତ, ସୁବକ୍ତା ତଥା ଜ୍ୟୋତିର୍ବିଦ୍ ଅଲେଖ ରଞ୍ଜନ ପାଠୀ ମୁଖ୍ୟଅତିଥି, ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ଷଡଙ୍ଗୀ ଓ ମମତା ଆଚାର୍ଯ୍ୟ ସମ୍ମାନିତ ଅତିଥି ରୂପେ ଯୋଗଦେଇ ସଂସ୍କୃତ ଭାଷା ସମସ୍ତ ଭାଷାର ଜନନୀ, ଆନା, ଭାରତର ଇତିହାସ, ବିଜ୍ଞାନ ସମ୍ମତ ଭାଷା, ଭାରତୀୟ ଆଧ୍ୟାତ୍ମିକତାର ଆଧାର, ଭାରତୀୟ ସଭ୍ୟତା, ସଂସ୍କୃତିର ମୂଳ ଏବଂ ବିଦେଶରେ ଏହାର ଜନାଦୃତି, ବେଦ ଉପନିଷଦ ଏବଂ ଅନ୍ୟାନ୍ୟ ପବିତ୍ର ଗ୍ରନ୍ଥଗୁଡ଼ିକର ଭାଷା, ଋଷିମାନଙ୍କ ଦ୍ୱାରା ଉଦାହରଣ ଦେଇ ତଥ୍ୟ ସମ୍ବଳିତ ମତ ରଖିଥିଲେ । ପ୍ରାରମ୍ଭରେ ସଂସ୍କୃତ ଶିକ୍ଷକ ପଦ୍ମଲୋଚନ ଆଚାର୍ଯ୍ୟ ଅତିଥି ବୃନ୍ଦଙ୍କ ପରିଚୟ ପ୍ରଦାନ କରିବା ସହ ପିଲାମାନଙ୍କୁ ସଂସ୍କୃତ ଅଧ୍ୟୟନ କରିବା, ପାଠ୍ୟ ପୁସ୍ତକରୁ ବିଭିନ୍ନ ନୀତି ଉପଦେଶ ମୂଳକ ଶ୍ଳୋକ ମୁଖସ୍ଥ ରଖିବାକୁ ଉପଦେଶ ଦେଇଥିଲେ ।

### ଜିଲ୍ଲାସ୍ତରୀୟ ବିଶ୍ୱ ଅଙ୍ଗଦାନ ଦିବସ ପାଳିତ

# ଶ୍ରୀକୃଷ୍ଣ ପାତ୍ରଙ୍କୁ 'ସୁରଜ ପୁରସ୍କାର' ପ୍ରଦାନ

ବାରିପଦା, ୧୩।୮ (ସମିସ)




ଅଙ୍ଗଦାନ ଏକ ମହତ୍ ଦାନ । ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖରେ ବିଶ୍ୱ ଅଙ୍ଗଦାନ ଦିବସ ପାଳନ କରାଯାଏ । ମୃତ୍ୟୁପରେ ସୁସ୍ଥ ଏବଂ ମୂଲ୍ୟବାନ ଅଙ୍ଗଦାନ କରି ଅନ୍ୟମାନଙ୍କ ଜୀବନ ବଞ୍ଚାଇବା ପାଇଁ ଲୋକଙ୍କୁ ପ୍ରୋତ୍ସାହନ କରିବା ଏହି ଦିବସର ଉଦ୍ଦେଶ୍ୟ । ସ୍ୱର୍ଗତ ସୁରଜ ବେହେରାଙ୍କ ପିତାମାତା ଯିଏ କି ଅନ୍ୟ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ପାଇଁ ସ୍ୱଇଚ୍ଛାରେ ନିଜ ମୃତ ପୁତ୍ରର ଅଙ୍ଗଦାନ କରିଥିଲେ । ସେମାନଙ୍କ ପ୍ରେରଣାଦାୟକ କାର୍ଯ୍ୟକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ରାଜ୍ୟର ଅଙ୍ଗଦାତା ଏବଂ ଅଙ୍ଗଦାନକୁ ପ୍ରୋତ୍ସାହିତ କରୁଥିବା ଅନୁଷ୍ଠାନଗୁଡିକୁ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୩ରେ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ସ୍ୱର୍ଗତ ସୁରଜ ବେହେରାଙ୍କ ସମ୍ମାନରେ ବାର୍ଷିକ ପୁରସ୍କାର 'ସୁରଜ ପୁରସ୍କାର' ପ୍ରଦାନ କରିବାକୁ ସରକାର ଘୋଷଣା କରିଛନ୍ତି । ହୃତପିଣ୍ଡ, ବୃକକ ଏବଂ ଯକୃତ ମଧ୍ୟରୁ କୌଣସି ଗୋଟିଏ ଅଙ୍ଗ କିମ୍ବା ତତୋଧିକ ଅଙ୍ଗଦାନ କରିଥିବା ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଉଛି । ହୃତପିଣ୍ଡ, ବୃକକ, ଯକୃତ, ଅଗ୍ନାଶୟ, ଫୁସଫୁସ ଏବଂ ଅନ୍ତନଳୀ ଆଦି ମହତ୍ୱପୂର୍ଣ୍ଣ ଅଙ୍ଗଦାନ କରିଥିବା ମୃତକ ଏବଂ ସେମାନଙ୍କ ପରିବାରର ନିଃସ୍ୱାର୍ଥପର ଓ ବୀରତ୍ୱର ଅବଦାନକୁ ସମ୍ମାନ ଜଣାଇ ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ ରାଷ୍ଟ୍ରୀୟ ସମ୍ମାନ ସହିତ ସମ୍ପନ୍ନ କରାଯାଉଛି । ଆଜି ରାଜ୍ୟସ୍ତରୀୟ ଉତ୍ସବରେ ବିଭିନ୍ନ ଜିଲ୍ଲାରେ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଭିନ୍ନ ଜିଲ୍ଲାର ୧୯ ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଓସ୍ୱାନ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବାରିପଦାର ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡ ନଂ ୨୧, ମୁର୍ଗାବାଡି ନିବାସୀ ସ୍ୱର୍ଗତ ସ୍ୱଶ୍ରୀୟାନ ପାତ୍ରଙ୍କୁ ମହତ କର୍ମ ନିମନ୍ତେ ଚଳିତ ବର୍ଷ ସୁରଜ ପୁରସ୍କାର ପ୍ରଦାନ କରାଯାଇଛି । ତାଙ୍କ ପିତା ଶ୍ରୀକୃଷ୍ଣ ପାତ୍ର ଜିଲ୍ଲାପାଳଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଡ ମୁକେଶ ମହାଲିଙ୍ଗ ମୃତ ଅଙ୍ଗଦାତାଙ୍କୁ ସେମାନଙ୍କର ବୀରତ୍ୱ ପାଇଁ ପ୍ରଶଂସା କରିବା ସହ ଚଳିତ ବର୍ଷ ସୁରଜ ପୁରସ୍କାର ମାଧ୍ୟମରେ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଏଡିଏମଓ ଡା ବିଜୟ କୁମାର ଦାଶ, ଜିଲ୍ଲା ଜରୁରୀ କାଳୀନ ପରିଚାଳନା ଅଧିକାରିଣୀ ଶ୍ରଦ୍ଧା ସୁମନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଏନଆରଏଚଏମର ଡିପିଏମ ଅନିଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।






# ବ୍ଲକ୍‌ରେ ତାଲା ପକାଇ ସମିତି ସଭ୍ୟଙ୍କ ବିକ୍ଷୋଭ



ରାଇରଙ୍ଗପୁର, ୧୩।୮ (ସମିସ): ମଙ୍ଗଳବାର ବିଜାତଳା ବିଡିଓ ବ୍ଲକ କାର୍ଯ୍ୟାଳୟକୁ ନ ଆସିବାରୁ ସମିତିସଭ୍ୟମାନେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକକୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଆସୁଥିବା ନୂତନ ପ୍ରକଳ୍ପର ୬୦ ଭାଗ ସମିତିସ୍ୟଙ୍କୁ ମିଳିବା କଥା; କିନ୍ତୁ ବିଡିଓ ତଞ୍ଚକତା କରି ସାରସକଣା ବିଧାୟକ ଭାଦବ ହାଁସଦା ଶତପ୍ରତିଶତ ପ୍ରକଳ୍ପକୁ ହାଇଜାକ୍ କରିବା ନେଇଥିବାରୁ ସମିତିସଭ୍ୟମାନେ ମଙ୍ଗଳବାର ବିଡିଓ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ଥିଲା; କିନ୍ତୁ ସେ ବ୍ଲକକୁ ନ ଆସିବାରୁ ତାଲା ପକାଇଦେଇ ବିକ୍ଷୋଭ କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ସଭ୍ୟମାନେ ବିଡିଓଙ୍କ ଅପେକ୍ଷା କରିଥିଲେ ମଧ୍ୟ ତାଙ୍କର ଦେଖାମିଳିନଥିଲା। ତେଣୁ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ନେଇ ଯେଉଁ ଆଲୋଚନା ହେବାର ଥିଲା ତାହା ହୋଇପାରିନାହିଁ। ଏହି ସମସ୍ୟା ଯଦି ସମାଧାନ ନ ହୁଏ ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଜାତଳ ବ୍ଲକ ପରିସରରେ ତାଲା ଝୁଲିବ ବୋଲି ସମିତି ସଭ୍ୟମାନେ ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ। ପରେ ପୁଲିସ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନର ବାଟ ଫିଟିନଥିଲା। ପିଏସ ସଭ୍ୟ ରବୀନ୍ଦ୍ର ନାଥ ମୁଣ୍ଡା, ବବିତା ମୁଣ୍ଡା, ବିଜାତଳ ସରପଞ୍ଚ ଦମୟନ୍ତୀ ଟୁଡୁ, ମାଣିକପୁର ସରପଞ୍ଚ ସନ୍ତୋଷ କୁମାର ମୁଣ୍ଡା, ପିଏସ ବିଜାତଳ ରବି ଟୁଡୁ ପ୍ରମୁଖ ବିକ୍ଷୋଭ କରିଥିଲେ। ବୁଧବାର ମଧ୍ୟ ତାଲା ପକାଇ ରଖିବେ ବୋଲି ଚେତାବନୀ ଦେଇଛନ୍ତି।

# ବ୍ଲକ୍ ପ୍ରଶାସନର କଳିକା କେନ୍ଦ୍ର ପରିଦର୍ଶନ

ଶୁଳିଆପଦା, ୧୩।୮ (ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଓମ୍ବାଡସି ସହାୟତରେ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକରେ ୪୧ଟି ଗ୍ରାମରେ ନିୟତି ଫାଉଣ୍ଡେସନ ତରଫରୁ ୬ ମାସରୁ ୩ ବର୍ଷର ଶିଶୁଙ୍କ ପାଇଁ କଳିକା କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରରେ ଗ୍ରାମର ଦୁଇଜଣ ଅନୁଭବୀ ମହିଳାଙ୍କୁ କେନ୍ଦ୍ର ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଛି। ଶିଶୁଙ୍କୁ ଦୈନିକ ପୋଷଣ ଖାଦ୍ୟ ଖୁଆଇବା କାର୍ଯ୍ୟକ୍ରମ ପାଇଁ ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ କରାଯାଇଛି। ଆଜି ଶୁଳିଆପଦା ବ୍ଲକ ଅଁଳାକୁଡା ଗ୍ରାମରେ ନିୟତି ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଆମ କଳିକା କେନ୍ଦ୍ରକୁ ପରିଦର୍ଶନ କରିଛନ୍ତି ଶୁଳିଆପଦା ବ୍ଲକ ବିଡ଼ିଓ ଲକ୍ଷ୍ମୀସାଗର ମାଝୀ, ତହସିଲଦାର ନାରାୟଣ ମାଝୀ, ସିଡିପିଓ ତନୁଶ୍ରୀ ମିଶ୍ର, ସରପଞ୍ଚ ଜ୍ୟୋତି ସୋରେନ, ପଞ୍ଚାୟତ ସମିତି ସଭ୍ୟା ଆରତୀ ସି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୋନାଲି ମହାନ୍ତ, ୱାର୍ଡମେମ୍ବର କଳ୍ପନା ଦେଓ କଳ୍ପନା ପ୍ରଧାନ



ପ୍ରୋଜେକ୍ଟ ଲିଡ଼, ଆଶିଷ କୁମାର ମହାନ୍ତ ପ୍ରୋଗ୍ରାମ କୋର୍ଡିନେଟର, ପଙ୍କଜିନୀ ନାୟକ ଏମଆଇଏସ।

## ସ୍କର୍ପିଓ ଭିତରୁ ୪ ଗୋରୁ ଉଦ୍ଧାର



ଠାକୁରମୁଣ୍ଡା/ମହୁଲଡିହା, ୧୩।୮ (ସମିସ): ଆନନ୍ଦପୁରରୁ କରଞ୍ଜିଆ ୫୩ନଂ. ରାଜ୍ୟ ରାଜପଥ ଦେଇ ଅଧିକାଂଶ ସମୟରେ ପୁଲିସ ଆଖିରେ ଧୂଳିଦେଇ ମାଫିଆମାନେ ଚୋରା ଗାଡିରେ ଗୋଚାଲାଣ କରୁଛନ୍ତି। ମଙ୍ଗଳବାର ଭୋରୁ ୪ଟି ଗୋରୁକୁ ଏକ ସ୍କର୍ପିଓରେ ଅତି ଅମାନୁଷିକ ଭାବରେ ଭର୍ତ୍ତି କରାଯାଇ ମାଫିଆମାନେ ନେଇ ଯାଉଥିଲେ; ହେଲେ ଗାଡିଟି ଖରାପ ହୋଇଯିବାରୁ ଠାକୁରମୁଣ୍ଡାଠାରୁ ୨ କି.ମି. ଦୂର ଚମକପୁର ବାଙ୍କ ନିକଟରେ ଅଚଳ ଅବସ୍ଥାରେ ଛିଡା ହୋଇଥିଲା। ମାଫିଆମାନେ ଗାଡିଟିକୁ ସଜାଡିବାକୁ ଚେଷ୍ଟା କରି ବିଫଳ ହେବାରୁ ସେମାନେ ସେଠାରୁ ପଳାଇଯାଇଥିଲେ। ସ୍ଥାନୀୟ ଲୋକେ ଦେଖିଲା ବେଳକୁ ଗାଡ଼ି ଭିତରେ ୩ଟି ଗାଈ ଏବଂ ଗୋଟିଏ ଷଣ୍ଢ ରହିଥିଲା। ସଂଗେ ସଂଗରେ ଠାକୁରମୁଣ୍ଡା ପୁଲିସ ପହଞ୍ଚି ଗାଡିକୁ ଜବତ କରିବା ସହିତ ୪ ଗୋରୁକୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ରାଜନଗରସ୍ଥିତ ନନ୍ଦିନୀ ଗୋଶାଳାକୁ ପଠାଇ ଦେଇଛନ୍ତି। ଠାକୁରମୁଣ୍ଡା ଥାନା ଅଧିକାରୀଣୀ ସାବିତ୍ରୀ ଦଳେଇ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି।

## ପୁଲିସ ସୁରକ୍ଷାରେ ଚାଲିଛି କାଠ ମାଫିଆ ରାଜ

ବେତନଟୀ, ୧୩।୮ (ସମିସ): ବେତନଟୀ ଫରେଷ୍ଟ ରେଞ୍ଜ ଅଧୀନସ୍ଥ ରିର୍ଜଭ ଜଙ୍ଗଲରେ କାଠ ମାଫିଆଙ୍କ ରାଜ ଚାଲିଛି। ହେଲେ ଏହି ମାଫିଆଙ୍କୁ ପୁଲିସ ଏବଂ ବନ ବିଭାଗର କିଛି ଅଧିକାରୀ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି। ଏହି ଅଞ୍ଚଳରୁ ବାରମ୍ବାର ଶାଳ ଗଛ କଟାଯାଇ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଛି। ଭାଲିଆ ଏବଂ ଜମୁଗଧା ଅଞ୍ଚଳରେ କଟା ଶାଳ ଗଛର ମୂଳ ଏବେ ବି ସାକ୍ଷୀରୂପେ ରହିଛି। କିଛି ଦିନ ପୂର୍ବରୁ ସ୍ଥାନୀୟ ସାମ୍ବାଦିକଙ୍କ ସୂଚନା ଆଧାରରେ ବେତନଟୀର ତତ୍କାଳୀନ ଫରେଷ୍ଟର ଦୁଇଥର ଶାଳକାଠ ବୋଝେଇ ଗାଡ଼ିକୁ ଧରିଥିଲେ। କିନ୍ତୁ ଏହା କେବଳ ଲୋକ ଦେଖାଣିଆ। ଏ ଯାଏ ପ୍ରକୃତ ଅଭିଯୁକ୍ତ ଏବଂ ମାଷ୍ଟର ମାଇଣ୍ଡ ଧରାପଡ଼ିନାହିଁ। ମାଷ୍ଟରମାଇଣ୍ଡ ହେଉଛନ୍ତି ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ନିଜ ଭଣଜା ଏବଂ ପୁତୁରା। ପରେଷ୍ଟରଙ୍କ ସମ୍ପର୍କୀୟ ହୋଇଥିବାରୁ କେହି ବି ତାଙ୍କୁ ହାତ ମାରିବାକୁ ସାହସ କରୁନାହାନ୍ତି। ବିଭାଗୀୟ ଅଧିକାରୀ ପହଞ୍ଚିଲାବେଳକୁ ସେମାନଙ୍କୁ ସୂଚନା ମିଳୁଥିବାରୁ କାଠ ମାଫିଆଙ୍କୁ ଧରିବା ସମ୍ଭବ ହେଉନି। ମଙ୍ଗଳବାର ଚୋରା ଚାଲାଣର ସୂଚନା ପାଇ ବେତନଟୀ ପୁଲିସ ପାଟ୍ରୋଲିଂ ଜୋର୍‌ଦାର କରିଥିଲା। କିନ୍ତୁ ଫଳ ଶୂନ। ପୁଲିସ କେବଳ ଧରିଥିଲା ଏକ ପିକ୍‌ଅପ୍ ଗାଡ଼ି। ଆଇଆଇସି ସସ୍ମିତା ମହାନ୍ତ କହିଛନ୍ତି ଯେ ଗାଡିଗୁଡିକୁ ଥାନାକୁ ଆଣାଯାଇଛି। କିନ୍ତୁ ଏହି ଗାଡିର ପ୍ରକୃତ ମାଲିକ କିଏ ତାହା ଜଣାପଡୁନାହିଁ। ପୁଲିସର ଅବହେଳା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ଏହିସବୁ ଘଟଣାର ସ୍ୱତନ୍ତ୍ର ତଦନ୍ତ ଦାବି କରୁଛନ୍ତି ପରିବେଶବିତ୍। ଯଦି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତେବେ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବା ଅନିବାର୍ଯ୍ୟ।

## ସଡ଼କ ସୁରକ୍ଷା ସଚେତନତା ଅଭିଯାନ




କୁଆମରା, ୧୩।୮ (ସମିସ): ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଆଇକ୍ୟୁଏସି ପ୍ରାୟୋଜିତ ସଡକ ସୁରକ୍ଷା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତା ଅଭିଯାନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ରାଲି ଖୁଣ୍ଟା ମୁଖ୍ୟ ବଜାର ପରିକ୍ରମା କରିଥିଲା। ଏହି ଅବସରରେ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଟୋ ଚାଳକ ସଂଘ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ବାରିପଦା ଭାରା ପ୍ରାପ୍ତ ଆରଟିଓ ସାଲଖୁ ମୁର୍ମୁ, କନିଷ୍ଠ ଏମ୍‌ଭିଆଇ ଜ୍ୟୋତିପ୍ରକାଶ ସାହୁ, ଖୁଣ୍ଟା ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି, ଅଟୋ ଚାଳକ ସଂଘର ସମ୍ପାଦକ ଅବଜିନି ପତି ସଦୁଆଳ, ମୁଖ୍ୟ ଉପଦେଷ୍ଟା ଶକ୍ତିପଦ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## କୁଡୁମୀ ଛାତ୍ର ସଂଗଠନ ପକ୍ଷରୁ ପ୍ରସ୍ତୁତି ବୈଠକ

ରାଇରଙ୍ଗପୁର, ୧୩।୮ (ସମିସ): ସେପ୍ଟେମ୍ବର ୬ ତାରିଖକୁ କଳାଦିବସ ରୂପେ ପାଳନ କରିବା ପାଇଁ କୁଡୁମୀ ଛାତ୍ର ସଂଗଠନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯୫୦ ମସିଆ ସେପ୍ଟେମ୍ବର ୬ ତାରିଖରେ କୁଡୁମୀ ଜାତିକୁ ଆଦିବାସୀ ବର୍ଗ (ଏସଟି)ରୁ ବାଦ୍ ଦେଇଥିବାରୁ ଏହି ଉକ୍ତ ଦିନକୁ କଳା ଦିବସ ପାଳନ ପାଇଁ କୁଡୁମୀ ସେନାର ପ୍ରତିଷ୍ଠାତା ରାଜ୍ୟ ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ଆହ୍ୱାନରେ ବିଜାତଳା ବ୍ଲକର ବୁଧିଆକୁଦର ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କୁଡୁମୀ ଛାତ୍ରସେନା ସଭାପତି ବରୁଣ କୁମାର ମହାନ୍ତଙ୍କ ସଭାପତିତ୍ୱରେ କୁଡୁମୀ ମହିଳା ସେନାର ସଭାନେତ୍ରୀ ସୁଜାତା ମହାନ୍ତ ଓ କୁଡୁମୀ ସେନା ଉପଦେଷ୍ଟା ସୁବାସଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ପୂର୍ବ ବର୍ଷ ଭଳି ଚଳିତବର୍ଷ ମଧ୍ୟ ପଲ୍ଲୀରୁ ଦିଲ୍ଲୀ ଯାଏ ପାଳନ କରାଯିବା ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୁଡୁମୀ ଛାତ୍ର ସେନା ସଭାପତି ବରୁଣ କୁମାର ମହାନ୍ତ ଯୋଗଦେଇ କୁଡୁମୀଙ୍କ ନିଜର ଅଧିକାର ହାସଲ ପାଇଁ ଚାଲିଥିବା ଆନ୍ଦୋଳନକୁ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା କୁଡୁମି ସେନା ସଭାନେତ୍ରୀ ସୁଜାତା ମହାନ୍ତ କୁଡୁମୀ ଛାତ୍ର ସମାଜ ଓ ଯୁବ ସମାଜ ନିଜର ହକ ଅଧିକାର ପାଇଁ ଆଗକୁ ଆସିବା ପାଇଁ କହିଥିଲେ। କୁଡୁମୀସେନା ଉପଦେଷ୍ଟା ସୁବାଷ ଚନ୍ଦ୍ର ମହାନ୍ତ, ସମୀର କୁମାର ମହାନ୍ତ, ଯତୀନ୍ଦ୍ର ମହାନ୍ତ, ସୁମିତ୍ କୁମାର ମହାନ୍ତ, ସୁରଜ୍ କୁମାର ମହାନ୍ତ ପ୍ରମୁଖ ବହୁ ଛାତ୍ରନେତା ଯୋଗଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବିଶୋଇ, ୧୩।୮ (ସମିସ): ଅବସରପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ସମାଜସେବୀ ସୀତାନାଥ ମହାନ୍ତ (୮୪)ଙ୍କ ପରଲୋକ ହୋଇଯାଇଛି। ୮୪ ବର୍ଷ ବୟସରେ ପରଲୋକ ଘଟିଛି। ଶ୍ରୀ ମହାନ୍ତ ଅସୁସ୍ଥତା କାରଣରୁ କଟକ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ପୈତୃକ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସ୍ୱର୍ଗତ ଶ୍ରୀ ମହାନ୍ତ ୧୯୯୮ ମସିହାରେ ସୋନାଯୋଡି ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ଅବସର ନେବାପରେ ସମାଜସେବାରେ ନିଜକୁ ସାମିଲ କରିଥିଲେ। ଅବହେଳିତ ଏବଂ ଗରିବଙ୍କୁ ଉନ୍ନତି ତଥା ସାକ୍ଷରତାକୁ ପ୍ରୋତ୍ସାହିତ କରୁଥିଲେ। ସେ ଜଣେ ଆଦର୍ଶବାନ, କର୍ତ୍ତବ୍ୟନିଷ୍ଠ, ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ।

## ଆଦିବାସୀ ମହାସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ବହଳଦା, ୧୩।୮ (ସମିସ): ତିରିଂ ବ୍ଲକ ମିଳିତ ଆଦିବାସୀ ମହାସଂଘ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ୪ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ରାଇରଙ୍ଗପୁର



ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୫ ଅନ୍ତର୍ଗତ ଧାର୍ମିକ ସ୍ୱତନ୍ତ୍ରତା ଅଧିକାର ଅନୁସାରେ ସାର୍ନା ଧର୍ମକୋଡ ଯଥାଶୀଘ୍ର ପଦାନ କରାଯିବା, ପଞ୍ଚମ ଅନୁସୂଚିତ କ୍ଷେତ୍ରରେ ରୁଙ୍ଗଟା ମେଟାଲିକ୍ସ କମ୍ପାନୀକୁ କାମ କରିବାକୁ ଅନୁମତି ପ୍ରଦାନ କରା ନ ଯିବା ଏବଂ ମାଙ୍କଡିଘାଟୀ ମିନି ଷ୍ଟାଡିୟମର ନାମ ପରିବର୍ତ୍ତନ କରାଯାଇ ବିର୍ଷାମୁଣ୍ଡା ଷ୍ଟାଡିୟମ ଭାବେ ନାମକରଣ କରାଯିବା ଆଦି ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସମଗ୍ର ବିଶ୍ୱରେ ଆଦିବାସୀ, ମୂଳବାସୀ ସମୁଦାୟଙ୍କ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ହର୍ଷ, ଉଲ୍ଲାସର ସହିତ ପାଳନ କରାଯାଇଆସୁଛି। ମୟୂରଭଞ୍ଜ ଜିଲ୍ଲାରେ ୬୦ ପ୍ରତିଶତରୁ ଅଧିକ ଆଦିବାସୀ ବସବାସ କରୁଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦିବାସୀଙ୍କ ଭାବନାକୁ ସମ୍ମାନ ଜଣାଇ ଏହି ଦିବସକୁ ସାମୂହିକ ଛୁଟି ଘୋଷଣା କରିବାକୁ ମଧ୍ୟ ଦାବି ହେଉଛି। ଦାବିପତ୍ର ପ୍ରଦାନ ବେଳେ ସଂଗଠନର ସଭାପତି ଛଟରାୟ ଟୁଡୁ, ଉପସଭାପତି ରାମ ସୁଣ୍ଡି, ସମ୍ପାଦକ ମଧୁସୂଦନ ଗୋଇପାଇ, ସହସମ୍ପାଦକ ମହେନ୍ଦ୍ର ସର୍ଦ୍ଦାର, ସାଧାରଣ ସମ୍ପାଦକ ଦଶରଥ ସିଂହ, କୋଷାଧ୍ୟକ୍ଷ ମଧୁସୂଦନ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ସାତକୋଶିଆରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ମହୁଲଡିହା, ୧୩।୮ (ସମିସ): ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଗ୍ରାମ ପଞ୍ଚାୟତ ସାପ୍ତାହିକ ହାଟ ନିକଟ ମିନି ଷ୍ଟାଡିୟମରେ ସାତକୋଶିଆ ଫୁଟବଲ ସଂଘ ଆନୁକୂଲ୍ୟରେ ୨୬ତମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ପ୍ରକାଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ୧୩ ତାରିଖ ଆରମ୍ଭ ହୋଇ ସ୍ୱାଧୀନତା ଦିବସ ଅବସରରେ ୧୫ ତାରିଖରେ ଉଦଯାପିତ ହେବ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ମ୍ୟାନେଜର ମନୋଜ କୁମାର ମୁଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରହ୍ଲାଦ ମଢେଇ, ସମିତି ସଭ୍ୟା ପିନିମଣି କୁଲୁଆ, ମହୁଲଡିହା ଲ୍ୟାମ୍ପର ସଭାପତି ଦିଲ୍ଲୀପ କୁମାର ନାୟକ, ସାତକୋଶିଆ ବନପାଳ ବିଜୟ ମହାନ୍ତ, ବନରକ୍ଷୀ ସନତ କୁମାର ମହାନ୍ତ, ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତ, ସମାଜସେବୀ ଅଭିରାମ ନାଏକ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିନରେ ୮ଟି ଦଳ ଭାଗ ନେଇଥିବା ବେଳେ ତିନି ଦିନ ବ୍ୟାପୀ ହେବାକୁଥିବା ପ୍ରତିଯୋଗିତାରେ ମୋଟ ୩୨ଟି ଦଳ ଖେଳିବେ। ପ୍ରଥମ ଦିନର ପ୍ରଥମ ଖେଳ କାଶୀବାହାଲି ଏକାଦଶ ବନାମ ଢ଼ାବା ସାହି (ଚିଆବେଡା) ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏହି ଖେଳକୁ କପ୍ତିପଦାର ରେଫରୀ ରାଜେନ୍ଦ୍ର ଦେହୁରୀ ପରିଚାଳନା କରିଥିବା ବେଳେ ବାରିପଦାର ମହିଳା ଭାଷ୍ୟକାର ସୁଭଦ୍ରା ହେମ୍ବ୍ରମ ଧାରା ବିବରଣୀ ପ୍ରଦାନ କରିଥିଲେ। ସାତକୋଶିଆ ଫୁଟବଲ ଆସୋସିଏସନର ସଭାପତି କାଳିଆ ନାୟକ, ସମ୍ପାଦକ ହରିହର ନାୟକ ଓ ଶିବପ୍ରସାଦ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଯୁବ ଦିବସରେ ବୃକ୍ଷରୋପଣ

ଉଦଳା, ୧୩।୮ (ସମିସ): ସୁନାପାଳରେ ସମାବେଶ ଚାଟଶାଳୀ ପକ୍ଷରୁ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପରିବେଶ ଓ ଯୁବବର୍ଗ ଆଧାରିତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ଚାରା ବଣ୍ଟନ ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆକାଶ ମହାନ୍ତ, ଚମ୍ପାବତୀ ହାଁସଦା, ଦେବେନ୍ଦ୍ର ରାଉଳ ପ୍ରମୁଖ ପରିଚାଳନା କରିଥିଲେ।

## ବିଦ୍ୟାଳୟରେ ବିଦାୟକାଳୀନ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ବୈଶିଙ୍ଗା, ୧୩।୮ (ସମିସ): ହେମପୁର କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ସଭାପତିତ୍ୱରେ କ୍ରୀଡା ଶିକ୍ଷକ ଶରତ ବେହେରାଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେ ଏହି ବିଦ୍ୟାଳୟରେ ୨୦୧୪ରୁ କ୍ରୀଡା ଶିକ୍ଷକ ଭାବେ କାର୍ଯ୍ୟ କରିଆସିଛନ୍ତି। ବର୍ତ୍ତମାନ ସେ ପୁରୀ ଜିଲ୍ଲା କୋଠସାହି ଉତ୍କଳମଣି ସ୍ମୃତି ନୋଡାଲ ବିଦ୍ୟାପୀଠକୁ ବଦଳି ହୋଇଛନ୍ତି। ଶିକ୍ଷକ ତୁଷାରକାନ୍ତ ପାତ୍ର ଓ ଚନ୍ଦନ କୁମାର ଦାସ, ଶିକ୍ଷୟିତ୍ରୀ ପ୍ରଭାତୀ ପ୍ରଧାନ, ଜୟଶ୍ରୀ ପାଢ଼ୀ, ରାଜନନ୍ଦିନୀ ପାତ୍ର, ସବିତା ବାରିକ ପ୍ରମୁଖ ବିଦାୟୀ ଶିକ୍ଷକଙ୍କ ସହିତ ନିଜର ସ୍ମୃତି ଏବଂ ବିଦ୍ୟାଳୟ ପ୍ରତି ତାଙ୍କର ଅବଦାନକୁ ମନେ ପକାଇ ବକ୍ତବ୍ୟ ରଖିଥିଲେ ଏବଂ ନୂତନ ଶିକ୍ଷକଙ୍କୁ ସ୍ୱାଗତ କରିଥିଲେ। ବିଦାୟୀ ଶିକ୍ଷକ ଶରତ ବେହେରା ନିଜ ବକ୍ତବ୍ୟରେ ବିଦ୍ୟାଳୟର ସମସ୍ତ ଷ୍ଟାଫ୍, ପିଲା, ଅଭିଭାବକ, ଗ୍ରାମବାସୀ ସର୍ବୋପରି ମୟୂରଭଞ୍ଜବାସୀଙ୍କ ଆପଣାର କରିନେବା ସ୍ୱଭାବ ତାଙ୍କ ପାଇଁ ଅପୋସରା ହୋଇ ରହିବ ବୋଲି କହିଥିଲେ। ନୂତନ କ୍ରୀଡା ଶିକ୍ଷକଙ୍କୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ଅଟୋ ଆସୋସିଏସନର ସଡ଼କ ସୁରକ୍ଷା ଶୋଭାଯାତ୍ରା

ଖୁଣ୍ଟା/କୁଆମରା, ୧୩।୮ (ସମିସ): ଖୁଣ୍ଟା ଅଟୋ ଆସୋସିଏସନ ଆନୁକୂଲ୍ୟରେ ଏକ ମିଳିତ ସଡକ ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଖୁଣ୍ଟା ପୁଲିସ, ମୟୂରଭଞ୍ଜ ପରିବହନ ବିଭାଗ ସହଯୋଗ କରିଥିବା ବେଳେ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ, ଖୁଣ୍ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଖୁଣ୍ଟା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଜନସାଧାରଣଙ୍କ ଉଦ୍ଦେଶ୍ୟରେ ‘ସଡକ ସୁରକ୍ଷା ଜୀବନ ରକ୍ଷା’ ସ୍ଲୋଗାନ ଦିଆଯାଇଥିଲା। ବାଇକ/ଯାନ ଚାଳନା ସମୟରେ ହେଲମେଟ/ସିଟବେଲ୍ଟ ପରିଧାନ କରିବା, ନିଶା ସେବନ କରି ଗାଡି ନଚଳେଇବା, ଦ୍ରୁତବେଗରେ ନ ଯିବା ଆଦି ନେଇ ସଚେତନ କରାଯାଇଥିଲା। ଅଟୋ ଆସୋସିଏସନର ସଦସ୍ୟ ଓ ଛାତ୍ରଛାତ୍ରୀଙ୍କ ଶୋଭାଯାତ୍ରା ଖୁଣ୍ଟା ଛକରୁ ବାହାରି ବଜାର ପରିକ୍ରମା କରିଥିଲା। ଖୁଣ୍ଟା ଥାନା ଆଇଆଇସି ପଞ୍ଚାନନ ମହାନ୍ତି, ଏମଭିଆଇ ସାଲଖୁ ମୁର୍ମୁ, କନିଷ୍ଠ ଏମଭିଆଇ ଜ୍ୟୋତି ପ୍ରକାଶ ସାହୁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନନ୍ଦ କିଶୋର ପଟ୍ଟନାୟକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆସୋସିଏସନର ସମ୍ପାଦକ ଅବଜନୀପତି ସଦୁଆଳ, ଉଭୟ ଉପଦେଷ୍ଟା ଶକ୍ତିପଦ ପାତ୍ର ଓ ପ୍ରଶାନ୍ତ ବେହେରା, ସଂଗ୍ରାମ କେଶରୀ ସିଂବାବୁ, ସୁମନ୍ତ ମହାନ୍ତି, ରାଜତ ଦାସ, ରଳିଆ ସୋରେନ, ମାସାଙ୍ଗ ମାର୍ଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।

## ପୁଅଙ୍କ ଜନ୍ମଦିନରେ ରକ୍ତଦାନ ଶିବିର



ବାରିପଦା, ୧୩।୮ (ସମିସ): ଓଡ଼ିଶା ରକ୍ତ କେନ୍ଦ୍ର, ବାରିପଦା ପରିସରରେ ଦୁଇ ପୁଅଙ୍କ ଜନ୍ମଦିନରେ ବାପା ଡଃ ନିରୋଜ କୁମାର ପୋଥାଳ ଏକ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ନିଜେ ମଧ୍ୟ ୧୨୮ତମ ରକ୍ତଦାନ କରିଛନ୍ତି। ନାରାୟଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ଶ୍ରୀ ପୋଥାଳଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଶିବିରରେ ମୋଟ ୨୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ କବି ବିଷ୍ଣୁ ଶତପଥୀ, ନିୟମିତ ରକ୍ତଦାତା ସୋମନାଥ ସିଂ, ଡଃ ଅକ୍ଷୟ କୁମାର ମହାନ୍ତି, ତପନ କୁମାର ବେହେରା ଓ ଚିତ୍ତରଞ୍ଜନ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଟ୍ରଷ୍ଟର ବସନ୍ତ କୁମାର ମହାପାତ୍ର, ସର୍ଦ୍ଦାର ହରିଚରଣ ସିଂହ ପ୍ରତାପେଶ୍ୱର ଦାଶ, ଜୟପ୍ରକାଶ ମହାନ୍ତ, ହିମାଂଶୁ ପ୍ରହରାଜ, ଲୋକନାଥ ମହାନ୍ତ, ବିପୁନ ବିନ୍ଧାଣୀ, ବସନ୍ତ ହାଁସଦା, ଇନ୍ଦ୍ରଜିତ ମହାନ୍ତ ପ୍ରମୁଖ ସହାୟତା କରିଥିଲେ।




### ଦୁଇ ଭିନ୍ନକ୍ଷମ ପିଲାଙ୍କୁ ନେଇ ବେସାହାରା ପ୍ରମିଳା

# ଅନ୍ତ୍ୟୋଦୟ ଚାଉଳରେ ଚଳୁଛି ପରିବାର



କରଞ୍ଜିଆ, ୧୩।୮ (ସମିସ): କରଞ୍ଜିଆ ବ୍ଲକ ବଡଦେଉଳି ପଞ୍ଚାୟତ ଭଅଁରା ଗ୍ରାମର ବିଧବା ପ୍ରମିଳା ଦାସ ଏବେ ବଞ୍ଚିବା ସଂଘର୍ଷ ଜାରି ରଖିଛନ୍ତି। ଭଅଁରା ଗ୍ରାମର ଭକ୍ତବନ୍ଧୁ ଦାସ ଜଣେ ଗରିବ ଶ୍ରେଣୀର। ସେ କୌଳିକ ବୃତ୍ତିରୁ ଯାହା ଉପାର୍ଜନ କରୁଥିଲେ, ସେଥିରେ ତାଙ୍କ ପରିବାର ଚଳୁଥିଲା। ଭକ୍ତଙ୍କ ପରିବାର କହିଲେ ସ୍ତ୍ରୀ ପ୍ରମିଳା ଦାସ ଓ ୪ ସନ୍ତାନ। ହେଲେ ତାଙ୍କ ପିଲାମାନେ ଅତି ଛୋଟ ଥିବାବେଳେ ଭକ୍ତବନ୍ଧୁଙ୍କ ମୃତ୍ୟୁ ଘଟିଲା। ଫଳରେ ସ୍ତ୍ରୀ ପ୍ରମିଳା ଦାସ ଚାରି ପିଲାଙ୍କୁ ନେଇ ବଞ୍ଚିବା ସଂଘର୍ଷ ଆରମ୍ଭ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ସନ୍ତାନ କ୍ରମେ ବଡ଼ ହେବାରୁ ସେମାନେ ବାହା ହୋଇ ମା'ଠାରୁ ଅନ୍ୟତ୍ର ରହିଲେ। ତେବେ ତୃତୀୟ କନ୍ୟା ସନ୍ତାନ ଓ ଚତୁର୍ଥ ପୁତ୍ର ସନ୍ତାନ ଜନ୍ମରୁ ଭିନ୍ନକ୍ଷମ। ଏହି ଦୁଇ ପିଲାଙ୍କୁ ମା ପ୍ରମିଳା କେବଳ ସାହା। ସେମାନଙ୍କ ସବୁ କାମ କରନ୍ତି ପ୍ରମିଳା। କେବଳ ଅନ୍ତୋଦ୍ୟୋୟ ଯୋଜନାରେ ପାଉଥିବା ୩୫କେଜି ଚାଉଳରେ ପରିବାର ଚଳାଉଛନ୍ତି। ପ୍ରମିଳାଙ୍କ ବୟସ ଏବେ ୫୫ରୁ ଅଧିକ ହେଲାଣି। ତେଣୁ ସେ ଆଉ କାମ ମଧ୍ୟ କରିପାରୁନାହାନ୍ତି। ଫଳରେ ପରିବାର ଚଳାଇବା କଷ୍ଟକର ହେଲାଣି। ରହିବା ପାଇଁ ଘର ନାହିଁ। ତେଣୁ ଇନ୍ଦିରା ଆବାସ ଯୋଜନାରେ ଘରଟିଏ ପାଇଥିଲେ ସୁଦ୍ଧା ତାହାକୁ ସେ ଶେଷ କରିନାହାନ୍ତି। ଦୁଇ ପିଲାଙ୍କ ଭବିଷ୍ୟତକୁ ନେଇ ପ୍ରମିଳା ଏବେ ଚିନ୍ତାଗ୍ରସ୍ତ। ତେଣୁ ପ୍ରଶାସନ ଉକ୍ତ ଗରିବ ପରିବାରକୁ ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।

## ବିଦେଶୀ ମଦ ଜବତ; ଜଣେ ଗିରଫ

ରାଇରଙ୍ଗପୁର, ୧୩।୮ (ସମିସ): ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବିନୟ ପ୍ରକାଶ ତିର୍କୀ ଓ ସହ ଉପ-ନିରୀକ୍ଷକ ସୁଧାଂଶୁ କୁମାର ବେହେରା କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ବିଜାତଳା ହାଟ ଛକ ନିକଟରେ ଚଢ଼ଉ କରି ୪୪.୬୪୦ ଲିଟର ବିଦେଶୀ ମଦ ଓ ୧୦୬.୨୦୦ ଲିଟର ବିଅର ଓ ଗୋଟିଏ ଫ୍ରିଜ ଜବତ କରିଛନ୍ତି। ଗ୍ରାମର ଶରତ ବେହେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ହୋଇଥିବା ବିଦେଶୀ ମଦ, ବିଅର ଓ ଫ୍ରିଜର ଆନୁମାନିକ ମୂଲ୍ୟ ୯୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ।

ସକାଳ
THE SAKALA

# ମେଲେରିଆ କମ୍ପନ

ରୋଗ ସଂକ୍ରମଣକୁ ଏକ ନିୟନ୍ତ୍ରିତ ସ୍ଥିତିରେ ରଖିବାକୁ ହେଲେ ନିବାରଣ ବା ନିରାକରଣକୁ ଅଧିକ ପ୍ରାଧାନ୍ୟ ଦେବା ଜରୁରୀ । ମେଲେରିଆ ଓ କଲେରା (ହଇଜା) ଭଳି ବ୍ୟାଧିକୁ ନିୟନ୍ତ୍ରଣ କରାଯାଇପାରିଛି କେବଳ ପାନୀୟ ଉପଯୋଗୀ ବିଶୁଦ୍ଧ ଜଳଯୋଗାଣ ଓ ପରିବେଶଗତ ସନ୍ତୁଳନ ରକ୍ଷା ମାଧ୍ୟମରେ । ଏକ୍ଷେତ୍ରରେ ଆମ ରାଜ୍ୟ କିନ୍ତୁ ଏକ ବ୍ୟତିକ୍ରମ । ନିକଟରେ ଯାଜପୁର ଜିଲ୍ଲାରେ ଦୂଷିତ ପାନୀୟ ଜଳ ଯୋଗୁଁ ଝାଡ଼ାବାନ୍ତି ସହ ହଇଜା ସଂକ୍ରମିତ ହୋଇଥିଲା । ନିକଟରେ ହସ୍ତଗତ ହୋଇଥିବା ଏକ ରିପୋର୍ଟରୁ ପ୍ରକାଶ ଯେ ଆମ ରାଜ୍ୟରେ ମେଲେରିଆ ରୋଗୀଙ୍କ ସଂଖ୍ୟା ଦେଶରେ ସର୍ବାଧିକ । ଜୁନ ଶେଷସୁଦ୍ଧା ୬ ମାସ ମଧ୍ୟରେ ମେଲେରିଆ ରୋଗୀଙ୍କ ସଂଖ୍ୟା ୩୬,୩୮୮ ଅତିକ୍ରମ କରିଛି । ଏହି ରୋଗ ସଂକ୍ରମଣର ବାହକ ହେଲେ ମଶା । ବର୍ଷା ଋତୁରେ ମଶାଙ୍କ ବଂଶବୃଦ୍ଧି ଘଟିଥାଏ । ଏବେ ଯେଉଁ ପରିସଂଖ୍ୟାନ ସାମ୍ନାକୁ ଆସିଛି ଆସନ୍ତା ଦୁଇତିନିମାସ ମଧ୍ୟରେ ତାହା କେତେ ବୃଦ୍ଧି ପାଇବ ଆକଳନ କରିବା କଷ୍ଟକର ।

ଜାତୀୟ ସଞ୍ଚାରଧର୍ମୀ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନ୍‌ସିଭିବିଡିସି) ରିପୋର୍ଟରୁ ପ୍ରକାଶ ଯେ କିଛି ବର୍ଷ ତଳେ ମେଲେରିଆ ରୋଗ ସଂକ୍ରମଣ ହ୍ରାସ କ୍ଷେତ୍ରରେ ଓଡ଼ିଶା ଉଦାହରଣ ସୃଷ୍ଟି କଲା ଭଳି ରାଜ୍ୟ ହୋଇଥିବା ବେଳେ ହଠାତ୍ ଏହି ପରିବର୍ତ୍ତନ ଉଦ୍‌ବେଗର କାରଣ ହୋଇଛି । ଏଥିଲାଗି କେନ୍ଦ୍ରର ଅସହଯୋଗ ଦର୍ଶାଇ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇଦେଲେ ଯେ ପରିସ୍ଥିତି ସୁଧୁରିଯିବ ଏକଥା ନୁହେଁ । ରାଜ୍ୟର ଯେଉଁ ଅଞ୍ଚଳ ବା ଜିଲ୍ଲାରେ ମେଲେରିଆ ସଂକ୍ରମଣ ବୃଦ୍ଧି ପାଇଛି ସେଠାକାର ଜନସାଧାରଣଙ୍କ ମଧ୍ୟରେ ସଚେତନତା ଅଭାବ ମୁଖ୍ୟ କାରଣ । ପରିବର୍ତ୍ତିତ ଜୀବନ ଧାରାରେ ମଶାଙ୍କ ପ୍ରାଦୁର୍ଭାବ ହ୍ରାସ ପାଇଁ ପ୍ରତିଷେଧକ ବ୍ୟବସ୍ଥା ବା ସଚେତନତା କ୍ରମେ ଗୁରୁତ୍ୱ ହରାଇଥିବାରୁ ମେଲେରିଆ ବଢ଼ିଚାଲିଛି । ସେହିଭଳି ମଶା ନିରାକରଣ ପାଇଁ ଔଷଧଯୁକ୍ତ ମଶାରି ବ୍ୟବହାର କ୍ରମେ ଗୁରୁତ୍ୱ ହରାଇଛି । କେନ୍ଦ୍ରସରକାରଙ୍କ ପକ୍ଷରୁ ଔଷଧଯୁକ୍ତି ମଶାରି (ଏଲଏଲଆଇଏନ) ଯୋଗଣ କ୍ରମାଗତ ଭାବେ ବନ୍ଦ ରହୁଛି । ଏକ୍ଷେତ୍ରରେ ରାଜ୍ୟ ସ୍ୱାସ୍ଥ୍ୟବିଭାଗ ଚାହିଁଥିଲେ ନିଜସ୍ୱ ସୂତ୍ର ଓ ସମ୍ବଳରୁ ଔଷଧଯୁକ୍ତ ମଶାରି ସଂଗ୍ରହ କରି ବଣ୍ଟନ କରିପାରିଥା'ନ୍ତେ । ଏଥିଲାଗି ଯେ ଏକ ବଡ଼ଧରଣର ବ୍ୟୟଭାର ରାଜ୍ୟ ସରକାରଙ୍କୁ ବହନ କରିବାକୁ ପଡ଼ି ଥା'ନ୍ତା, ଏକଥା ନୁହେଁ । ବରଂ ଏହାକୁ ସଚେତନା ଓ ଦୂରଦୃଷ୍ଟିର ଅଭାବ କୁହାଯାଇପାରେ । ଅବଶ୍ୟ ବିଭାଗୀୟ ନିର୍ଦ୍ଦେଶକ ଦର୍ଶାଇଛନ୍ତି ଯେ ଗତବର୍ଷ କେନ୍ଦ୍ରୀୟ ଯୋଗାଣରେ ବିଳମ୍ବ ଘଟିବାରୁ ରାଜ୍ୟସରକାର ୫୬ ଲକ୍ଷ ଔଷଧଯୁକ୍ତ ମଶାରି କ୍ରୟ କରିଥିଲେ । ଗତ ନଭେମ୍ବର ଓ ଡିସେମ୍ବର ମାସରେ ରାଜ୍ୟର ୧୦ଟି ଜିଲ୍ଲାରେ ଏହି ମଶାରି ବଣ୍ଟନ କରାଯାଇଛି । ଛାତ୍ରଛାତ୍ରୀ ଆବାସସ୍ଥଳ ସକାଶେ ଆଉ ୩ ଲକ୍ଷ ଔଷଧଯୁକ୍ତ ମଶାରି ସଂଗ୍ରହ କରାଯାଇଛି ।

ଓଡ଼ିଶା ପଛକୁ ଯେଉଁ ରାଜ୍ୟରେ ମେଲେରିଆ ପ୍ରାଦୁର୍ଭାବ ବୃଦ୍ଧିପାଉଥିବାର ପରିଲକ୍ଷିତ ହେଉଛି ସେଗୁଡ଼ିକ ହେଲା – ଝାଡ଼ଖଣ୍ଡ (୧୪,୭୮୧), ଛତିଶଗଡ଼(୧୪,୭୧୩), ମହାରାଷ୍ଟ୍ର (୬,୮୧୭), ପଶ୍ଚିମବଙ୍ଗ(୩,୭୬୨), ଉତ୍ତର ପ୍ରଦେଶ(୨,୮୫୧), ମିଜୋରାମ (୪,୯୯୯) ଓ ତ୍ରିପୁରା (୩,୪୫୬) । ସଂପୃକ୍ତ ରାଜ୍ୟଗୁଡ଼ିକର ଆୟତନ ଓ ଲୋକସଂଖ୍ୟା ଦୃଷ୍ଟିରୁ ବିଚାର କଲେ ମନେହୁଏ ଅନଗ୍ରସରତା ଓ ସଚେତନତାର ଅଭାବ ହିଁ ମେଲେରିଆ ସଂକ୍ରମଣର ମୁଖ୍ୟ କାରଣ । ଆମ ରାଜ୍ୟ ଏବେ ମଧ୍ୟ ଝାଡ଼ଖଣ୍ଡ, ଛତିଶଗଡ଼, ମିଜୋରାମ ଓ ତ୍ରିପୁରା ଭଳି ରାଜ୍ୟଠାରୁ ଏ କ୍ଷେତ୍ରରେ ପଛରେ ପଡ଼ିଛି । ଋତୁକାଳୀନ ବର୍ଷାଜଳ ଦିନ ଦିନ ଧରି ଜମି ରହିବା, ଅଳିଆ ଓ ଅବର୍ଜନା ପଡ଼ି ରହୁଥିବାରୁ ଅସମ୍ଭବ ଭାବେ ମଶାବଂଶ ବୃଦ୍ଧିପାଉଛି । ମେଲେରିଆ ଓ ଡେଙ୍ଗୁ ରୋଗ ବ୍ୟାପିବା ପଛରେ ଏହାର ଭୂମିକା ରହୁଥିଲେ ମଧ୍ୟ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ କରିବା ପଛରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ନିଷ୍ଠାର ଅଭାବ ସାଙ୍ଗକୁ ନାଗରିକମାନଙ୍କର ମଧ୍ୟ ସେଭଳି ସଚେତନା ଥିବା ଭଳି ମନେ ହେଉନାହିଁ । କିନ୍ତୁ ଏକଥା ସତ ଯେ ବର୍ଦ୍ଧିତ ମେଲେରିଆ ପ୍ରାଦୁର୍ଭାବ ପାଇଁ ଆମ ରାଜ୍ୟ ଏକ ନିନ୍ଦିତ ସ୍ଥିତିରେ ରହିଛି ।

ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଞ୍ଚଳ ହିଁ ସବୁଠାରୁ ଅଧିକ ମେଲେରିଆ ପ୍ରବଣ ଅଞ୍ଚଳ ରୂପେ ପରିଗଣିତ ହେଉଛି । କଳାହାଣ୍ଡି ଜିଲ୍ଲାରେ ସର୍ବାଧିକ ୮,୦୨୯ ମେଲେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ାରେ ୭୦୮୧, କନ୍ଧମାଳରେ ୪୩୮୧, ମାଲକାନଗିରିରେ ୪,୨୪୩, କୋରାପୁଟରେ ୩୮୯୬ ଓ ମୟୂରଭଞ୍ଜରେ ରୋଗୀସଂଖ୍ୟା ୩,୪୨୧ । ଆମେ ଏଠାରେ ଯେଉଁ ୬ଟି ଜିଲ୍ଲା କଥା ଉଲ୍ଲେଖ କରୁଛୁ ତାହା ମୁଖ୍ୟତଃ ଆଦିବାସୀ ଓ ଜନଜାତି ଅଞ୍ଚଳ ରୂପେ ପରିଗଣିତ । ସେମାନଙ୍କ ମଧ୍ୟରେ ଅପେକ୍ଷାକୃତ ରୋଗ ସଚେତନତା କମ । ମେଲେରିଆ କେନ୍ଦ୍ର କର୍ମଚାରୀଙ୍କ ପକ୍ଷରୁ ନିୟମିତ ସଚେନତା ସୃଷ୍ଟି ସାଙ୍ଗକୁ ରକ୍ତ ପରୀକ୍ଷା କରି ଔଷଧ ବଣ୍ଟନ କରିବାର ଆବଶ୍ୟକତା ରହିଛି । ଅଥଚ ମେଲେରିଆ କେନ୍ଦ୍ର କର୍ମଚାରୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି । ସତେଯେପରି ଏହି ରୋଗ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଦାୟିତ୍ୱ ସରକାରଙ୍କର ନୁହେଁ । ଏହି ବିଭାଗରେ ଖାଲି ପଡ଼ିଥିବା ପଦ ପୂରଣ ହେଉନାହିଁ । ଏମିତିରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ସବୁ ସ୍ତରରେ ପଦ ପଦବୀ ଖାଲି ପଡ଼ିଛି । ପାରାମେଡିକାଲ କର୍ମଚାରୀ ଅଭାବ ମଧ୍ୟ ପରିଲକ୍ଷିତ ହେଉଛି । କେବଳ ମେଡିକାଲ କଲେଜ ଖୋଲି ନିଅଣ୍ଟିଆ ପରିସ୍ଥିତିର ମୁକାବିଲା କରାଯାଇ ପାରିବ ଏକଥା ନୁହେଁ । ରାଜ୍ୟର ତିନିଟି ପ୍ରମୁଖ ମେଡିକାଲ କଲେଜ, ଯାହା ଉପରେ ରାଜ୍ୟବାସୀଙ୍କ ଭରସା ଓ ବିଶ୍ୱାସ ରହିଛି ସେଠାରେ ମଧ୍ୟ ଠିକଣା ଭାବେ ଚିକିତ୍ସା ସୁବିଧା ମିଳୁନି । ନୂଆ ମେଡିକାଲ କଲେଜକୁ ସକ୍ରିୟ କରିବା ସକାଶେ ପୁରୁଣାରୁ ନୂଆକୁ ଡାକ୍ତର ଓ ସ୍ୱାସ୍ଥ୍ୟ କମର୍ଚରୀ ସ୍ଥାନାନ୍ତର କରାଯାଥିବାରୁ ଦୁଇ ବ୍ୟବସ୍ଥା ଏକାବେଳେ ଭୁଶୁଡ଼ି ପଡ଼ିଛି ।

ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ କ୍ରମେ ନିର୍ଭରଶୀଳତା ହ୍ରାସ ପାଇଥିବାର ପରିଲକ୍ଷିତ ହେଉଛି । ସରକାରୀ ସ୍ୱାସ୍ଥ୍ୟବୀମା ସୁବିଧା ପାଇଥିବା ଉପଭୋକ୍ତାଙ୍କୁ ଲୁଟିବା ସକାଶେ ଅପେକ୍ଷା କରି ବସିଛନ୍ତି କର୍ପୋରେଟ ହସପିଟାଲ । ବିଭିନ୍ନ ସ୍ତରରେ ବୀମା ଅର୍ଥ ଲୁଟପାଟ ଚାଲିଛି । ପାଞ୍ଚ ପଇସାର ରୋଗ ପାଇଁ ଦଶ ପଇସାର ଚିକିତ୍ସା । ଆବଶ୍ୟକତାଠାରୁ ଅଧିକ ଅର୍ଥ ଦାବି କରାଯାଇଥିବାରୁ ବୀମା ସରହଦ ମଧ୍ୟରେ ତାହାକୁ ଭରଣା କରଯାଇପାରୁନି । ତେଣୁ ଦିନକୁ ଦିନ ଜନ ଯନ୍ତ୍ରଣା ଓ ଜଞ୍ଜାଳ ବଢ଼ିବାର ଲାଗିଛି । ଯେଉଁ ନିମ୍ନ-ମଧ୍ୟବିତ୍ତ ବର୍ଗ ଲୋକ ସରକାରୀ ସୁବିଧାରୁ ବଞ୍ଚିତ, ସେମାନଙ୍କୁ ଆହା କହିବାକୁ କେହି ନାହିଁ । ଜିଲ୍ଲା ଜିଲ୍ଲାରେ ମେଡିକାଲ କଲେଜର ସୁଦୃଶ୍ୟ କୋଠା ଦେଖି ରାଜ୍ୟବାସୀଙ୍କ ପେଟ ପୂରିଯାଇଛି ସିନା ଚିକତ୍ସା ଓ ନିଦାନ ବ୍ୟବସ୍ଥା ଯେଉଁ ତିମିରେକୁ ସେଇ ତିମିରେ ରହିଯାଇଛି ।

# ସମ୍ପାଦକୀୟ



ପ୍ରତିଯୋଗୀଙ୍କ ସହିତ ଯୁଦ୍ଧ ଯେପରି ଅପରିହାର୍ଯ୍ୟ, ପ୍ରତିବେଶୀଙ୍କ ସହିତ ବନ୍ଧୁତା ସେପରି ଜରୁରୀ ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

# ସମାଜ-ବିରୋଧୀ ବ୍ୟକ୍ତିତ୍ୱ

**ପ୍ରଫେସର ଫକୀର ମୋହନ ସାହୁ**



ଆମର ସମସାମୟିକ ଜୀବନରେ ଯେଉଁ ବିଷବଳୟ କ୍ରମପ୍ରସାରିତ ହେବାରେ ଲାଗିଛି, ସେହି ଜୀବନମଞ୍ଚର ମୁଖ୍ୟ ଖଳନାୟକ ହେଉଛି ସମାଜ-ବିରୋଧୀ ବ୍ୟକ୍ତିତ୍ୱ । ପ୍ରତିଦିନ ସକାଳବେଳାର ମୁହଁରେ ଚା'ର ତୃପ୍ତିକର ଆସ୍ୱାଦନର ଅନୁଭବ ପୂର୍ବରୁ ନାରୀ ନିର୍ଯାତନା ଏବଂ ମଣିଷ ଚରିତ୍ରର ନଗ୍ନ ଦୃଶ୍ୟାବଳୀ ମନପ୍ରାଣକୁ ବିଷାକ୍ତ କରିଦେଉଛି । ଓଡ଼ିଶା ପରି ପରମ୍ପରାପ୍ରିୟ ରାଜ୍ୟରେ ମଧ୍ୟ ନାରକୀୟ କାର୍ଯ୍ୟକଳାପର ମାତ୍ରା ବଢ଼ି ଚାଲିଛି ।

ସବୁସମୟରେ ମନୋବିଜ୍ଞାନୀ ଏବଂ ମନୋଚିକିତ୍ସକମାନେ ମାନସିକ ବିପର୍ଯ୍ୟୟର ଏ ଦିଗଟି ପ୍ରତି ସଚେତନ ଥିଲେ । ଅତୀତରେ ଏ ଦିଗରେ ବିଶେଷ ଚର୍ଚ୍ଚା ହୋଇଛି ଏବଂ ପ୍ରତିକାର ବ୍ୟବସ୍ଥାର ପରାମର୍ଶ ମଧ୍ୟ ଦିଆଯାଇଛି । କିନ୍ତୁ ଏବେ ଅଧୋଗତିର ମାତ୍ରା ଏତେ ଅଧିକ ଯେ ପ୍ରତିକାର ବ୍ୟବସ୍ଥା ଆଶାନୁରୂପ ଭାବରେ ସଫଳ ହେଉନାହିଁ । ମାନସିକ ବିପର୍ଯ୍ୟୟର ଯେଉଁ ମାର୍ଗଦର୍ଶକ ପୁସ୍ତିକା ରହିଛି, ତାହାର ସୂଚନା ଅନୁଯାୟୀ ସମାଜବିରୋଧୀ ବ୍ୟକ୍ତିତ୍ୱର ମୁଖ୍ୟ ଲକ୍ଷଣ ହେଉଛି ଅନ୍ୟର ଅଧିକାର ପ୍ରତି ଅସମ୍ମାନ ଏବଂ ଅନ୍ୟର ଅଧିକାରକୁ ବିପର୍ଯ୍ୟସ୍ତ କରିବା । ଏହି ମାନସିକତା ନେଇ ସେମାନେ ଦାୟିତ୍ୱହୀନ, ଆକ୍ରମଣାତ୍ମକ ଓ ଛଳନାପୂର୍ଣ୍ଣ ବ୍ୟବହାର କରନ୍ତି ଏବଂ ଅନ୍ୟକୁ କ୍ଷତିଗ୍ରସ୍ତ କରନ୍ତି । ଅନେକ ସମୟରେ ଏଥିପାଇଁ ସେମାନଙ୍କୁ ପୁଲିସ୍ ଓ ନ୍ୟାୟିକ ବ୍ୟବସ୍ଥାର ସମ୍ମୁଖୀନ ହେବାକୁ ହୁଏ । କିନ୍ତୁ ଶଠତା, ନାଟକୀୟତା ଓ ଛଳନା ମାଧ୍ୟମରେ ନିଜକୁ ରକ୍ଷା କରିବାର ଉଦ୍ୟମ କରନ୍ତି ।

ମନୋବିଜ୍ଞାନୀ ଓ ମନୋଚିକିତ୍ସକମାନେ ସମାଜବିରୋଧୀ ବ୍ୟକ୍ତିତ୍ୱ ଚିହ୍ନଟ କରିବା ସମୟରେ କେତେଗୁଡ଼ିଏ ତାଲିକାଭୁକ୍ତ ଖରାପ ବ୍ୟବହାର ମଧ୍ୟରୁ ଅନ୍ତତଃ ତିନୋଟିର ଉପସ୍ଥିତି ଠାବ କରି ବିପର୍ଯ୍ୟୟର ଚିହ୍ନଟ କରନ୍ତି । ସେହି ଲକ୍ଷଣସମୂହ ହେଉଛି ସମାଜର ମାନଦଣ୍ଡକୁ ମାନିନେବାରେ ବିଫଳତା, ମିଥ୍ୟାଚାର, ମାତ୍ରାଧିକ ଆବେଗପ୍ରବଣତା, ଆକ୍ରମଣାତ୍ମକ ବ୍ୟବହାର, ନିଜର ଓ ଅନ୍ୟର ସୁରକ୍ଷା ପ୍ରତି ଅବହେଳା, ଶିକ୍ଷାର୍ଥୀ ହୋଇଥିଲେ ଶିକ୍ଷାନୁଷ୍ଠାନରେ ଏବଂ କର୍ମଚାରୀ ହୋଇଥିଲେ କର୍ମସଂସ୍ଥାରେ ରୀତିମତ ଅବହେଳା, ଦୋଷକରି ଅନୁତାପ ନ କରିବା ଏବଂ କୌଣସି ପ୍ରକାର ସାମାଜିକ କଟକଣା କିମ୍ବା ଶାସ୍ତିବିଧାନକୁ ଭ୍ରୂକ୍ଷେପ ନ କରିବା ।

ସମାଜବିରୋଧୀ ବ୍ୟକ୍ତିତ୍ୱ ସଂପର୍କରେ ଯେଉଁ ସମସ୍ତ ମନସ୍ତାତ୍ତ୍ୱିକ ଗବେଷଣା ହୋଇଛି, ତାହାର ଫଳସ୍ୱରୂପ ଏହି ବିପର୍ଯ୍ୟୟର ଦୁଇଟି ପୃଥକ୍ ଉପାଦାନକୁ ଚିହ୍ନଟ କରାଯାଇଛି । ପ୍ରଥମଟି ହେଉଛି ଆବେଗିକ ଓ ସାମାଜିକ ଦିଗ । ଏପରି ବିକୃତିସମ୍ପନ୍ନ ଲୋକମାନଙ୍କର କୌଣସି ଅପରାଧବୋଧ ନ ଥାଏ । ସମାନାନୁଭୂତି ଓ ସମ୍ବେଦନଶୀଳତା ପ୍ରାୟ ନ ଥାଏ । ବହୁ ସମାଜବିରୋଧୀ ବ୍ୟକ୍ତିଙ୍କର ବାଲ୍ୟକାଳୀନ ଇତିହାସରୁ ଦେଖାଯାଏ ଯେ କୌଣସି ଦୁଃଖଦ ଘଟଣା ସମୟରେ କାନ୍ଦିବା କିମ୍ବା ଦୁଃଖପ୍ରକାଶ କରିବାର ଉଦାହରଣ ବିରଳ । ନିଜର ଉପରଠାଉରିଆ ଆକର୍ଷଣଶୀଳତାର ସୁଯୋଗ ବ୍ୟବହାର କରି ଏମାନେ ଅନ୍ୟମାନଙ୍କୁ ପ୍ରତାରିତ କରନ୍ତି । ଦ୍ୱିତୀୟ ଉପାଦନଟି ବ୍ୟବହାରିକ ଦିଗ । ସମାଜବିରୋଧୀ କାର୍ଯ୍ୟ (ଯଥା- ଚୋରିକରିବା, ଜାତୀୟ ସମ୍ପତ୍ତି ନଷ୍ଟ କରିବା) କରିଥା'ନ୍ତି । ଦାୟିତ୍ୱହୀନ ଭାବରେ ଆତ୍ମନିୟନ୍ତ୍ରଣ ହରାଇବସନ୍ତି । ଅତିମାତ୍ରାରେ ପରନିର୍ଭରଶୀଳତା ଓ ଉତ୍ତେଜନାପ୍ରବଣ କାର୍ଯ୍ୟକଳାପ ପରିଦୃଷ୍ଟ ହୁଏ ।

ସମାଜବିରୋଧୀ ବ୍ୟକ୍ତିତ୍ୱର କାରଣ ଅନୁସନ୍ଧାନ କରିବା ସମୟରେ ଗବେଷକମାନେ ଅଳ୍ପକିଛି ପରିମାଣର ବଂଶାନୁଗତର ପ୍ରମାଣ ପାଇଥିଲେ ମଧ୍ୟ ଯେଉଁ ମୂଳ ଉପାଦାନଟି ସର୍ବାଧିକ ଦୃଷ୍ଟି ଆକର୍ଷଣ କରିଛି, ତାହା ହେଉଛି ଭୟ ସମ୍ପର୍କିତ ସିଦ୍ଧାନ୍ତ । ଆମେ ସମସ୍ତେ ଜାଣୁ ଯେ, ଭୟ ଏକ ନକାରାତ୍ମକ ଆବେଗ । ସବୁ ସମୟରେ ଆମକୁ ନିର୍ଭୀକ ରହିବା ପାଇଁ ଉପଦେଶ ଦିଆଯାଏ । ଏହା ସତ ହେଲେ ମଧ୍ୟ କିଛି ପରିମାଣରେ ଭୟ ପ୍ରାଣୀଜୀବନରେ ସକାରାତ୍ମକ ଭୂମିକା ନିଏ । ମନୁଷ୍ୟ ଭୟପାଇ ହିଂସ୍ର ଜୀବଜନ୍ତୁଙ୍କ କବଳରୁ ରକ୍ଷା ପାଇବା ପାଇଁ ଉଦ୍‌ବର୍ତ୍ତନ ତା' ମଧ୍ୟରେ କିଛି ଭୟ ଦେଇଛି । ଫଳରେ ମନୁଷ୍ୟ ସୁରକ୍ଷା ଦିଗରେ ପଦକ୍ଷେପ ନେଇପାରୁଛି । ଠିକ୍ ସେହିପରି ଆମେ ଭୟ ପ୍ରଦର୍ଶନର ସହାୟତା ନେଇ ଲୋକମନରେ ବାଞ୍ଛନୀୟ ବ୍ୟବହାର ଗଠନ କରୁ । ତୁମେ ଅଧିକ ଧୂମପାନ କଲେ ହୃଦ୍‌ଘାତର ଶିକାର ହେବ - ଏପରି ଭୟ ଦେଖାଇ ବ୍ୟକ୍ତିକୁ ସୁସ୍ଥ ରଖିବାର ପ୍ରୟାସ କରୁ । ଜୀବନର ଆରମ୍ଭରୁ ପରିବାର ଓ ସମାଜରେ ଯେଉଁ ସାମାଜୀକରଣ ପ୍ରକ୍ରିୟା ଆରମ୍ଭ ହୁଏ, ତାହା ମଧ୍ୟ ଭୟ ଓ ଶାସ୍ତିବିଧାନର ନୀତିଉପରେ ପ୍ରତିଷ୍ଠିତ । ନିୟମକୁ ମାନିବା ପାଇଁ ପୁରସ୍କାର ସହିତ ନିୟମର ଅବମାନନାରେ ଶାସ୍ତିର ବ୍ୟବସ୍ଥା ଥାଏ ।

ଗବେଷଣାରୁ ଦେଖାଯାଉଛି ଯେ ସମାଜବିରୋଧୀ ଶିଶୁ, କିଶୋର/କିଶୋରୀ ଏବଂ ଯୁବକଯୁବତୀ ମଧ୍ୟରେ ଏପରି ସକାରାତ୍ମକ ଭୟର ମାତ୍ରା କମ୍ । ଏହାଫଳରେ ସେମାନଙ୍କର ବିବେକ (ଭଲମନ୍ଦର ଜ୍ଞାନ) ମନ୍ଥର ହୁଏ । ଅନୈତିକ କାର୍ଯ୍ୟ ନ କରିବା ପାଇଁ ଯେଉଁ ଅନ୍ତର୍ବୋଧ ଓ ସଂଯମ ଆବଶ୍ୟକ, ତାହାର ଅଭାବ ହୁଏ ।

ସମାଜବିରୋଧୀ ବ୍ୟକ୍ତିତ୍ୱର ପ୍ରତିରୋଧ ପାଇଁ ମନୋଚିକିତ୍ସକମାନେ କେତେକ ଔଷଧପତ୍ରର ଉପଯୋଗ କରୁଥିଲେ ମଧ୍ୟ ସଫଳତା ସେପରି ପ୍ରଶଂସନୀୟ ନୁହେଁ । ଔଷଧ ମାଧ୍ୟମରେ ମୁଖ୍ୟତଃ ଅତିଚଞ୍ଚଳତା, ଆବେଗପ୍ରବଣତା ଏବଂ ଆକ୍ରମଣାତ୍ମକ ମନୋଭାବର ହ୍ରାସ କରିବାର ପ୍ରୟାସ କରାଯାଏ । ମନୋବିଜ୍ଞାନୀମାନେ ସେମାନଙ୍କ ତାଲିମ କାର୍ଯ୍ୟକ୍ରମରେ ଆତ୍ମସଂଯମ, ସମାନୁଭୂତି ବା ଏମ୍ପାଥି, ଅନ୍ୟର ଦୃଷ୍ଟିଭଙ୍ଗୀକୁ ବିଚାର କରିବାର ଉଦାରତା ଶିକ୍ଷା ଦିଅନ୍ତୁ । ସମାଜବିରୋଧୀ ମାନସିକତା କିପରି ନିଜର ଓ ଅନ୍ୟର କ୍ଷତିସାଧନ କରିବ, ତାହାର ବିଶଦ ବ୍ୟାଖ୍ୟା ଦିଅନ୍ତୁ । ସମାଜବିରୋଧୀ ବ୍ୟକ୍ତିତ୍ୱର ପ୍ରତିରୋଧ କ୍ଷେତ୍ରରେ ସମ୍ମିଳିତ ଭାବରେ ଏକାଧିକ ପନ୍ଥା ଏବଂ ଏକାଧିକ ବିଶେଷଜ୍ଞଙ୍କ ସହାୟତା ଉପଯୋଗୀ ମନେ ହୁଏ ।

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

# ସମୃଦ୍ଧ ଓଡ଼ିଶାର ପ୍ରତୀକ: କୋଟପାଡ଼ ହସ୍ତତନ୍ତ

**ରାଜେଶ ରାୟ**



ଓଡ଼ିଶାର ଦକ୍ଷିଣ ରାଇଜରେ ଶୋଭା ପାଉଥିବା କୋରାପୁଟ ଜିଲ୍ଲା ପ୍ରାକୃତିକ ପରିବେଶକୁ ନେଇ ଯେତିକି ପ୍ରସିଦ୍ଧ, ସେତିକି ନିଜର ଐତିହ୍ୟ ଓ ପରମ୍ପରାକୁ ନେଇ ସମୃଦ୍ଧ । ଜିଲ୍ଲାର ବିଭିନ୍ନ କୋଣରେ ବସବାସ କରୁଥିବା ଆଦିମ ଆଦିବାସୀମାନଙ୍କ ପାଖରେ ଦେଖିବାକୁ ମିଳେ ନିଆରା ପରମ୍ପରା, ଯାହା ବିଶ୍ୱବିଦିତ । ଆଦିବାସୀମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ଉତ୍ପାଦରେ ଉଙ୍କିମାରେ ସେମାନଙ୍କ ସରଳ ଜୀବନଶୈଳୀ ଏବଂ ଅଭିନବ ସଂସ୍କୃତିର ପ୍ରତିଛବି । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି କୋଟପାଡ଼ର ହସ୍ତତନ୍ତ ।

କୋରାପୁଟ ଜିଲ୍ଲାର ଏକ ବ୍ଲକ ତଥା ବିଧାନସଭା କ୍ଷେତ୍ରର ନାମ ହେଉଛି କୋଟପାଡ଼ । ଆଦିବାସୀ ହସ୍ତତନ୍ତର ଏକ ପ୍ରମୁଖ କେନ୍ଦ୍ରସ୍ଥଳୀ ଭାବେ କୋଟପାଡ଼ କେବଳ ଓଡ଼ିଶାରେ ନୁହେଁ, ବରଂ ଦେଶବିଦେଶରେ ବେଶ୍ ପରିଚିତ । କୋଟପାଡ଼ରେ ବସବାସ କରୁଥିବା ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ହସ୍ତତନ୍ତ ବୁଣାକାର ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ସେମାନେ ପ୍ରାକୃତିକ ଉପାୟରେ ଲାଲ୍, ମାଟିଆ, କଳା ଓ ଧଳା ରଙ୍ଗର କୋମଳ ସୂତାରୁ ଶାଢ଼ି ଓ ଓଢ଼ଣି ଆଦି ବୁଣିଥା'ନ୍ତି, ଯାହା ଓଡ଼ିଶା ଓ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ପ୍ରାକୃତିକ ଉପାୟରେ ଧଳା ସୂତାକୁ ରଙ୍ଗଦେଇ କଳା, ମାଟିଆ ଓ ଲାଲ୍ ଏହିପରି ତିନି ରଙ୍ଗର ସୂତା ପ୍ରସ୍ତୁତ କରିଥା'ନ୍ତି । ଏଥିପାଇଁ ସେମାନେ ପ୍ରାକୃତିକ ଜୈବିକ ପଦାର୍ଥ ଯଥା ଗୋବର, ଜଡ଼ାତେଲ, ପାଉଁଶ ଆଦି ବ୍ୟବହାର କରନ୍ତି । ସୂତାକୁ ରଙ୍ଗଦେବା ପ୍ରକ୍ରିୟାରେ କେବଳ ମିର୍ଗାନ୍ ସମ୍ପ୍ରଦାୟର ମହିଳାମାନେ ଭାଗ ନିଅନ୍ତି, ଯାହା ନାରୀ ସଶକ୍ତୀକରଣର ଛବିକୁ ଉପସ୍ଥାପନ କରେ ଏବଂ ପୁରୁଷମାନେ ବୁଣାକାର ଭାବେ କାର୍ଯ୍ୟ କରନ୍ତି । ଏଠାରେ ସୂତାକୁ ରଙ୍ଗ ଦେବା ପ୍ରକ୍ରିୟାଟି ଖୁବ୍ ଆକର୍ଷଣୀୟ । ପ୍ରଥମେ ଧଳା ସୂତାକୁ ଆଣି ୧୨ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖାଯାଏ । ପରେ ଆବଶ୍ୟକ ମୁତାବକ ଗୋବର ଓ ଜଡ଼ାତେଲର ମିଶ୍ରଣକୁ ଲେପ ଦିଆଯାଇ କାଠ ସାହାଯ୍ୟରେ ଶୁଖାଯାଏ (ଏଥିରେ ଗୋବର ବ୍ଲିଚିଂ ଏଜେଣ୍ଟ ପରି କାମକରେ) । ସୂତାଗୁଡ଼ିକ ମେହେନ୍ଦି ରଙ୍ଗ ପଡ଼ି ଆସିଲେ ତା'କୁ ନେଇ ପାଉଁଶ ପାଣିରେ ବୁଡ଼ାଇ ୧୫ ରୁ ୨୦ ଦିନ ଯାଏଁ ରଖାଯାଏ । ସୂତାକୁ ନାଲିରଙ୍ଗ ଦେବା ପାଇଁ ଆଲ୍ ନାମକ ଏକ ଗଛର ଛାଲିକୁ ପାଣିରେ ପକାଇ ସେଥିରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମେହେନ୍ଦି ରଙ୍ଗର ସୂତା ନେଇ ସିଝାଯାଏ । ମେରୁନ୍ ବା ମାଟିଆ ରଙ୍ଗ ପାଇଁ ମଧ୍ୟ ଆଲ୍ ଗଛର ଛାଲିକୁ ଅଳ୍ପ କିମ୍ବା ବହୁତ ପରିମାଣର ବ୍ୟବହାର କରାଯାଏ ଏବଂ ସୂତାକୁ କଳା ରଙ୍ଗ ଦେବା ପାଇଁ ହରିଡ଼ା, ହୀରାକଷି(ଏକ ଗଛର ମଞ୍ଜି) ଆଦିକୁ ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ବ୍ୟବହାର କରନ୍ତି । ସୂତାଗୁଡ଼ିକୁ ପ୍ରାକୃତିକ ଉପାୟରେ ରଙ୍ଗ କରାଯାଉଥିବାରୁ ତାହା ଶରୀର ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଏ ନାହିଁ ।

କୋଟପାଡ଼ର ହସ୍ତତନ୍ତରେ ମିର୍ଗାନ ସମ୍ପ୍ରଦାୟର ଆଦିବାସୀମାନେ ମାଛ, ବେଙ୍ଗ, ହରିଣ, ଗଛ ଓ ମୟୂର ଆଦି ପ୍ରତିଛବିଗୁଡ଼ିକୁ ବୁଣିଥା'ନ୍ତି, ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ । ଏହି ହସ୍ତତନ୍ତରେ ଆଲ୍ ଗଛର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ, ଯାହାର ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ତେଣୁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଏବେ କୋଟପାଡ଼ର ଆଖପାଖ ଅଞ୍ଚଳରେ ଆଲ ଜଙ୍ଗଲ ସୃଷ୍ଟି କରାଯାଇଛି । କୋଟପାଡ଼ ହସ୍ତତନ୍ତର ବିଶେଷତ୍ୱ ହେଉଛି ତାହା ସଂପୂର୍ଣ୍ଣ ପ୍ରାକୃତିକ ଓ ଦୀର୍ଘସ୍ଥାୟୀ । ଏହି ହସ୍ତତନ୍ତରେ ମିର୍ଗାନ୍ ଆଦିବାସୀଙ୍କ ସରଳ ଓ ପ୍ରାକୃତିକ ଜୀବନଶୈଳୀ ଜୀବନ୍ତ ହୋଇଉଠେ । ଗୋଟିଏ ଶାଢ଼ି ସର୍ବନିମ୍ନ ୭ ହଜାର ଟଙ୍କାରୁ ଆରମ୍ଭକରି ୧୮ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ । ସେଇଥିପାଇଁ ଆଜି କୋଟପାଡ଼ର ହସ୍ତତନ୍ତ ବୟନଶିଳ୍ପ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପାରଦର୍ଶିତାକୁ ବହନ କରୁଛି ।

ରାଜ୍ୟ ସରକାରଙ୍କ ହସ୍ତତନ୍ତ ବିଭାଗ ବୟନିକା ମାଧ୍ୟମରେ କୋଟପାଡ଼ ଆଦିବାସୀଙ୍କ ହସ୍ତତନ୍ତକୁ ଏବେ କିଣାଯାଉଛି । ସେଥିପାଇଁ ଏକ ବୁଣାକାର ସମିତି ଗଠନ କରାଯାଇଛି । ଏହାଦ୍ୱାରା ଆଦିବାସୀମାନେ ସେମାନଙ୍କ ଉତ୍ପାଦର ସଠିକ୍ ମୂଲ୍ୟ ପାଇ ପାରୁଛନ୍ତି । ଅନ୍ୟ ରାଜ୍ୟ ଓ ଦେଶରୁ ଆଗନ୍ତୁକମାନେ ଆସି କୋଟପାଡ଼ର ଆଦିବାସୀ ହସ୍ତତନ୍ତକୁ କିଣୁଛନ୍ତି । ଏବେ ମିର୍ଗାନ୍ ସମ୍ପ୍ରଦାୟର ଯୁବପିଢ଼ି ମଧ୍ୟ ଏହି କୌଳିକ ବୃତ୍ତିକୁ ଆଦରି ନେଲେଣି । ଯଦି ଏହି ହସ୍ତତନ୍ତର ସଠିକ୍ ସୁରକ୍ଷା, ପ୍ରଚାର ପ୍ରସାର ହୁଅନ୍ତା ଏବଂ ସରକାରଙ୍କ ତରଫରୁ ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀଙ୍କ ପାଇଁ ଯଦି କିଛି ସୁବିଧା ସୁଯୋଗ କରାଯା'ନ୍ତା ତେବେ ବୟନଶିଳ୍ପ କ୍ଷେତ୍ରରେ କୋଟପାଡ଼ ହସ୍ତତନ୍ତ ଓଡ଼ିଶାର ନାମକୁ ବିଶ୍ୱ ଦରବାରରେ ସମୃଦ୍ଧ କରିପାରନ୍ତା । ରାଜ୍ୟ ସରକାର ୨୦୩୬ ମସିହା ବେଳକୁ ପରିକଳ୍ପନା କରିଥିବା ସମୃଦ୍ଧ ଓଡ଼ିଶାର ଚିତ୍ର ଆଉଟିକେ ସ୍ପଷ୍ଟ ଦିଶନ୍ତା ।

(ଅଧ୍ୟାପକ, ବିଦ୍ୱାନ୍ ମହାବିଦ୍ୟାଳୟ)
ଜୟପୁର, ମୋ: ୬୩୭୧୫୫୫୯୪୦

# ଗୋଦାବରୀର ପବିତ୍ର ପ୍ରବାହ: ଗୋଦାବରୀଶ ମିଶ୍ର

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ସୁପ୍ରସିଦ୍ଧ, ସୁପ୍ରଶସ୍ତ, ସୁବିଶାଳ ଗୋଦାବରୀ ନଦୀର ପବିତ୍ରତା, ଉଦାରତା, ଚିର ପ୍ରବହମାନତା ଯେ ମାନବୀୟ ବିଗ୍ରହରେ ହୋଇପାରେ ଆବିର୍ଭୂତ, ଏହି ଅନ୍ତଃସତ୍ୟ ପ୍ରଦର୍ଶିତ ହୋଇଯାଇଛି ଗୋଦାବରୀଶ ମିଶ୍ରଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ ସର୍ଜନାରେ । ସତ୍ୟବାଦୀ ବନବିଦ୍ୟାଳୟର ତ୍ୟାଗପୂତ ଆଦର୍ଶ ଶିକ୍ଷକ ଭାବରେ ସେ ସୃଷ୍ଟି କରିଥିଲେ ଯେଉଁ ଜାତୀୟତାର ଭାବସ୍ରୋତ, ତାହା କ୍ରମଶଃ ଅଧିକ ପ୍ରଭାବଶାଳୀ, ଚେତନାଦୀପ୍ତ ଓ ପ୍ରେରଣାପୂର୍ଣ୍ଣ ହୋଇ ସମଗ୍ର ଓଡ଼ିଶାର ଜନମାନସକୁ ପରିପ୍ଲାବିତ କରିଦେଇଛି ଅସାମାନ୍ୟ ଶକ୍ତି ବହନ କରି । ଜଣେ ସ୍ୱଦେଶାନୁରକ୍ତ ସାହିତ୍ୟ ସ୍ରଷ୍ଟା ଭାବେ କବିତା, ଗଳ୍ପ, ନାଟକ-ଯାହା ବି ସେ ଲେଖନ୍ତୁ ନା କାହିଁକି ସର୍ବତ୍ର ଜାତୀୟ-ଗୌରବ ସ୍ପନ୍ଦିତ ହୋଇ ଉଠିଲା ଗଭୀର ଉଚ୍ଛ୍ୱାସ ବହନ କରି । 'କିଶଳୟ', 'କୁସୁମ', 'ଗୀତାୟନ', 'କବିତାୟନ', 'ଗୀତିଗୁଚ୍ଛ', 'ଚୟନିକା' ଆଦି କବିତା ଗ୍ରନ୍ଥରେ ତାଙ୍କ ପ୍ରାଣାବେଗ କି ମର୍ମସ୍ପର୍ଶୀ! ମନ୍ମୟଧର୍ମୀ ସ୍ନିଗ୍ଧତା କି ସୁଷମାମଣ୍ଡିତ! ସେହିପରି ସେ ଲେଖନ୍ତି 'ଆଲେଖିକା' । ସେଥିରେ ଅତୀତ ଓଡ଼ିଶାର କାରୁଣ୍ୟ ବିଜଡ଼ିତ ଜୀବନ ସହ ଗୌରବମୟ ଅମଳିନ ବୀରତ୍ୱ ଓ ସାହସିକତା କିପରି ମର୍ମରିତ ହୋଇ ନ ଉଠିଛି! 'କାଳିଜାଈ' ଓ 'ଦୁଃଖୀଧନ' କବିତାର କରୁଣ ମୂର୍ଚ୍ଛନା ସାମାନ୍ୟ ସମ୍ବେଦନାସିକ୍ତ ପାଠକ ଅନ୍ତରରେ ଆଜି ବି ବାରମ୍ବାର ସୃଷ୍ଟି କରି ଆସୁଛି ଅସଂଖ୍ୟ ଅଶ୍ରୁକଣା ।

'ଧୀରେ କରି ନାଆ ବୁହାରେ ନାଉରି, ଝିଅକୁ ମାଡୁଚି ଡର, ଗଡ଼େ ଗଡ଼ୁ ଲୋକ ଚାହିଁ ବସିଥିବେ ଝିଅ ଯିବ ଶାଶୂ ଘର' କିମ୍ବା 'ବାପା ପଚାରନ୍ତି ଖୋଜି ନାଉରିରେ ଝିଅ ମୋର ଗଲା କାହିଁ?, ବୁଜି ଆଖି ଠିଆ ନାଉରି ନିଜେ ଲୋ ତୁଣ୍ଡ ତା ଫିଟଇ ନାହିଁ । ଯେତେଦିନ ପର୍ଯ୍ୟନ୍ତ ଚିଲିକାର ନୀଳ ଜଳରାଶି ଲହରାୟିତ ସେ ପର୍ଯ୍ୟନ୍ତ ଏହି ପଦଗୁଡ଼ିକର ଗୁଞ୍ଜରଣ ଛାତି ଥରାଇ ଦେଉଥିବ ନିଶ୍ଚୟ ।

ସେ ପାଶ୍ଚାତ୍ୟ ଶିକ୍ଷାରେ ଶିକ୍ଷିତ । ଅଥଚ ଗାଥା ବା ବାଲାଡ଼ ରଚନାର ପାଶ୍ଚାତ୍ୟ ପ୍ରଣାଳୀକୁ ସେ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ ନ କରିବାର କାରଣ ହେଉଛି ତାଙ୍କର ଏହି ଅନ୍ତଃଆହ୍ୱାନ । 'ମୁକୁନ୍ଦଦେବ', 'ପୁରୁଷୋତ୍ତମଦେବ' ନାଟକ ରଚନା ପଶ୍ଚାତରେ ମଧ୍ୟ ଏହି ଆତ୍ମିକ ସମ୍ବନ୍ଧର ପ୍ରଗାଢ଼ତା ହିଁ କ୍ରିୟାଶୀଳ । 'ପୁରୁଷୋତ୍ତମଦେବ' ନାଟକରେ ଯେଉଁ ଉଦ୍‌ବୋଧନ ସଂଗୀତ ସେ ସଂଯୁକ୍ତ କରିଛନ୍ତି ତାହା ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ସଂଗୀତ ଭାବରେ ପ୍ରତିଟି କାର୍ଯ୍ୟକ୍ରମ ଶୁଭାରମ୍ଭ ବେଳେ ସମ୍ମିଳିତ କଣ୍ଠରେ ଗାନ କରାଯାଏ - 'ତୁଙ୍ଗ ଶିଖରୀ-ଚୂଳ କୁଞ୍ଜ କାନନ-ମାଳ ପୁଣ୍ୟ ଜଳଧି-ଜଳ ଖେଳିଉଠୁ ସଘନେ / ପ୍ରାଚୀ ଗଗନ-ଶିରେ ଭାସି କନକ-ନୀରେ ଆସ ତପନ ଉଇଁ ଏ ଉତ୍କଳ ଭୁବନେ ।' ଏ ସଂଗୀତର ଶବ୍ଦ-ସଂଯୋଜନା, ସାଙ୍ଗୀତିକ ମୂର୍ଚ୍ଛନା, ଉଦବୋଧନକ୍ଷମ ଭାବ ଓ ଭାଷାର ବୈଭବ ଯେକୌଣସି ତରୁଣପ୍ରାଣରେ ସୃଷ୍ଟି କରେ ସାମୁଦ୍ରିକ ଉତ୍ତାଳ ତରଙ୍ଗ ।

କବିତା, ନାଟକ ରଚନାରେ ଗୋଦାବରୀଶ ଯେପରି ସୁନୀଳ ଆକାଶତଳେ ସୃଷ୍ଟି କରିପାରିଛନ୍ତି ଗୋଦାବରୀର ଆବେଗମୟ ଲହରୀ, ଠିକ ସେହିପରି ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ରଚନାରେ ପ୍ରସ୍ଫୁଟିତ କରିଦେଇଛନ୍ତି ଦୁର୍ଲଭ ମାନବିକତାର ମହାମନ୍ତ୍ର । 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର', 'ନିର୍ବାସିତ' ଆଦି ଉପନ୍ୟାସରେ ବାହ୍ୟ ଶିଳ୍ପକଳାଠାରୁ ଅଧିକ ମହିମାନ୍ୱିତ ମାନବତାର ଅନ୍ତଃସ୍ୱର । ମାନବ-ସଂପ୍ରୀତି, ପ୍ରକୃତି ସହ ନିବିଡ଼ ଆତ୍ମୀୟତା ଓ ବିଶ୍ୱଚେତନା ତାଙ୍କ ସାହିତ୍ୟକୁ କରିଛି ଏପରି ରସୋଚ୍ଛଳ ଯେ, ବାସ୍ତବିକ ଗୋଦାବରୀର ସମ୍ପ୍ରସାରିତ ବକ୍ଷସ୍ଥଳ ସଦୃଶ ସେ ପରିଣତ ହୋଇଯାଇଛନ୍ତି ନିର୍ମଳ ଭାବସ୍ରୋତରେ । ଆତ୍ମଜୀବନୀ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକରେ ତାଙ୍କ ସଂଘର୍ଷମୟ ଅଥଚ ସଚ୍ଚୋଟ ଜୀବନଧାରା ସ୍ୱାଭାବିକ ଛନ୍ଦରେ ଗତିଶୀଳ । ଜୀବନୀମୂଳକ ପ୍ରବନ୍ଧ ରଚନା କରି ସେ ପ୍ରଦର୍ଶିତ କରିଛନ୍ତି ଆଲୋକର ପଥ । ତାଙ୍କ ରଚିତ 'ନେପୋଲିଅନ' ଓ 'ଦାସତ୍ୱ-ମୋଚନ' ଦୁଇଟି ଉଚ୍ଚକୋଟୀର ଜୀବନୀ ଗ୍ରନ୍ଥ । 'ଅସମ୍ଭବ' ଶବ୍ଦଟି ନେପୋଲିଅନଙ୍କ ଅଭିଧାନରେ ନଥିବା ପ୍ରସଙ୍ଗ ଚିରସ୍ମରଣୀୟ ।

ବୁକର ଟାଲିଆ ଫେରୋ ୱାସିଂଟନଙ୍କ ଦାରିଦ୍ର୍ୟ ନିପୀଡ଼ିତ ଜୀବନ ଗୋଦାବରୀଶଙ୍କୁ ପ୍ରେରଣାପ୍ଲୁତ କରିଥିବା ଉପଲବ୍ଧି କରାଯାଇପାରେ ଏଥିରୁ । ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁଙ୍କ ସମ୍ପର୍କରେ ତାଙ୍କ ଆଲୋକପାତ ବହୁଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ । 'ସମ୍ବୋଧ ଗୀତିକା'ରେ ତାଙ୍କ ନଦୀ ପ୍ରତି ସ୍ୱତନ୍ତ୍ର ଆକର୍ଷଣ ହୃଦୟସ୍ପର୍ଶୀ । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସାଧନାମଗ୍ନ ସାହିତ୍ୟଶିଳ୍ପୀର ଉତ୍ସର୍ଗୀକୃତ ପ୍ରାଣ ଥିଲା ଅନୁରୂପ ଭାବରେ ଅନନ୍ୟ ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପୁରୀ-ଲାଲ୍‌ଗଡ଼ ଏକ୍ସପ୍ରେସ ସମ୍ପ୍ରସାରଣର ଶୁଭାରମ୍ଭ

**ମହୋଦଧି ସହ ଯୋଡ଼ିହେବ ମରୁଭୂମି**

ପୁରୀ,୧୩।୮ (ସମିସ): ମହୋଦଧି ସହ ଯୋଡ଼ିହେବ ମରୁଭୂମି। ବଙ୍ଗୋପସାଗର ଅଞ୍ଚଳ ସହ ରାଜସ୍ଥାନର ଥର୍ ମରୁଭୂମି ଯୋଡ଼ିହେବ। ଏଭଳି ଏକ ଐତିହାସିକ ପଦକ୍ଷେପ ନେଇଛି ଭାରତୀୟ ରେଳବାଇ। ଓଡ଼ିଶା ଓ ରାଜସ୍ଥାନ ମଧ୍ୟରେ ସାଂସ୍କୃତିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପୁରୀ-ଲାଲଗଡ଼-ପୁରୀ ଏକ୍ସପ୍ରେସ ରାଜସ୍ଥାନର ଶ୍ରୀଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଛି। ବୁଧବାର ଏହି ସମ୍ପ୍ରସାରିତ ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ପୁରୀ ସାଂସଦ ସମ୍ବିତ ପାତ୍ର ଓ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ଏହି ଅବସରରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଉପସ୍ଥିତ ଥିଲେ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଯୋଗଦେଇ ଜାତୀୟ ସଂହତି ଏବଂ ଗତିଶୀଳତାକୁ ପ୍ରୋତ୍ସାହିତ କରିବାରେ ଏହି ସମ୍ପ୍ରସାରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପଦକ୍ଷେପ ବଙ୍ଗୋପସାଗର କୂଳରେ ଥିବା ପୁରୀକୁ ରାଜସ୍ଥାନର ଥର୍ ମରୁଭୂମି ନିକଟରେ ଥିବା ଶ୍ରୀଗଙ୍ଗାନଗର ସହିତ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ପଞ୍ଜାବ, ହରିଆଣା ଏବଂ ରାଜସ୍ଥାନରେ ବିସ୍ତୃତ ଏକକ ରେଳ କରିଡର ମାଧ୍ୟମରେ ସଂଯୋଗ କରୁଛି। ସାପ୍ତାହିକ ଏହି ଟ୍ରେନ୍‌ଟି ପ୍ରତି ବୁଧବାର ସକାଳ ୬ଟା ୩୫ରେ ପୁରୀ ଷ୍ଟେସନ୍ ଛାଡ଼ି ତା' ପରଦିନ ରାତି ୮ଟା ୩୫ରେ ରାଜସ୍ଥାନର ଶ୍ରୀଗଙ୍ଗାନଗର ଷ୍ଟେସନ୍‌ରେ ପହଞ୍ଚିବ। ପୁରୀ ଏବଂ ଶ୍ରୀଗଙ୍ଗାନଗର ଷ୍ଟେସନ ମଧ୍ୟରେ ଏହି ଟ୍ରେନ୍ ମାତ୍ର ୯ଟି ଷ୍ଟପେଜ୍‌ରେ ରହିବ। ଦେଶ ଗଠନ ସହ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏହି ଟ୍ରେନ୍ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ। ଟ୍ରେନ୍ ଶୁଭାରମ୍ଭ ଅବସରରେ ପୁରୀ ସାଂସଦ ସମ୍ବିତ ପାତ୍ର କହିଛନ୍ତି, ୧୬୨ କୋଟି ଟଙ୍କା ବ୍ୟୟରେ ପୁରୀ ବିଶ୍ୱସ୍ତରୀୟ ରେଳ ଷ୍ଟେସନର ନବୀକରଣ କରାଯିବ। ରାଜ୍ୟସଭା ସାଂସଦ ତଥା ରେଲ୍‌ୱେ ଷ୍ଟାଣ୍ଡିଂ କମିଟି ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଶ୍ରୀମନ୍ଦିର ନିକଟରେ ରେଳବାଇ ତରଫରୁ ଏକ ଟିକଟ୍ କାଉଣ୍ଟର କରିବାକୁ ରେଳ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ପୂର୍ବାଞ୍ଚଳ ଏବଂ ଉତ୍ତର ପଶ୍ଚିମାଞ୍ଚଳ ମଧ୍ୟରେ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏହି ଟ୍ରେନ୍ ଏକ ମାଇଲଖୁଣ୍ଟ ପାଲଟିବା ସହ ଯାତ୍ରୀଙ୍କୁ ସୁଖଦ ଅନୁଭୂତି ଦେଇପାରିବ। ଏହି ଅବସରରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ଚାଷୀ ଆତ୍ମହତ୍ୟା ଅଭିଯୋଗ

ଟିଟିଲାଗଡ଼,୧୩।୮ (ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକ୍ କଣ୍ଡରା ଗାଁର ଜଣେ ଚାଷୀ ଚାଷରେ କ୍ଷତି ସହ୍ୟ କରି ନପାରି ବିଷପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀଙ୍କ ପରିବାର ଚାଷରେ କ୍ଷତି ହେବାରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଆତ୍ମହତ୍ୟା କରିଥିବା ଚାଷୀ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଥାନା କଣ୍ଡରାଗାଁର ଦୁର୍ଗାଚରଣ ଭୋଇ ବୋଲି ଜଣାପଡିଛି। ସୂଚନା ଅନୁସାରେ ଦୁର୍ଗାଚରଣ ଭୋଇ ଗ୍ରୁପରଣ କରି ଚାଷ କାର୍ଯ୍ୟ କରିଥିଲେ ତେବେ ଧାନ ଚାଷ କ୍ଷତି ହେବା ଦେଖି ମାନସିକସ୍ତର ରେ ଭାଙ୍ଗିପଡି ନିଜ ଘରେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଟିଟିଲାଗଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ ପରବର୍ତ୍ତୀ ସମୟରେ ଭବାନୀପାଟଣା ମେଡିକାଲ କୁ ସ୍ଥାନାନ୍ତରିତ କରିବା ବେଳେ ଅଧାବାଟରେ ତାଙ୍କର ମୃତ୍ୟୁ ହୋଇଥିବା ମୃତ ଚାଷୀଙ୍କ ଭାଇ ଭାସ୍କର ଭୋଇ ସୂଚନା ଦେଇଛନ୍ତି।

## ଅଙ୍ଗଦାନ କରି ଜୀବନ ବଞ୍ଚାଇବା ଶ୍ରେଷ୍ଠ ମହାନୀୟତା: ସ୍ୱାସ୍ଥ୍ୟମନ୍ତ୍ରୀ

■ ବିଶ୍ୱ ଅଙ୍ଗଦାନ ଦିବସ-୨୦୨୫ ପାଳିତ
■ ୨୪ ଜଣଙ୍କୁ ସୂରଜ ସମ୍ମାନ ପ୍ରଦାନ

ଭୁବନେଶ୍ୱର,୧୩।୮ (ସମିସ): ଅଙ୍ଗଦାନଠୁ ମହତ କାର୍ଯ୍ୟ କିଛି ନାହିଁ। ଅଙ୍ଗ ପ୍ରତିରୋପଣ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ଜୀବନରେ ଅଙ୍ଗଦାତାମାନେ ନୂତନ ଜୀବନ ଭରି ଦିଅନ୍ତି। ମୃତ୍ୟୁ ପରେ ଅଙ୍ଗଦାନ କରି ଜୀବନ ବଞ୍ଚାଇବା ଶ୍ରେଷ୍ଠ ମହାନୀୟତା ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। 'ବିଶ୍ୱ ଅଙ୍ଗଦାନ ଦିବସ' ଅବସରରେ ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ୨୪ଜଣ ମୃତକଙ୍କ ପରିବାର ସଦସ୍ୟଙ୍କୁ 'ସୂରଜ ସମ୍ମାନ'ରେ ସମ୍ମାନିତ କରିବା ସହ ୫ ଲକ୍ଷ ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା।

ସୂଚନା ଅନୁସାରେ, ସ୍ୱର୍ଗତ ସୂରଜ ବେହେରାଙ୍କ ପିତାମାତା ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ପାଇଁ ନିଜ ମୃତ ପୁତ୍ରର ଅଙ୍ଗ ଦାନ କରି ରାଜ୍ୟରେ ସ୍ୱେଚ୍ଛାକୃତ ଅଙ୍ଗଦାନକୁ ପ୍ରୋତ୍ସାହିତ କରିଥିଲେ। ସେମାନଙ୍କ ପ୍ରେରଣାଦାୟକ ତଥା ମାନବିକ କାର୍ଯ୍ୟକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପୂର୍ବତନ ରାଜ୍ୟ ସରକାର ରାଜ୍ୟର ଅଙ୍ଗଦାତାମାନଙ୍କୁ ଏବଂ ଅଙ୍ଗଦାନକୁ ପ୍ରୋତ୍ସାହିତ କରୁଥିବା ଅନୁଷ୍ଠାନଗୁଡ଼ିକୁ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୩ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ଏହି 'ସୂରଜ ପୁରସ୍କାର' ପ୍ରଦାନ କରାଯାଉଛି। ହୃତ୍‌ପିଣ୍ଡ, ବୃକକ ଏବଂ ଯକୃତ ମଧ୍ୟରୁ କୌଣସି ଗୋଟିଏ କିମ୍ବା ଅଧିକ ଅଙ୍ଗ ଦାନ କରିଥିବା ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ ସହ ମହତ୍ୱପୂର୍ଣ୍ଣ ଅଙ୍ଗ ଦାନ କରିଥିବା ମୃତକ ଏବଂ ସେମାନଙ୍କ ପରିବାରର ନିସ୍ୱାର୍ଥପର ଓ ବୀରତ୍ୱର ଅବଦାନକୁ ସମ୍ମାନ ଜଣାଇ ମୃତକମାନଙ୍କର ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହିତ ସମ୍ପନ୍ନ କରାଯାଉଛି। ଏପର୍ଯ୍ୟନ୍ତ ରାଜ୍ୟରେ ୧୪ଟି ଚିକିତ୍ସାଳୟକୁ ଅଙ୍ଗ ପ୍ରତିରୋପଣ ନିମନ୍ତେ ପଞ୍ଜୀକୃତ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡ. ଅମରେନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ଅଙ୍ଗଦାତାମାନଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉପଶାସନ ସଚିବ ଅରୁଣା ତ୍ରିପାଠୀ ସଂଯୋଜନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଂଘକୁ ସରକାରଙ୍କ...

ଆଲୋଚନା ମାଧ୍ୟମରେ ସମାଧାନ ସମ୍ଭବ। କ୍ୟାଡର ପୁନର୍ଗଠନ ଦାବି ଆମ ବିଭାଗର ନୁହେଁ। ଏଥିପାଇଁ ସାଧାରଣ ପ୍ରଶାସନ ବିଭାଗ ପାଖକୁ ପଠାଯାଇଛି। ତଥାପି ଆମେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗ ଏସିଏସ୍ ଲେଖିଥିବା ଚିଠିରେ ମଧ୍ୟ ଅନୁରୂପ କଥା ଉଲ୍ଲେଖ ରହିଛି। ଅନଧିକୃତ ଭାବରେ ଅନୁପସ୍ଥିତ କର୍ମଚାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ସହ ସେମାନଙ୍କର ଦରମା ସ୍ଥଗିତ ରଖିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ଅନୁପସ୍ଥିତି ଅବଧିକୁ ସେବା ବିରତି ଭାବରେ ବିବେଚନା କରାଯିବ ଏବଂ ସମ୍ପୃକ୍ତ କର୍ମଚାରୀଙ୍କ ସେବା ପୁସ୍ତିକାରେ ମଧ୍ୟ ଏହା ରେକର୍ଡ କରାଯିବ। ଏହା ବ୍ୟତୀତ ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୋଧରେ ସେବା ସର୍ତ୍ତାବଳୀ ଏବଂ ଆଚରଣର ଉଦ୍ଦେଶ୍ୟମୂଳକ ଏବଂ ଗମ୍ଭୀର ଉଲ୍ଲଂଘନ ପାଇଁ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅପରପକ୍ଷରେ ରାଜସ୍ୱ ବିଭାଗ ଓ ମନ୍ତ୍ରୀଙ୍କ ନାଲିଆଖିକୁ ସଂଘ ଡ଼ରିବ ନାହିଁ ବୋଲି ଘୋଷଣା କରିଛି। ସଂଘ ପକ୍ଷରୁ କୁହାଯାଇଛି ଯେ ଗଣତାନ୍ତ୍ରିକ ରାଷ୍ଟ୍ରରେ କେହି କାହାକୁ ଚେତାବନୀ ଦେଇପାରିବେ ନାହିଁ। ସରକାରଙ୍କର ଆମେ ପରିବାର ଲୋକ। ତେଣୁ ଆମକୁ ଡାକିକି ଆଲୋଚନା କରିବା ପରେବର୍ତ୍ତେ ଦରମା ବନ୍ଦ ଓ ନାଲି ଆଖି ଦେଖାଇବାକୁ ଯେଉଁ ଉଦ୍ୟମ ହୋଇଛି, ସେଥିରେ ସଂଘ ପଛକୁ ହଟିବ ନାହିଁ। ବାରମ୍ବାର ପ୍ରତିଶ୍ରୁତି ପରେ ମଧ୍ୟ ରାଜସ୍ୱ ଅମଲାଙ୍କ ନ୍ୟାଯ୍ୟ ଦାବି ପୂରଣ ହୋଇପାରୁ ନାହିଁ। ସେଥିପାଇଁ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛି। ଏହା ପୂର୍ବରୁ ସରକାରଙ୍କ ସହ ଆଲୋଚନା ହୋଇଥିଲା। ପ୍ରତିଶ୍ରୁତି ପୂରଣ ପାଇଁ ସମୟସୀମା ମଧ୍ୟ ଦିଆଯାଇଥିଲା। ଏହା ସତ୍ତ୍ୱେ ଦାବି ପୂରଣ ହେଉନାହିଁ। ଯେପର୍ଯ୍ୟନ୍ତ ସରକାର ସଂଘର ଦାବି ପୂରଣ କରି ନାହାନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ୭ ପ୍ରସ୍ତାବକୁ...

ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଉପରୋକ୍ତ ପ୍ରସ୍ତାବ ସମେତ ୬ଟି ବିଭାଗର ମୋଟ ୭ଟି ପ୍ରସ୍ତାବ ଉପରେ ମୋହର ମାରିଛି କ୍ୟାବିନେଟ।

କ୍ୟାବିନେଟ ବୈଠକ ସମାପ୍ତ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏନେଇ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ପ୍ରସ୍ତାବିତ ମଡେଲ ମଣ୍ଡି ଗୁଡ଼ିକରେ ଧାନକ୍ରୟ କାର୍ଯ୍ୟକ୍ରମକୁ ସୁଗମ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସୁବିଧା ରହିବ। ରାଜ୍ୟର ସମସ୍ତ ଜିଲ୍ଲାରେ ମଡେଲ ମଣ୍ଡି ସ୍ଥାପନ ନେଇ ସର୍ଭେ ସରିବା ପରେ ପ୍ରଥମ ପର୍ଯ୍ୟାୟରେ ମୋଟ ୩୮ଟି ମଣ୍ଡି ସ୍ଥାପନ ହେବ। ଏଥିରେ ୧୪ଟି ବୃହତ୍, ୧୭ଟି ମଧ୍ୟମ ଓ ୭ଟି କ୍ଷୁଦ୍ର ମଣ୍ଡି ସାମିଲ ଅଛି। ଏହି ମଣ୍ଡିଗୁଡ଼ିକର ନିର୍ମାଣ କାର୍ଯ୍ୟ ଓଡ଼ିଶା ରାଜ୍ୟ ସେତୁ ଓ ନିର୍ମାଣ ନିଗମ ମାଧ୍ୟମରେ କରାଯିବ। ଏଥିପାଇଁ ସମବାୟ ବିଭାଗ ୩୦୦କୋଟି ଟଙ୍କାର ବ୍ୟୟ ଅଟକଳ କରିଛି। ଆରଏମସିଗୁଡ଼ିକର ନିଜସ୍ୱ ଅର୍ଥରୁ ୧୫୦କୋଟି ଓ ବାକି ରାଜ୍ୟ ସରକାର ୧୫୦କୋଟି ଟଙ୍କା ଦେବେ। ସେହିପରି ଓଡ଼ିଶାର ୧୧୦ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଏଲଇଡି ସାର୍ବଜନୀନ ଷ୍ଟ୍ରିଟ ଲାଇଟ ପ୍ରକଳ୍ପ କାର୍ଯ୍ୟନ୍ୱୟନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିପାଇଁ ମୋଟ ୩୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ତନ୍ମଧ୍ୟରୁ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି ନିକଟରେ ଉପଲବ୍ଧ ଥିବା ୧୫୦ କୋଟି ଟଙ୍କା ବର୍ତ୍ତମାନ ଉପଯୋଗ କରାଯାଉଛି। ଅବଶିଷ୍ଟ ୨୦୦ କୋଟି ଟଙ୍କା ପାଇଁ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠିରୁ ଉପଲବ୍ଧ ଥିବା ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ବ୍ୟବହାର ହେବ। ଅନୁରୂପ ଭାବରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ବିଶ୍ୱସ୍ତରୀୟ ବିମାନ ଚଳାଚଳ ମେଣ୍ଟେନାନ୍ସ, ରିପେୟାର ଆଣ୍ଡ ଓଭରହାଲ(ଏମ୍ଆରଓ) ସୁବିଧା ପ୍ରତିଷ୍ଠାକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହି ପ୍ରକଳ୍ପରେ ଭାରତର ସବୁଠାରୁ ପୁରୁଣା ଓ ବଡ଼ ତୃତୀୟ-ପକ୍ଷ ଏମଆରଓ ପ୍ରଦାନକାରୀ ମେସର୍ସ ଏୟାର ୱାକର୍ସ ଇଣ୍ଡିଆ (ଇଞ୍ଜିନିୟରିଂ) ପ୍ରାଇଭେଟ ଲିମିଟେଡକୁ ମୁଖ୍ୟ ନିବେଶକ ଭାବେ ଚୟନ କରାଯାଇଛି। ସେହିପରି ସମ୍ବଲପୁର, ହୀରାକୁଦ ଓ ବୁର୍ଲା ସହରରେ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ଏକ ବଡ଼ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ ଦେଇଛି। ୩୮୨.୪୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ମହାରାଷ୍ଟ୍ରର ଏମ/ଏସ ଇଗଲ ଇନଫ୍ରା ଇଣ୍ଡିଆ ଲିମିଟେଡ ଦ୍ୱାରା କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟ ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ ହୋଇ ୨୦୨୭ ମସିହା ଅଗଷ୍ଟ ୩୧ ତାରିଖ ସୁଦ୍ଧା ଶେଷ ହେବ। ପୁନଶ୍ଚ ଓଡ଼ିଶା ନର୍ସିଂ ଶିକ୍ଷା ସେବା ନିୟମାବଳୀ, ୨୦୨୫ ତିଆରି ପାଇଁ ଉପସ୍ଥାପିତ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହା ଗଠନ ହେବା ଦ୍ୱାରା ଏହି କ୍ୟାଡର ଅଧିନରେ ଖାଲି ପଡ଼ିଥିବା ମୂଳ ଟ୍ୟୁଟର ପଦବୀ ଗୁଡ଼ିକ ପୂରଣ କରାଯାଇପାରିବ ଏବଂ ଯୋଗ୍ୟ ଅଧ୍ୟାପକଙ୍କୁ ପରବର୍ତ୍ତୀ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଇପାରିବ। ଏହାଦ୍ୱାରା ଓଡ଼ିଶାରେ ନର୍ସିଂ ଶିକ୍ଷା ଦୃଢ଼ୀଭୂତ ହୋଇପାରିବ। ଏହାବ୍ୟତୀତ ଓଡ଼ିଶା ଅମଲା ସେବା ନିୟମାବଳୀ ୨୦୨୫କୁ କ୍ୟାବିନେଟ ଅନୁମୋଦନ ମିଳିଛି ଏହା କମର୍ସିଆଲ ଟ୍ୟାକ୍ସ ଓ ଜିଏସଟି ସଂଗଠନରେ ଜିଲ୍ଲା ମିନିଷ୍ଟେରିଆଲ କ୍ୟାଡର ପାଇଁ ସ୍ୱତନ୍ତ୍ର ନିଯୁକ୍ତି ନିୟମ ପ୍ରଣୟନ କରିବ। ଏହି କ୍ୟାଡରରେ ଜୁନିଅର ଆସିଷ୍ଟାଣ୍ଟଙ୍କଠାରୁ ଏଷ୍ଟାବଲିସମେଣ୍ଟ ଅଫିସର ପର୍ଯ୍ୟନ୍ତ ବିଭିନ୍ନ ପଦବୀ ରହିବ। ୮୦ ପ୍ରତିଶତ ଜୁନିଅର ଆସିଷ୍ଟାଣ୍ଟ ପଦବୀ ସିଧାସଳଖ ନିଯୁକ୍ତି ଦ୍ୱାରା ଓ ୨୦ ପ୍ରତିଶତ ଗ୍ରୁପ-ଡି କର୍ମଚାରୀଙ୍କଠାରୁ ପଦୋନ୍ନତି ମାଧ୍ୟମରେ ପୂରଣ ହେବ। ରାଜ୍ୟର ସଂଗ୍ରହାଳୟ ଗୁଡ଼ିକର ସୁପରିଚାଳନା ଓ ସମନ୍ୱୟ ପାଇଁ ରାଜ୍ୟରେ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ନିର୍ଦ୍ଦେଶାଳୟ ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ ଗତ ୨୦୨୩ ମସିହା ଅକ୍ଟୋବର ୧୯ ତାରିଖରେ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ଏହି ନିର୍ଦ୍ଦେଶାଳୟର ପରିଚାଳନା ପାଇଁ କ୍ୟାଡର ନିୟମାବଳୀକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିରେ ମୋଟ ୪୦ଟି ପଦବୀ ରହିବ ବୋଲି ଜଣାପଡ଼ିଛି।

## ମେସ୍‌ରେ ଝୁଲିପଡ଼ିଲେ...

ଆତ୍ମହତ୍ୟା କରିଥିବା ଛାତ୍ରୀଙ୍କ ଘର ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅଞ୍ଚଳରେ। ସେ ମାସେ ହେବ ଏହି ଘରୋଇ ମେସରେ ରହୁଥିବା ମେସର ମାଲିକ ସୂଚନା ଦେଇଛନ୍ତି। ବୁଧବାର ୧୧ଟା ବେଳେ କ୍ଲାସ ଥିବାବେଳେ ସେ ଯାଇ ନଥିଲେ ଏବଂ ପରେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଘଟଣାସ୍ଥଳରେ କେନ୍ଦୁଝର ଏସ୍‌ପି, ଆଡିସନାଲ ଏସ୍‌ପିଙ୍କ ସହ ବରିଷ୍ଠ ପୁଲିସ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳ ପରିଦର୍ଶନ ପରେ ଏସ୍‌ପି କହିଛନ୍ତି ଯେ, ପୁଲିସ ଏଠାରେ ପହଞ୍ଚିବା ବେଳେ କବାଟ ଭିତର ପଟୁ ବନ୍ଦ ଥିଲା। କବାଟ ଭାଙ୍ଗି ଭିତରକୁ ପଶି ଦେଖିବା ବେଳକୁ ଛାତ୍ରୀ ଜଣଙ୍କ ଓଢ଼ଣୀରେ ଝୁଲନ୍ତା ଅବସ୍ଥାରେ ଥିଲେ। ଶବ ବ୍ୟବଚ୍ଛେଦ ପରେ ପ୍ରକୃତ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କହିଛନ୍ତି। ପୁଲିସ ଘଟଣାକୁ ଗୁରୁତ୍ୱର ସହିତ ନେଇ ତଦନ୍ତ କରିଛି।

**SALE**

1 Number of TRACTOR – MAHINDRA 605 DI ARJUN NOVO-50 HP 4 WD/ 2023, Registration No.- OD-11-AB-8519, Model-2023, ENGINE NO – NMJ4WBE0028, CHASSIS NO -MBNWHBDWFMNJ01002, For Details, contact – 7978329379, 8280406596, SUNDARAM FINANCE LTD., 2ndFloor, Mishra Complex , INFRONT OF SATYASAI SCHOOL, BARIPADA, MAYURBHANJ, 757001, PH. NO-06792-253348

**AFFIDAVIT**

I, Dinesh Chandra Khimji Nanda S/o Khimji Dayabhai, Resident At Plot No-515, Ambika House, BJB Nagar, PS-Badagada, Bhubaneswar, Dist-Khordha PIN-751014, Odisha declare by this affidavit No.7138 dated 13.08.2025 that now onwards I shall be known as **DINESH KHIMJI** for all future purposes.

**FORM No.1**
**SUMMONS/NOTICES FOR SERVICE BY ADVERTISEMENT IN NEWSPAPER**
(Order - 5 Rule 20)
(Succession Case)
**IN THE HON'BLE COURT OF THE CIVIL JUDGE SENIOR DIVISION, KORAPUT**
**I.C case No.01/2025**

**Application for grant of Succession Certificate**
**Indrani Namdeo & 2 others** ... Petitioners
Vs
**Relationship Mangeer, Retail Sales ICICI Prudential Assy. Management Company Limited & others** ... Opposite Parties

Notice:
To
1. Relationship Manager, Retail Sales, ICICI Prudential Asset Management Company Limited, At; Ground Floor, Dharma Nagar, lane 5Berhampur, Dist; Ganjam, Odisha, PIN: 760002
2. Manager, Retail sales, ICICI Prudential Asset Manager, Po/Ps: SemiligudaDist; Koraput
3. Rambhubati, aged about 62 Years,S/O; Bhingu Saanta,Vill; Gopabandu Nagar, PO/Ps; Semiliguda, Dist; Koraput,

General Public

WHEREAS the petitioners Indrani Namdeo & 2 others have filed the above petition before this Court for the grant of succession certificate regarding the assets left by the deceased, (Ramayan Prasad Namdeo, S/O; Chooteal Namdeo of Gopabandu Nagar, Semiliguda, Po/Ps; Semiliguda, Dist; Koraput) who died on 22.8.2020.

Notice is issued in the name of respondent(s) that in case anybody has any objection for grant of succession certificate, he/she can file objection to the same on or before 06.09.2025, failing which the petition will be decided in accordance with law.

Given under my hand and seal of the Court, this **08th day of Aug, 2025.**

**Civil Judge (Sr. Division),Koraput.**

eMail: se_nerwkjr@rediffmail.com O-586

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE: KEONJHAR**
*****
No. 3204/Date 12.08.2025

**1st Corrigendum Notice**

Under unavoidable circumstances, **the availability of tender online for bidding & opening of Technical Bids** of the tender invited vide eProcurement Notice No. 3001 Dtd: 22.07.2025 / Bid Identification No. **NCB-10 / RWCKJR / 2025-26** of Chief Construction Engineer, Rural Works Circle, Keonjhar is hereby rescheduled as below.

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-10 / RWCKJR / 2025-26 | Dt.30.07.25 at 11.00 A.M. | Dt.29.08.25 up to 5.00 P.M. | Dt.26.08.25 up to 5.00 P.M. | Dt.30.08.25 at 11.00 A.M. | Will be intimated later |

**All other contents remain unchanged.**
**OIPR-25177/11/0084/2526**

Chief Construction Engineer,
R.W. Circle, Keonjhar.

**PM SHRI SCHOOL JAWAHAR NAVODAYA VIDYALAYA, TARBHA, DIST: SONEPUR (ODISHA)**
(MINISTRY OF EDUCATION, DEPARTMENT OF SCHOOL EDUCATION & LITERACY, GOVT OF INDIA)
Dated: 13.08.2025

**WALK IN INTERVIEW**

PM SHRI SCHOOL Jawahar Navodaya Vidyalaya, Tarbha, Dist-Sonepur (Odisha) is inviting qualified and experienced teacher/person/expert purely on Part time/Contract basis for the session 2025-26 under PM Shri Scheme. Interested candidates can attend the Walk-in-Interview in the Vidyalaya on 21-08-2025 Thursday at 11.00 A.M. along with their educational qualification certificates/experience certificates and other relevant documents.

| Sl. No. | Teacher/ Coach/Expert & No. of posts | Essential Qualification/Certificate | Remuneration | For the session 2025-26 |
|---|---|---|---|---|
| 1. | Yoga Teacher 01(One) | M.P.Ed. with Yoga is compulsory subject in M.P.Ed. & B.P.Ed. OR M.A./M.Sc. in Yoga OR Graduate with 01 year Post Graduate Diploma/Certificate in Yoga OR Bachelor Degree in Yoga with 2 year work experience. (Upper Age limit upto 50 years) | Rs.34125/- per month. | 08 months. |
| 2. | Yoga Trainer (Preference will be given to female) 01(One) | Graduate with PG Diploma in Yoga or M.P.Ed with Yoga Specialization from recognized University. Priority will be given on the basis of experience. | Per month Rs. **12500/-** (for 08 month) | 03 Session Per Week |
| 3. | Sports Teacher/ Coach (Football & Handball) 02(Two) | Bachelor Degree in Physical Education or equivalent from recognized University/Institution. Priority will be given on the basis of experience. | Per month Rs. **20000/-** (for 05 month) | 04 Session in a week X 04 weeks = 16 session in a month, Rs. 1250 per session |
| 4. | Music Expert 01(One) | Skilled in instruments like Guitar, Tabla, Keyboard Congo, Flute, Octopad etc., Certificate/Diploma/Degree in Music with professional experience etc. Priority will be given on the basis of experience. | Per month Rs. **20000/-** (for 05 month) | 06 Session Per Week |
| 5. | Dance Expert 01(One) | Certificate/Diploma/Degree in Classical/Folk/Modern Dance/Local/Traditional with performance experience etc. specialized in Odishi/ Kathak Dance/Bharat Nattiyam/Kuchipudi. Priority will be given on the basis of experience. | Per month Rs. **20000/-** (for 05 month) | 06 Session per Week |
| 6. | Self Defense Trainer (Female) 01(One) | Expert in Judo/Karate (Relevant Degree/Certificate from recognized institute) Priority will be given on the basis of experience. | Per month Rs. **12500/-** (for 08 month) | 04 Times in a month |
| 7. | Atal Tinkering Lab. Facilitator 01(One) | M.Sc. in Physics with Specialization in Electronics/ Robotics/ IT or MCA in related trade | Per week Rs.2500/- | 03 days in a week. |

The candidate should attend the walk-in-interview on the above scheduled date and time alongwith the self attested Xerox copies of certificates and a pass port size photograph. The attending of walk-in-interview does not confirm any candidate for selection or appointment. No T.A./D.A. will be given to the candidate by the Vidyalaya for attending the said interview. The undersigned reserve the rights to cancel part or whole of the Walk-in-Interview. Willing candidates can submit their Bio-data, certificates/documents by hand OR through Email ID: **jnvsonepur.rect@gmail.com**

**Sd/- PRINCIPAL, PM SHRI SCHOOL JNV SONEPUR (ODISHA)**

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 12.08.2025, I Basanti Behera resident at Qr.No- Type-II/A, Census Campus Colony, Bhoinagar,Bhubaneswar Khurdha, PIN-751022 , declare that I have changed the name of my Son from Badal Behera to Badal Naik . Henceforth, He shall be known as **BADAL NAIK** for all future purposes.

BASANTI BEHERA

**AFFIDAVIT**

By virtue of an affidavit sworn before Executive Magistrate, Pipili, AF.NO-2975, dated 12-08-2025 I, **Dhadu Swain,** permanent resident of Village At- Maligaon, PO- Sadangoi, PS-Delang, Dist- Puri, State- Odisha, PIN- 752015, declare that I have changed my name from **DHADIA SWAIN** (Old name) to **DHADU SWAIN** (New name), Henceforth, I shall be known as **DHADU SWAIN** for all purposes.

Sd-( **Dhadu Swain** )

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 12.08.2025, I Krushna Das resident At-Khurtia Sahi, Po-Balisahi, Dist-Puri, Odisha, PIN-752001 declare that I have changed my name from Krushnachandra Das to Krushna Das. Henceforth, He shall be known as **KRUSHNA DAS** for all future purposes.

KRUSHNA DAS

**AFFIDAVIT**

By virtue of an affidavit sworn before Executive Magistrate, Nandapur, Dist.- Koraput, I Kamalu Krishani, S/o- Late Dhan Krishani, resident of Vill./Po.- Kularsing, Ps.-Padwa, Dist.- Koraput, Odisha, Pin- 764038 state that, I have changed my name from **Kamala Lochan Kirsani** to **Kamalu Krishani**. Henceforth I shall be known as **Kamalu Krishani** for all future purposes.

**AFFIDAVIT**

By virtue of an affidavit sworn before Notary Public, Bargarh vide No. 504 dated 12.08.2025 I Sankalp Sarangi, S/o- Sanjib Kumar Sarangi resident of Ward No.9, Bandutikira, Bargar, Po./Ps./Dist.- Bargarh state that, in my voter I. Card my name has been mentioned as Sankalp Sarangi but in my Aadhar Card my name has been mentioned as Sankalpa Sarangi. Both the names **Sankalp Sarangi** and **Sankalpa Sarangi** is of same and one person.

**AFFIDAVIT**

By virtue of an affidavit sworn before Executive Magistrate, Jatni, AF.NO-07, dated 12-08-2025 I, **Abdul Rauf Khan,** S/o Abdul Ishaque Khan, permanent resident of At- Raja Bazar, Fakada Basti (Part) PO- Jatni, PS-Jatni, Dist- Khordha, State- Odisha, PIN- 752050, declare that I have changed my name from **RAUF KHAN** (Old name) to **ABDUL RAUF KHAN** (New name), Henceforth, I shall be known as **ABDUL RAUF KHAN** for all purposes.

Sd-( **ABDUL RAUF KHAN** )

**AFFIDAVIT**

I, Kajipopy Khatun, D/O- Kazi Sorabuddin, residence of Vill: Barbil, Ward No- 07, PO/PS: Barbil, Dist: Keonjhar, Pin- 758035, Odisha, India, declare by this affidavit No- 02 dated 07.08.2025 that now onwards I shall be known as **Popy Mondal** for all future purposes.

**AFFIDAVIT**

I, **Ashis Kumar Sahu**, S/o Gouranga Chandra Sahu, resident of HIG-1/77, BDA Colony, Kapilaprasad, Bhubaneswar - 751002 by affidavit No- 503, dtd-12/08/2025 state that my father's name is recorded as Gouranga Chandra Sahu in PAN, but in my HSC Certificate it is reflected as Gouranga Charan Sahu. **Gouranga Chandra Sahu** & **Gouranga Charan Sahu** refer to one and same person. The correct legal name of my father is **Gouranga Chandra Sahu** for all purposes.

**Sd- ( Ashis Kumar Sahu )**

**AFFIDAVIT**

I, Prasana Kumar Rout, S/o- Bhikari Charan Rout, resident of At-Duburi, Po- Duburi, Dist-Jajpur, PIN- 755026, Odisha declared by this affidavit No. 882, dtd-05/06/2024 that now onwards I shall be known as **PRASANNA KUMAR ROUT** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-12/08/2025. I, **Arjuna Pradhani** (Applicant name), S/O- Purnananda Pradhani, Permanent resident of At-Tentulipada, P.O. Katarkela, P.S. Titilagarh, Dist- Balangir, (Odisha), PIN- 767033, now residing at the same place affirm that I have changed my minor daughter's name from **Pihoo Pradhani** (old name) to **Pihu Pradhani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Pihu Pradhani** (new name).

**Arjuna Pradhani**

**AFFIDAVIT**

I, Shantanu Sarkar, aged about 38 years, S/o-Sudhansu Sekhar Behera, resident of At- DDL-1145, Phase-2, Housing Board Colony, Dumduma, Ps-Khandagiri, Bhubaneswar, Dist- Khurda, Odisha, Pin-751019 declare by this affidavit No. 1616, dtd-13/08/2025, that now onwards I shall be known as **SANTANU SARAKAR** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on Dt. 30/072025. I **Sushil Kumar Sahu,** S/o-Gouranga Charan Sahu, resident of Village- Gangarampur, Po-Jaria, P.S/Tahasil- Pattamundai, Dist-Kendrapada, Odisha. My Name has been mentioned **Sushil Sahoo** instead of **Susil Kumar Sahu** in postal savings account No- 010010882445 of Jaria Post Office branch. I declare that my self **Susil Kumar Sahu** and **Sushil Sahoo** is one and same person for all purposes.

**Sushil Kumar Sahu**

**AFFIDAVIT**

I, Sidhee Mangaraj, aged about 31 years, W/o-Sumit Kumar Mangaraj, resident of At- Kudiary, Dolamandap Sahi, Street No- 30Q, Ward No- 23, Ps-Jatni, Dist- Khurda, Odisha, Pin- 752050 declare by this affidavit No. 1606, dtd. 12/08/2025, that now onwards I shall be known as **SIDHEE** for all future purposes.

**AFFIDAVIT**

I, Susama Panda, aged about 41 years, W/o- Muna Panda, resident of At-Bajarakbati Road, Professor pada, College Chhak, Near Chandraloka Apartment, Cuttack, PO- College Square, Dist- Cuttack, PIN-753003, Odisha declare by this affidavit No. 1617, dtd-13/08/2025, that now onwards I shall be known as **SUSHAMA PANDA** for all future purposes.

**AFFIDAVIT**

I, Shaikh Rahim Bakhas, S/o- Late Shaikh Ibrar Bakhas, resident of At/Po-Gop, Ps- Gop, Dist- Puri, PIN- 752110, Odisha declared by this affidavit No-2921, dtd-19/07/2025 that now onwards I shall be known as **SK RAHIM BAKHAS** for all future purposes.

**AFFIDAVIT**

I, Suryamani Barik, H/o-Puspa Nayak, resident of At- L-345, Phase-4, HB Colony, Dumduma, Bhubaneswar, Dist-Khurda, PIN- 751019, Odisha declared by this affidavit No. 640, dtd-11/08/2025 that now onwards I shall be known as **SURYAMANI BARICK** for all future purposes.

# ଅସରାଏ ବର୍ଷାରେ ଶ୍ରେଣୀ ଗୃହରେ ଆଣ୍ଠୁଏ ପାଣି

ବେଲବାହାଲି,୧୩।୮ (ସମିସ): ଆନନ୍ଦପୁର ବ୍ଲକ୍ ବାଇଲୋ ପଞ୍ଚାୟତ ଅଧୀନ ହାତିବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହ ମଧ୍ୟରେ ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ଜମିରହୁଛି। ଯାହାଫଳରେ ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି। ସୂଚନାନୁଯାୟୀ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଅସରାଏ ବର୍ଷା ହେଲେ ସପ୍ତମ ଶ୍ରେଣୀ ଗୃହ ମଧ୍ୟରେ ଆଣ୍ଠୁଏ ପାଣି ଜମିରହୁଥିବା ଦେଖିବାକୁ ମିଳିଛି। ଛାତ୍ରଛାତ୍ରୀମାନେ ଟିକିଏ ପାଠ ପଢିବା ପାଇଁ ପ୍ରଥମେ ଶ୍ରେଣୀ ଗୃହକୁ ଆସି ପାଣିକୁ ନିଷ୍କାସନ କରିବା ପରେ ପାଠ ପଢିଥାନ୍ତି। ଘଟଣାରୁ ପ୍ରକାଶ ଯେ ଉକ୍ତ ବିଦ୍ୟାଳୟ ପରିସରରେ ତିନୋଟି ନୂତନ ଶ୍ରେଣୀ ଗୃହର ନିର୍ମାଣ କାର୍ଯ୍ୟ ଚାଲୁଛି। ଫଳରେ ବିଦ୍ୟାଳୟ ପରିସର ମଧ୍ୟରୁ ବାହାରକୁ ପାଣି ନିଷ୍କାସନ ରାସ୍ତାଟିରେ ମାଟି ପଡି ଉଚ୍ଚା ହୋଇଯିବାରୁ ଶ୍ରେଣୀ ଗୃହ ମଧ୍ୟରେ ପାଣି ପଶିଯାଉଛି। ଯାହାଦ୍ୱାରା ଛାତ୍ରଛାତ୍ରୀଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ସମସ୍ୟା ପାଇଁ ଛାତ୍ରଛାତ୍ରୀ ବହୁ ହଇରାଣ ହରକତ ହେଉଛନ୍ତି। ବିଦ୍ୟାଳୟ ପରିସର ମଧ୍ୟରୁ କିପରି ପାଣି ନିଷ୍କାସନ ସହିତ ଛାତ୍ରଛାତ୍ରୀ ଭଲ ଭାବରେ ପାଠ ପଢ଼ିପାରିବେ ସେଥିପ୍ରତି ଉଚ୍ଚ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି।

- ଛାତ୍ରଛାତ୍ରୀଙ୍କ ପାଠ ପଢ଼ିବାରେ ବ୍ୟାଘାତ ସୃଷ୍ଟି ହେଉଛି
- ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଦାବି



# ଡଅଁର ଛକରୁ ଗେଡ଼ମା ରାସ୍ତା ଶୋଚନୀୟ

# ଫସିଲା ସ୍କୁଲ୍ ଗାଡ଼ି; ଛାତ୍ରଛାତ୍ରୀ ହନ୍ତସନ୍ତ

ହାଟଡ଼ିହୀ,୧୩।୮ (ସମିସ)



ହାଟଡ଼ିହୀ ବ୍ଲକ ଅଧୀନସ୍ଥ ଡଅଁର ଛକରୁ ଗେଡ଼ମା ଯାଏଁ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଯାହାକି ରାସ୍ତା ମଝିରେ ସ୍କୁଲ ଭ୍ୟାନ ଅଟକି ରହିଥିବାର ଦୃଶ୍ୟ ହିଁ ସ୍ପଷ୍ଟ ଭାବେ ବୟାନ କରୁଛି। ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ଯା'ଆସ କରିବା ସମ୍ଭବ ହେଉନାହିଁ। କିଛିଦିନ ହେବ ଉକ୍ତ ରାସ୍ତାରେ ମୁଖ୍ୟମନ୍ତ୍ରୀ ବସ ସେବା ମଧ୍ୟ ଆଉ ଗଡ଼ୁନାହିଁ ବୋଲି ଅଭିଯୋଗ ହେଉଛି। ଦୈନନ୍ଦିନ ଶତାଧିକ ବାଲି ବୋଝେଇ ଗାଡ଼ି ଯିବାରୁ ରାସ୍ତାଟି ଖରାପ ହୋଇପଡ଼ିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବର୍ଷା ଦିନରେ ଅଞ୍ଚଳର ରାସ୍ତାଗୁଡ଼ିକ ଶୋଚନୀୟ ହୋଇ ପଡ଼ିଥିବା ବେଳେ ବାଲି ବୋଝେଇ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତାଟି ଅଧିକ ନଷ୍ଟ ହେଉଛି। ଏଥିସହ ସାଧାରଣ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁଥିପାଇଁ ମଙ୍ଗଳବାର ଡଅଁର ନିକଟରେ ଏକ ସ୍କୁଲ ଗାଡ଼ି ଦୀର୍ଘ ୨ଘଣ୍ଟା ଧରି ଫସି ରହିଥିଲା। ସ୍କୁଲ ଭ୍ୟାନ ଛାତ୍ରଛାତ୍ରୀଙ୍କୁ ନେଇ ଆଇତିପୁର ଛାଡ଼ିବାକୁ ଯାଉଥିଲା। ଗାଡ଼ିରେ ଆଇତିପୁର, ଗେଡ଼ମା, ଚଷାଖଣ୍ଡ, ଜଳସରପୁର, ସାହାପୁର ଆଦି ୫ଖଣ୍ଡ ଗ୍ରାମର ୧୫ରୁ ଅଧିକ ଛୁଆ ଥିଲେ। ଭ୍ୟାନଟି ଏହି ରାସ୍ତାରେ ଯିବା ମାତ୍ରେ ତାହା ଫସି ଯାଇଥିଲା। ଅନେକ ସମୟ ଧରି ଭ୍ୟାନ୍‌ରେ ଥିବା ଶିକ୍ଷକ ଓ ଛାତ୍ରଛାତ୍ରୀ ଟଣାଓଟରା କରିଥିଲେ ବି ଭ୍ୟାନ୍ ଉପରକୁ ଉଠି ନଥିଲା। ୨ଘଣ୍ଟା ପରେ ସ୍ଥାନୀୟ ଲୋକେ ଟ୍ରାକ୍ଟରରେ ଭ୍ୟାନଟିକୁ ଉଠାଇବା ପରେ ଛାତ୍ରଛାତ୍ରୀ ଘରକୁ ଯାଇଥିଲେ। ଖାଲି ସ୍କୁଲ ଛାତ୍ରଛାତ୍ରୀ ନୁହଁନ୍ତି, ଏହି ରାସ୍ତା ଉପରେ ୩ଟି ପଞ୍ଚାୟତର ଲୋକ ନିର୍ଭର କରୁଥିବା ବେଳେ ଭଦ୍ରକ ଜିଲ୍ଲାର ଅନେକ ଲୋକ ନିର୍ଭର କରିଥାନ୍ତି। ରାସ୍ତାର ଏପରି ଅବସ୍ଥା ଯୋଗୁଁ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସଟିଏ ବି ଯାଇପାରୁନି। ପ୍ରଶାସନ ଏଦିଗରେ ଦୃଷ୍ଟି ଦେବା ସହ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନାବାଳିକା ଅପହରଣକାରୀକୁ ୭ବର୍ଷ ଜେଲଦଣ୍ଡ

କେନ୍ଦୁଝର,୧୩।୮ (ସମିସ): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଆଜି ଏକ ନାବାଳିକା ଅପହରଣ ମାମଲାର ବିଚାର କରି ଦେିତାରୀ ଥାନା ଅଧୀନ ସାନସିଆଡିମାଳ ଗ୍ରାମର ଚିତ୍ତରଞ୍ଜନ ମହାନ୍ତଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ୩ମାସ ସଶ୍ରମ କାରାଦଣ୍ଡାଦେଶ ରାୟ ଶୁଣାଇଛନ୍ତି। ଏଥିସହ ଚିତ୍ତରଞ୍ଜନଙ୍କ ବାପା ଗଙ୍ଗାଧର ମହାନ୍ତଙ୍କୁ ଅପହରଣ ପରେ ନାବାଳିକାଙ୍କୁ ଧମକ ଦେଇଥିବା ଅଭିଯୋଗରେ ୧ବର୍ଷ ଜେଲଦଣ୍ଡାଦେଶ ସହ ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ୧ ମାସ ଜେଲଦଣ୍ଡ ଶୁଣାଇଛନ୍ତି। ୨୦୧୬ ମସିହା ୧୦ରେ ନାବାଳିକା ପରୀକ୍ଷା ଦେବାକୁ ବିଦ୍ୟାଳୟକୁ ଯାଇ ଘରକୁ ନଫେରିବାରୁ ପରିବାର ଲୋକେ ବହୁଖୋଜା ଖୋଜି କରିଥିଲେ। ପରେ ଜାଣିବାକୁ ମିଳିଲା ଚିତ୍ତରଞ୍ଜନ ବାଇକ୍‌ରେ ଅପହରଣ କରି ଅନ୍ୟ ଏକ ଯୁବକଙ୍କୁ ବିବାହ କରିବାକୁ ବାଧ କରିଥିଲେ। ଗଙ୍ଗାଧର ମଧ ନାବାଳିକାଙ୍କୁ ବିବାହ ନକରିବାରୁ ଧମକ ଦେଇଥିଲା। ଏନେଇ ନାବାଳିକାଙ୍କ ବାପା ହରିଚନ୍ଦନପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ନାବାଳିକାଙ୍କୁ ବ୍ରାହ୍ମଣୀପାଳ ନିକଟରୁ ଉଦ୍ଧାର କରି ବୟାନ ରେକର୍ଡ କରିବା ସହିତ ଅଭିଯୁକ୍ତଙ୍କ ନାମରେ ମାମାଲା ରୁଜୁ କରିଥିଲା। ବିଚାରପତି ଫାଷ୍ଟଟ୍ରାକ୍ କୋର୍ଟ ବିଜୟ କୁମାର ମିଶ୍ର ୧୬ଜଣ ସାକ୍ଷୀ ବୟାନକୁ ଭିତ୍ତିକରି ଅଭିଯୁକ୍ତ ଚିତ୍ତରଞ୍ଜନଙ୍କୁ ୩୬୩/୩୬୬ ଆଇପିସି ଓ ଗଙ୍ଗାଧରଙ୍କୁ ୫୦୬ ଆଇପିସି ଦଫା ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ଉପୋରକ୍ତ ଦଣ୍ଡାଦେଶ ଶୁଣାଇବା ସହ ପୀଡିତାଙ୍କୁ ଲକ୍ଷେ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝରକୁ ସୁପାରିସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।

# ରାସ୍ତା ସଫେଇକୁ ତୁମୁଳକାଣ୍ଡ; ୩ ଆହତ

ଆନନ୍ଦପୁର,୧୩।୮ (ସମିସ): ସ୍ଥାନୀୟ ଅତାସାହି ଗାଁ ରାସ୍ତା ସଫେଇକୁ ନେଇ ମାର୍‌ପିଟ୍ ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଗାଁର ପ୍ରତ୍ୟକ ସ୍ଥାନକୁ ସଫା କରୁଥିଲେ ଯୁବଗୋଷ୍ଠୀ। ରାସ୍ତାକୁ ଅବରୋଧ କରିଥିବା ଗାଁର ଗୋଟିଏ ପରିବାର ହଠାତ୍ ଉତକ୍ଷିପ୍ତ ହୋଇ ଗ୍ରାମର ଯୁବକଙ୍କୁ ଠେଙ୍ଗାବାଡିରେ ଆକ୍ରମଣ କରିଥିଲେ। କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅତାସାହି ଗାଁରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଆକ୍ରମଣ ଯୋଗୁଁ ୩ଜଣ ଆହତ ହୋଇଥିବା ବେଳେ ଗ୍ରାମବାସୀ ଏକତ୍ରିତ ହୋଇ ଆକ୍ରମଣକାରୀଙ୍କ ପରିବାର ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି।

# ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ

ବେଲବାହାଲି,୧୩।୮ (ସମିସ): ଘସିପୁରା ବ୍ଲକ ରେକୁଟିଆ ସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଯୁବ ରେଡକ୍ରସ୍ ପରାମର୍ଶଦାତା ମହେଶ୍ୱର ପାତ୍ର ସଂଯୋଜନା କରିଥିଲେ। ବରିଷ୍ଠ ଅଧାପକ ଭବାନୀ ପ୍ରସାଦ ବଳ,ସୁଧାକର ଜେନା, ସତ୍ୟବ୍ରତ ପତି, ମହେଶ୍ୱର ଜେନା, ଅଳକା ପାଢ଼ୀ, ଅମରେନ୍ଦ୍ର ମିଶ୍ର, ବିଜୟ କୁମାର ଚକ୍ର ଆଦି ଉପସ୍ଥିତ ଥିଲେ। ସଭାରେ ଉପସ୍ଥିତ ଥିବା ସମସ୍ତ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଓ ଅଧାପକ, ଅଧାପିକା ମାନେ ନିଶା ନିବାରଣ ଶପଥ ପାଠ କରିଥିଲେ। ସଭା ଆରମ୍ଭ ପୂର୍ବରୁ ସଚେତନତା ପଦଯାତ୍ରା ପରିକ୍ରମା ହୋଇଥିଲା। ଶେଷରେ ଏନଏସଏସ ପିଓ ମିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମାଞ୍ଚଳ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ



ଚମ୍ପୁଆ,୧୩।୮ (ସମିସ): ଚମ୍ପୁଆ ଏନଏସି ୧୨ନଂ ୱାର୍ଡ ରାମଲା ଫୁଟବଲ ଖେଳ ପଡିଆଠାରେ ଆଦିବାସୀ ଯୁଥ କ୍ଲବ ପକ୍ଷରୁ ଦୁଇ ଦିନିଆ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ମୋଟ ୧୬ଗୋଟି ଦଳ ଭାଗ ନେଇଥିବା ବେଳେ ଭାଗ ନେଇଥିବା ବେଳେ ଆଜି ଅନ୍ତିମ ତଥା ଫାଇନାଲ ଖେଳ ଏ.ୱାଇ.ସି ରାମଲା ଓ ଜାମଜଡି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏ.ୱାଇ.ସି ରାମଲା ଦଳ ପେନାଲଟି ସୁଟ୍‌ଆଉଟରେ ଜାମଜଡି ଏକାଦଶକୁ ୩-୧ ଗୋଲରେ ପରାସ୍ତ କରି ଚମ୍ପିଆନ ହୋଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ବିଷ୍ଣୁ ପ୍ରସାଦ ଗୁପ୍ତା ଏବଂ ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ୧୨ ନଂ ୱାର୍ଡ କାଉନସିଲର ରଶ୍ମିରେଖା ତପନ, ୧୩ ନଂ ୱାର୍ଡ କାଉନସିଲର ସୁନିତା ମହାକୁଡ, ପୂର୍ବତନ ବ୍ଲକ ଚେୟାରମ୍ୟାନ ମୋତିଲାଲ ସିଂ ଲାଗୁରୀ ପ୍ରମୁଖ, ବିଜେପି ନେତା ଅଭିନୟ ସାହୁ ପ୍ରମୁଖ ଯୋଗଦେଇ ଚମ୍ପିଆନ ଦଳକୁ ୧୨ହଜାର ଟଙ୍କା ସହିତ ଟ୍ରଫି, ରନର୍ସଅପ୍ ଦଳକୁ ୧୦ ହଜାର ଟଙ୍କା ସହିତ ଟ୍ରଫି, ତୃତୀୟ ଦଳକୁ ୫ ହଜାର ଟଙ୍କା ଓ ଚତୁର୍ଥ ଦଳକୁ ୪ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାକୁ ରେଫରୀ ଭାବେ ଚୁନୁ ସିଂ, ରଥ କୁମ୍ଭାର, କାହ୍ନୁ ତିଉ ଓ ଦିନେଶ ନାଏକ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ଘନ ମହାନ୍ତ, ସୂର୍ଯ୍ୟ ମୁଣ୍ଡା ଏହି ପ୍ରତିଯୋଗିତାକୁ ସଞ୍ଚାଳନ କରିଥିଲେ। ପ୍ରତ୍ୟେକ ବର୍ଷ ଏହି ପ୍ରତିଯୋଗିତା ଆୟୋଜନ କରାଯିବା ସହିତ ଯୁବକ ମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ଚାଲୁ ରହିବ ବୋଲି ସଭାପତି ଗୋବିନ୍ଦ ସିଂ ଲାଗୁରୀ ଓ ସମ୍ପାଦକ ଗୋଲକ ବିହାରୀ ଲାଗୁରୀ ସୂଚନା ଦେଇଛନ୍ତି।

# ତୃତୀୟ ଦିବସରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ



କେନ୍ଦୁଝର, ୧୩।୮ (ସମିସ): ରାଜସ୍ୱ ଅମଲାମାନଙ୍କ ସାମୂହିକ ଛୁଟିରେ ଯିବା ଆନ୍ଦୋଳନ ବୁଧବାର ତୃତୀୟ ଦିବସରେ ପହଞ୍ଚିଛି। କେନ୍ଦୁଝରରେ ଆନ୍ଦୋଳନ ଯୋଗୁଁ ଜିଲ୍ଲାର ସମସ୍ତ ବ୍ଲକ, ତହସିଲ, ଆଇସିଡିସି, ଆଇଟିଡିଏ ଓ ଆରଟିଓରେ ସମସ୍ତ ପ୍ରକାର କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ସରକାର ଛୁଟିକୁ ବାତିଲ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି; କିନ୍ତୁ ରାଜ୍ୟର ୩୦ଟି ଜିଲ୍ଲାର ନେତୃମଣ୍ଡଳୀଙ୍କୁ ନେଇ ଆଭାସୀ ବୈଠକ ହୋଇଥିଲା। ବୈଠକରେ ସରକାରଙ୍କର ନିଷ୍ପତିକୁ ନିନ୍ଦା କରାଯିବା ସଙ୍ଗେସଙ୍ଗେ ମନ୍ତ୍ରୀଙ୍କର ଉକ୍ତି ସମସ୍ତ ରାଜସ୍ୱ ଅମଲାଙ୍କୁ ଏକ କଟାକ୍ଷ ବୋଲି ପ୍ରକାଶ ପାଇଥିଲା। ପରେ ସମସ୍ତ ଜିଲ୍ଲାର ଅମଲାଙ୍କୁ ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟରେ ମତଲୋଡା ଯାଇଥିଲା। ସରକାର ଯେକୌଣସି ପଦକ୍ଷେପ ନେଲେ ମଧ ଯେ ପର୍ଯ୍ୟନ୍ତ ଲେଭଲ-୯ ଓ ପଦବୀ ପୁନର୍ଗଠନ ନ ହେଇଛି ସେପର୍ଯ୍ୟନ୍ତ କେହି କାର୍ଯ୍ୟରେ ଯୋଗ ନ ଦେବାପାଇଁ ଦାବି ହୋଇଥିଲା। ଜିଲ୍ଲାରେ ସହମତି ପ୍ରକାଶ କରି ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତି ନେଇଛି। ଆନନ୍ଦପୁର, ଚମ୍ପୁଆ ଓ ଜିଲ୍ଲାମୁଖ୍ୟାଳୟରେ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି ସଭାପତି ଜୀତେନ୍ଦ୍ର ମହାପାତ୍ର, ସମ୍ପାଦକ ପ୍ରଭାତେନ୍ଦୁ ନାୟକ, ମେଡିଆ ସଂଯୋଜକ ପୀତବାସ ମହାନ୍ତ, କାର୍ଯ୍ୟକାରୀ ସଭାପତି ସଚିନ କୁମାର ପଣ୍ଡା, ମିନତି ସାହୁ, ଉପଦେଷ୍ଟା ଭୁବନେଶ୍ୱର ମହାପାତ୍ର, କୈଳାଶ ଚନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ରଣା, ପ୍ରଭାତୀ ପ୍ରଧାନ, ଗୌରାଙ୍ଗ ଚରଣ ଜେନା ପ୍ରଭୃତି ପ୍ରକାଶ କରିଛନ୍ତି।

# ବ୍ଲକ୍ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

ଆନନ୍ଦପୁର,୧୩।୮ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହଠାରେ ଆୟୋଜିତ ବୈଠକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଛି। ବିଡିଓ ମନୋଜ ମହାନ୍ତଙ୍କ ସଂଯୋଜନାରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ନାଗଭୂଷଣ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକକୁ ଜିଲ୍ଲା ପରିଷଦ ସଦସ୍ୟ ଓ ସରପଞ୍ଚ ମାନଙ୍କୁ ଡକାଯାଇ ନଥିବା ଜଣାପଡ଼ିଛି। ନୂଆ ସରକାର ଆସିବା ପରେ ଆନନ୍ଦପୁରରେ ଉନ୍ନୟନ କାର୍ଯ୍ୟକୁ ନେଇ ବିଜେପି ଓ ବିଜେଡି ମଧ୍ୟରେ ବଳ କଷାକଷି ଚାଲିଥିବାରୁ କାମ ବାଧାପ୍ରାପ୍ତ ହେଉଥିବା ନେଇ କିଛିଦିନ ତଳେ ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ ହୋଇଥିଲା।

# ଟୁଙ୍କୁଣା ମହାବିଦ୍ୟାଳୟରେ ସଂସ୍କୃତ ଦିବସ




ଆନନ୍ଦପୁର,୧୩।୮ (ସମିସ): ଟୁଙ୍କୁଣା ବଳଭଦ୍ର ନାରାୟଣ ସରକାରୀ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ସମାରୋହ ପାଳିତ ହୋଇଛି। ଅଧ୍ୟକ୍ଷ ମନୋରଞ୍ଜନ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦେବଭାଷା ସଂସ୍କୃତର ମହତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ଅଧାପକ ଡ. ଗୋପୀନାଥ ପଣ୍ଡା, ଡ. ଭୋଳେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରବନ୍ଧ, ଶ୍ଳୋକ, କଣ୍ଠପାଠ, ସଂସ୍କୃତାନୁବାଦ, ସଂସ୍କୃତ ଲିଖନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପକ ପ୍ରଫୁଲ୍ଲ କୁମାର ବେହେରା, ଡ. ଇନ୍ଦିରା ଶୁଭଦର୍ଶିନୀ ଚକ୍ର, ସୁଦର୍ଶନ ସାହୁ, ଯଦୁମଣି ମିଶ୍ର ଉପସ୍ଥିତ ଥିଲେ। ପଙ୍କଜ ଜେନା, ତୃପ୍ତିମୟୀ ଦାସ, ଲୀଳାବତୀ ଦେହୁରୀ, ଅଙ୍କିତା ଉପାଧ୍ୟାୟ, ସ୍ୱପ୍ନାରାଣୀ ଦାସ, ସୁନୟନା ଶର୍ମା, ମନ୍ମଥ ମିଶ୍ର, ବିଭୁକିଶୋର ମଲିକ, ଶ୍ରୀତମ ଜେନା, ପ୍ରକାଶ ଜେନା, ସବିତା ମଲିକ, ଇତିଶ୍ରୀ ଦାସ, ପୀତବାସ ଦାସ, ଜ୍ୟୋତିରଂଜନ ଦାସ, ସୁନୀଲ ଜେନା, ସତ୍ୟ ନାୟକ, ହରିଆ ବେହେରା, ଦିବ୍ୟରଂଜନ ଦାଶ, ଆକାଶ ଜେନା, ଅଭିଜିତ ମିଶ୍ର ସହଯୋଗ କରିଥିଲେ।

# ବଳରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ



ବେଲବାହାଲି,୧୩।୮ (ସମିସ): ଘଷିପୁରା ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୀଲ କୁମାର ନାୟକ ସଭାପତିତ୍ୱ କରିଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ନିବେଦିତା ଦାସଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ପ୍ରମିଳା ସେଠୀ, ପ୍ରଭାଶ୍ରୀ ଷଡଙ୍ଗୀ, ଚିନ୍ମୟୀ ସେଠୀ, ପ୍ରତିଭା ସାମଲ, ସୁଷମା ଜେନା, ସୃପ୍ତିପ୍ରୀୟା ଚକ୍ର, ସୁଭଦ୍ରା ନାଇକ, ଶିକ୍ଷକ ନାଗଭୂଷଣ ରାଉତ, ସୁବ୍ରତ ସାହୁ, ବାବୁଲାଲ ନାଇକ, ଆଶିଷ ଖୁଣ୍ଟିଆ, ରଶ୍ମୀ ବେହେରା ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତାର ସ୍ଲୋକ ଆବୃତ୍ତି, ସଂସ୍କୃତ ଭାଷାରେ ଭାଷଣ, ଗଳ୍ପ କଥନ ପ୍ରତିଯୋଗିତା ହୋଇଥିଲା। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# କୃମିନାଶକ ଔଷଧ ସେବନ କଲେ ଛାତ୍ରଛାତ୍ରୀ



ତୁରୁମୁଙ୍ଗା,୧୩।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ କୃମି ନାଶକ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ ଏବଂ ସମ୍ମାନିତ ଅତିଥି ଭାବେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭେନ୍ଦୁ ସାଗର କୁମାର ନାଏକ, ସିଆରସିସି ଜ୍ୟୋତିର୍ମୟ ତ୍ରିପାଠୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ କମଳାକାନ୍ତ ପତି, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ, ବିପିଏମ୍ ଦୀପକ କୁମାର ନାଏକ, ଶିକ୍ଷକ ପ୍ରକାଶ ମିଶ୍ରଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ଏହି କୃମି ନାଶକ ଆଜି ଯିଏ ସେବନ କରିନଥିବା ଲୋକେ ଅଗଷ୍ଟ ୧୯ ତାରିଖରେ ସେବନ କରିପାରିବେ। ସ୍କୁଲ୍ ଓ କଲେଜ ଯାଉଥିବା ୧ବର୍ଷରୁ ୧୯ବର୍ଷର ଛାତ୍ରଛାତ୍ରୀ ଓ କଲେଜ ଯାଉନଥିବା ୨୦ରୁ ୨୪ବର୍ଷର ଯୁବକ ଓ ଯୁବତୀ ଏହି ଔଷଧ ସେବନ କରିବେ। ପାଟଣା ବ୍ଲକ୍‌ର ମୋଟ ୩୦ ହଜାରରୁ ଅଧିକଙ୍କୁ ଏହି ଔଷଧ ସେବନ କରାଇବାର କାର୍ଯ୍ୟକ୍ରମ ରହିଛି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ନାରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ହାଟଡ଼ିହୀ,୧୩।୮ (ସମିସ): ହାଟଡ଼ିହୀ ବ୍ଲକ ତଥା ନନ୍ଦିପଦା ଥାନା ଅଧୀନ ଛେନାପଦି ଛକ ସ୍ଥିତ ବିଶ୍ୱତାରିଣୀ ମହିଳା କଲେଜରେ ପୁଲିସ ପକ୍ଷରୁ ନାରୀ ସୁରକ୍ଷାକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନନ୍ଦିପଦା ଥାନାର ଆଇଆଇସି ଧର୍ମେନ୍ଦ୍ର କୁମାର ଶାନ୍ତି, ଏସଆଇ ଅନୁପ କୁମାର କର, ଏସଆଇ ବିନୀତା ଲାକ୍ରା ଓ ଟୁଟୁ ଦକ୍ଷିଣରାୟ ଯୋଗଦେଇଥିଲେ। ନାରୀ ନିର୍ଯାତନାରୁ କିପରି ନିଜେ ନିଜକୁ ରକ୍ଷା କରିପାରିବ ସେ ବିଷୟରେ ନନ୍ଦିପଦା ଆଇଆଇସି ଶ୍ରୀ ଶାନ୍ତି କହିଛନ୍ତି। ନାରୀ ମାନେ କିପରି ପୁଲିସର ସହାୟତା ନେଇପାରିବେ ସେ ବିଷୟରେ ଏସଆଇ ବିନୀତା ଲାକ୍ରା କହିଥିଲେ। ପୁଲିସ ସହାୟତାରେ ଦୁଷ୍ଟଙ୍କୁ କିପରି ସାବାଡ଼ କରିବେ ତାହାର କୌଶଳ ଏସଆଇ ଶ୍ରୀ କର କହିଥିଲେ। ଶତାଧିକ ଛାତ୍ରୀଙ୍କ ସହ କଲେଜର ଅଧକ୍ଷା ଶୁଭସ୍ମିତା ପଳିତା, ଅଧାପିକା ଆଲତି ଦାସ, ଦୀପ୍ତିମୟୀ ସେନାପତି, ଲୋପାମୁଦ୍ରା ପ୍ରଧାନ, ଶିବାନୀ ଧଳ, ଅଧାପକ ମଦରଧର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏବେକା ସମାଜରେ ନାରୀ ଅସୁରକ୍ଷିତ ହୋଇପଡ଼ିଥିବା ବେଳେ ତା'ର ସୁରକ୍ଷା ଏକାନ୍ତ ଆବଶ୍ୟକ ଏବଂ ନାରୀ ସମ୍ମାନ ହିଁ ଦେଶର ସମ୍ମାନ ବୋଲି ଅଧକ୍ଷା ଶୁଭସ୍ମିତା ପଳିତା କହିଥିଲେ।

**ତୁରୁମୁଙ୍ଗା:** କେନ୍ଦୁଝର ଜିଲ୍ଲା ପାଟଣା ପୁଲିସ ପକ୍ଷରୁ ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ସଭାଗୃହରେ ମହିଳା ଓ ଛାତ୍ରଛାତ୍ରୀଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ବିରେନ୍ଦ୍ର କୁମାର ସାହୁଙ୍କ ସଭପତିତ୍ୱରେ ମୁଖ୍ୟଅତିଥି ଭାବେ ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର ଏବଂ ସମ୍ମାନିତ ଅତିଥିଭାବେ ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼, ଓଡ଼ିଆ ଅଧାପକ ଜଗନ୍ନାଥ ମହାନ୍ତ, ସାମ୍ବାଦିକ ନୃସିଂହ ନାଥ ସିଂହ, ମହାବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କଲେଜ୍ ପରିସରରେ ଛାତ୍ରୀଙ୍କ ପ୍ରତି ଯୌନ ନିର୍ଯାତନା ହେଲେ କାହାରିକୁ ଭୟ ନକରି କଲେଜ୍‌ରେ ଥିବା ଆଇସିସିଓ




ତ୍ରିଶକ୍ତି କମିଟିରେ ଜଣାଇବେ। କୌଣସି ଅସୁବିଧାର ସମ୍ମୁଖୀନ ହେଲେ ୧୧୨ ନମ୍ବରକୁ ତୁରନ୍ତ କଲ୍ କରିବାକୁ ପରାମର୍ଶ ଦେବାସହ ସମାଧାନ ନହେଲେ ପୁଲିସର ସହାୟତା ନେବେ ବୋଲି ସଚେତନତା କରାଯାଇଥିଲା।

**ବଡ଼ବିଲ:** କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅଧୀନ ସୋୟାବାଲି ସ୍ଥିତ ଜିନ୍ଦଲ ସ୍କୁଲ ପରିସରରେ ବଡବିଲ ଆରକ୍ଷୀ ବିଭାଗ ତରଫରୁ 'ପୁଲିସ ବନ୍ଧୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମହିଳା ନିରାପତ୍ତା ଏବଂ ଅନ୍ୟାନ୍ୟ ଆଇନ



କାନୁନ ପଦ୍ଧତି ଉପରେ ଆଲୋଚନା କରଯାଇଥିଲା। ଏସ୍‌ଡିପିଓ ଦେବେନ୍ଦ୍ରନାଥ ପୀଙ୍ଗୁଆ ଓ ଥାନା ଅଧିକାରୀ ଅଶୋକ କୁମାର ନାଏକ କାର୍ଯ୍ୟକ୍ରମରେ ଯୋଗଦାନ କରି ଆଇନଶୃଙ୍ଖଳା ରକ୍ଷାଦିଗରେ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ଓ ପୁଲିସର କାର୍ଯ୍ୟ ପରିସର ବିଷୟରେ ପିଲାମାନଙ୍କ ସହ ଆଲୋଚନା କରିଥିଲେ। ଯେ କୌଣସି ଥାନାରେ ଜଣକର ଅଭିଯୋଗ ପଞ୍ଜିକୃତ ନହେଲେ ସିଧାସଳଖ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହ ଯୋଗାଯୋଗ କରିବା ପାଇଁ ହେଲ୍ପଲାଇନ ନମ୍ବର ପ୍ରଦାନ କରାଯାଉଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷା ସଂଗୀତାରାଣୀ ଦାସ, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

**ରାମଚନ୍ଦ୍ରପୁର/ବେଲବାହାଲି:** ସାରା ରାଜ୍ୟରେ ବଢୁଥିବା ମହିଳାମାନଙ୍କ ପ୍ରତି ନିର୍ଯାତନାକୁ ଦୃଷ୍ଟିରେ ରଖି ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ କେନ୍ଦୁଝର ପୁଲିସ୍ ଆରମ୍ଭ କରିଛି ଷ୍ଟୁଡେଣ୍ଟ-ପୁଲିସ୍ ଇଣ୍ଟରାକ୍ସନ୍ ପୋଗ୍ରାମ। ଆଜି




ଆନନ୍ଦପୁର ଉପଖଣ୍ଡ ସାଇଁକୁଳ ପତିତପାବନ ମହାବିଦ୍ୟାଳୟରେ କେନ୍ଦୁଝର ଏସପି ନୀତିନ କୁଶଲକର ଦାଗୁଡ଼ଙ୍କ ନେତୃତ୍ୱରେ ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ କୁମାର ବେହେରା, ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ କୁମାର ମାଝୀ, ଯୁକ୍ତଦୁଇ ମହାବିଦ୍ୟାଳୟର ଅଧକ୍ଷ ଅମୂଲ୍ୟ କୁମାର ବିଶ୍ୱାଳ, ଯୁକ୍ତ ତିନିର କଲେଜ ଅଧକ୍ଷ ଶରତ କୁମାର ଜେନା, ପୂର୍ବତନ ଅଧକ୍ଷ ରାଜେନ୍ଦ୍ର କୁମାର ରାଉତ ଉପସ୍ଥିତ ରହି ମହିଳା ମାନଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ଦିଗ ଉପରେ ଅବଗତ କରାଇଛନ୍ତି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଉପସ୍ଥିତ ରହି ସହଯୋଗ କରିଥିଲେ। ଯୁକ୍ତ ଦୁଇ ଅଧକ୍ଷ ଅମୂଲ୍ୟ ବିଶ୍ୱାଳ ଏବଂ ଯୁକ୍ତ ତିନି ଅଧକ୍ଷ ଶରତକୁମାର ଜେନା ସମେତ କଲେଜର ଅନେକ ଅଧାପକଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

**ଯୋଡ଼ା:** ମହିଳାଙ୍କ ସୁରକ୍ଷା, ସ୍ୱଙ୍ଗରକ୍ଷା କୌଶଳ ଓ ଆଇନ ସଚେତନତା ବୃଦ୍ଧି କରିବାକୁ ଯୋଡ଼ା ପୁଲିସ ବିଭାଗ ପକ୍ଷରୁ ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବଡ଼ବିଲ ପୁଲିସ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆ ଏବଂ ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ ପ୍ରଧାନ ଯୋଗ ଦେଇ ନାରୀ ସୁରକ୍ଷା ଓ ସଚେତନତା ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ, ଅଧାପିକା ଏବଂ ଶତାଧିକ ଛାତ୍ରୀମାନେ ସାମିଲ ହୋଇଥିଲେ। ପ୍ରଶ୍ନୋତ୍ତର ସତ୍ରରେ ଛାତ୍ରୀମାନେ ସାଇବର ହାରାସ୍‌ମେଣ୍ଟ, ରାଗିଂ, ଇଭ୍-ଟିଜିଂ, ଷ୍ଟାକିଂ ଓ ସୋସିଆଲ ମିଡିଆ ସୁରକ୍ଷା ବିଷୟରେ ପ୍ରଶ୍ନ କରିଥିଲେ। ଯାହାର ପ୍ରାଞ୍ଜଳ ଭାବେ ପୁଲିସ ଅଧିକାରୀମାନେ ଉତ୍ତର ଦେଇଥିଲେ। କଲେଜ୍ ଅଧକ୍ଷ କହିଛନ୍ତି ଯେ ଏପରି କାର୍ଯ୍ୟକ୍ରମ ଛାତ୍ରୀମାନଙ୍କୁ କେବଳ ସୁରକ୍ଷା ସଚେତନ କରେନି, ବରଂ ସମାଜରେ ମହିଳାଙ୍କ ପ୍ରତି ସୁରକ୍ଷା ଭାବନାକୁ ମଜବୁତ କରେ। ଆଗକୁ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନ୍ୟ କଲେଜ ମାନଙ୍କରେ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।



### ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା କାର୍ଯ୍ୟକାରୀ ଦାବି

# ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଲା ଓଡ଼ିଶା ଶିଳ୍ପୀ ମହାସଂଘ

ବାରିପଦା, ୧୩।୮ (ସମିସ):




ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଦାବିରେ ଓଡିଶା ଶିଳ୍ପୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ପ୍ରାୟ ୧୫୦୦ରୁ ଅଧିକ ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେ ବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। ଯୋଜନାରେ କିନ୍ତୁ କଳାକାରଙ୍କ ଭଳି ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଛି। ସେହିଭଳି ଓଡିଶା ଶିଳ୍ପୀ ମହାସଂଘର ପ୍ରଗାଢ ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବାବେଳେ ବୋର୍ଡ ଗଠନ ହୋଇ ନ ଥିବାରୁ ପରିଷଦ ବର୍ଷେ ହେବ ନିଷ୍କ୍ରିୟ ହୋଇ ପଡିରହିଛି। ଇତିମଧ୍ୟରେ ନୂତନ ସରକାରକୁ ବର୍ଷେ ପୁରି ସାରିଥିବାବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟୁ ସାଜିଛି। ଓଡିଶା ଶିଳ୍ପୀ ମହାସଂଘର ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି। ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢି ତୋଳିବାକୁ ଓଡିଶା ଶିଳ୍ପୀ ମହାସଂଘ ନିଷ୍ପତ୍ତି ନେଇଛି। ଏହି କ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବଜେଟକୁ ୫ ହଜାର କୋଟି କାରିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲାର ଶହଶହ କାରିଗର ସାମିଲ ହୋଇଥିବାବେଳେ ମଧୁବନ ପଡିଆରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ଆସିଥିଲା। ମହାସଂଘର ରାଜ୍ୟ ସଭାପତି ଉଦୟ ମହାନ୍ତି, ଜିଲ୍ଲା ସଭାପତି କନକ ଲତା ମହାନ୍ତ, ସଂପାଦିକା ଦେବଯାନୀ ସେଠୀ, କଳ୍ପନା ଜେନା ଓ ସରୋଜିନୀ ମହାନ୍ତ ପ୍ରମୁଖ ନେତୃତ୍ୱ ନେଇଥିଲେ।

## କଳକାରଖାନା ନାଁରେ ଜମି ହଡ଼ପକୁ ଗ୍ରାମ ସଂଗଠନର ନିନ୍ଦା

ବିଶୋଇ,୧୩।୮ (ସମିସ): ସାନ୍ତାଳୀ ଫେଡେରେସନ ତରଫରୁ ବିଶୋଇ ବ୍ଲକ ବାବଜଳା ଗ୍ରାମ ସଂଗଠନ କାର୍ଯ୍ୟାଳୟରେ ଦିଶମ ଗୋଡେତ କାର୍ତ୍ତିକ ଚନ୍ଦ୍ର ହାଁସଦାଙ୍କ ପୌରୋହିତ୍ୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। 'ମୟୂରଭଞ୍ଜ ରାଜ୍ୟ ସରକାର'କୁ ବର୍ତ୍ତମାନ ସୁଦ୍ଧା ମୁକ୍ତି ନ କରାଯିବାକୁ କେନ୍ଦ୍ରୀୟ କମିଟି ସଦସ୍ୟ ନିନ୍ଦା କରିଥିଲେ। ବାମନଘାଟି ଉପଖଣ୍ଡର କଣ୍ଟାବଣି ଗ୍ରାମରେ ରୁଙ୍ଗଟା କମ୍ପାନୀକୁ ବିରୋଧ କରିବା ସହିତ କମ୍ପାନୀ ପକ୍ଷରୁ ଗ୍ରାମବାସୀଙ୍କୁ ଜମି ପ୍ରଦାନ ବାବଦରେ ମାରପିଟ କରିବା ଏବଂ ସାମ୍ବାଦିକଙ୍କୁ ପୁଲିସ ଦ୍ୱାରା ଆକ୍ରମଣ କରିବା ଘଟଣାକୁ କେନ୍ଦ୍ରୀୟ ବୈଠକରେ ତୀବ୍ର ନିନ୍ଦା କରାଯାଇଛି। ରୁଙ୍ଗଟା କମ୍ପାନୀ ଦ୍ୱାରା କଳକାରଖାନା ସ୍ଥାପନ ପାଇଁ ପ୍ରସ୍ତାବିତ ଅଞ୍ଚଳର ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀଙ୍କ ଜମିକୁ କେତେଜଣ କମ୍ପାନୀକୁ ହସ୍ତାନ୍ତର କରିବା ପାଇଁ ଇଚ୍ଛୁକ, ଅନିଚ୍ଛୁକ ଅଛନ୍ତି ଏବଂ ଏବାବଦରେ ସେହି ପ୍ରଭାବିତ ଗ୍ରାମବାସିନ୍ଦାଙ୍କୁ ମାରପିଟ କରିବାର ସବିଶେଷ କାରଣ ଜାଣିବା ପାଇଁ ସଂଗଠନର ୬ ଜଣ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ ପାଇଁ ବୈଠକରେ ସହମତି ନିଆଗଲା। ରଥିଆ ଚରଣ ମାର୍ଣ୍ଡି ସଭା ପରିଚାଳନା କରିଥିବା ବେଳେ ସଂଗ୍ରାମ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ, ଓଡିଶା ଓ ଛତିଶଗଡ଼ରୁ ସାନ୍ତାଳୀ ଜର୍ଣ୍ଣାଲିଜିମ ପାଠକ ଏବଂ ସାନ୍ତାଳୀ ସାମାଜିକ ଗଣମାଧ୍ୟମ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ତିରିଂ ବ୍ଲକରେ ମଧ୍ୟ ଏଭଳି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ୮ ମାସ ପରେ ଅପହୃତା ନାବାଳିକା ଉଦ୍ଧାର

କୁଆଁମରା,୧୩।୮ (ସମିସ): ଖୁଣ୍ଟା ଥାନା ମାହାଲିବସା ଅଞ୍ଚଳର ଜଣେ ନାବାଳିକା ଅପହରଣ ହେବାର ୮ ମାସ ପରେ ଉଦ୍ଧାର ହୋଇଛି। ସଂପୃକ୍ତ ନାବାଳିକା ଜଣକ ନବମ ଶ୍ରେଣୀରେ ପଢୁଥିଲେ। ତେବେ ଘରେ କେହି ନଥିବା ବେଳେ ତାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଅପହରଣ ପରେ ସେହି ଅଞ୍ଚଳର ୨୪ ବର୍ଷିୟା ଯୁବକ ଜଣକ ବାଙ୍ଗାଲୋର ନେଇ ପଳାଇ ଯାଇଥିବା ବେଳେ ସେ ନିକଟରେ ଫେରିବା ଖବର ପାଇ ପୁଲିସ ଉଦ୍ଧାର କରିଛି। ତେବେ ନାବାଳିକା ଜଣକ ତାଙ୍କ ବନ୍ଧୁ ଘରକୁ ଯାଇଥିବା ପୋଲିସ ଆଗରେ ପ୍ରକାଶ କରିଛି।

## ପିକ୍ ଅପ୍ ଜବତ୍; ୭ ଗୋରୁ ଉଦ୍ଧାର

ଶୁଳିଆପଦା,୧୩।୮ (ସମିସ): ଶୁଳିଆପଦା ବ୍ଲକ୍ କୁଜିଡିହି ପଞ୍ଚାୟତ କୁଜିଡିହିଠାରେ ବୁଧବାର ଭୋରୁ ଏକ ଗୋରୁ ବୋଝେଇ ପିକ୍ ଅପ୍ ଜବତ୍ ହୋଇଥିବା ବେଳେ ସେଥିରୁ ୭ଟି ଗୋରୁକୁ ଉଦ୍ଧାର କରାଯାଇଛି। ତେବେ ପିକ୍ ଅପ୍ ଚାଳକ କୌଶଳ କ୍ରମେ ଚମ୍ପଟ ମାରିଛି। ସୂଚନା ମୁତାବକ ଶୁଳିଆପଦା ଏଏସଆଇ ନିରଞ୍ଜନ ସୋରେନ୍ ରାତି ପାଟ୍ରୋଲିଂ କରୁଥିବାବେଳେ ଏକ ଏକ ପିକ୍ ଅପ୍ ଦ୍ରୁତଗତିରେ ପଶ୍ଚିମବଙ୍ଗ ଆଡକୁ ଯାଉଥିଲା। ଏହି ସମୟରେ ଗାଡିକୁ ଅଟକାଇ ୭ଟି ଗୋରୁକୁ ଉଦ୍ଧାର କରିବା ସହିତ ପିକ୍ ଅପ୍‌କୁ ଜବତ୍ କରାଯାଇଛି। ଉଦ୍ଧାର ଗୋରୁଗୁଡିକୁ ବାଲେଶ୍ୱର ଗୋଶାଳା ପଠାଯିବ ବୋଲି ସୂଚନା ମିଳିଛି।

## ଗୁଜରାଟଗାମୀ ବସ୍ ଅଟକ; ୨୦ ଦାଦନ ଉଦ୍ଧାର




ବାରିପଦା,୧୩।୮ (ସମିସ): ବାରିପଦା ସହର ଉପକଣ୍ଠ ୧୮ ନଂ. ଜାତୀୟ ରାଜପଥର ପାଲବଣି ନିକଟ ମଞ୍ଜାବନ୍ଧା ନିକଟରୁ ଦାଦନ ଶ୍ରମିକଙ୍କୁ ନେଇ ଯିବାକୁ ଥିବା ଏକ ଘରୋଇ ବସକୁ ସଦର ପୁଲିସ ଅଟକ ରଖିଥିଲା। ଏହି ବସ୍‌ରେ ୨୦ଜଣ ଶ୍ରମିକ ଗୁଜୁରାଟ ଯାଉଥିବା ଜଣାପଡିଥିଲା। ତେବେ ଶ୍ରମିକ ନେଇ ଯାଉଥିବା ସମ୍ପର୍କରେ କୌଣସି କାଗଜପତ୍ର ନ ଥିବାରୁ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ବାରିପଦା ଆଖପାଖ ଅଞ୍ଚଳରୁ କାମ କରିବା ପାଇଁ ଶ୍ରମିକମାନେ ବାହାର ରାଜ୍ୟକୁ ଯିବା ପାଇଁ ଏକ ବସକୁ ଅପେକ୍ଷା କରିଥିଲେ। ସ୍ଥାନୀୟ ଲୋକେ ବସକୁ ଦେଖି ସନ୍ଦେହକରି ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ବସ୍‌କୁ ଥାନାକୁ ଆଣି ପଚରାଉଚୁରା ଜାରି ରଖିଛି। ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ ପହଞ୍ଚି ଶ୍ରମିକ ସହ ଆଲୋଚନା କରିଥିଲେ। ରାଜ୍ୟ ବାହାରକୁ ଯିବା ପୂର୍ବରୁ ସରକାରୀ ସ୍ତରରେ ଅନୁମତି ନେବାକୁ ପରାମର୍ଶ ଦେଇ ସମସ୍ତଙ୍କୁ ଛାଡି ଦିଆଯାଇଛି।

## ୨ବାଇକ୍ ମୁହାଁମୁହିଁ ଧକ୍କା ଜଣେ ମୃତ; ୪ ଗୁରୁତର

ଡୁରୁମୁଙ୍ଗା,୧୩।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଝାଲିଆପଡ଼ା ବ୍ରାହ୍ମଣୀ ଦେଓ ରାସ୍ତାର ବ୍ରାହ୍ମଣୀ ଦେଓବାଙ୍କ ନିକଟରେ ବୁଧବାର ୨ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣକର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୪ଗୁରୁତର ହୋଇଛନ୍ତି। ମୃତକ ଜଣକ ବ୍ରାହ୍ମଣୀ ଦେଓ ଭାଗବତ ନାଏକ (୫୦)। ଗୁରୁତର ମାନେ ହେଉଛନ୍ତି ମୃତକଙ୍କ ସ୍ତ୍ରୀ ଯାଜ୍ଞସେନି ନାଏକ, ମୂଷାପଡ଼ା ଗ୍ରାମର ବାୟା ସିଂ ମୁଣ୍ଡା (୨୬), ରାଉତ ରାୟ ମୁଣ୍ଡା (୩୦) ଏବଂ ମଙ୍ଗଲୁ ମୁଣ୍ଡା (୨୯)। ସ୍ୱାମୀ ସ୍ତ୍ରୀ ବାଇକରେ ବିଲ କାମ ସାରି ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲ। ୪ଗୁରୁତରଙ୍କୁ ପ୍ରଥମେ ପାଟଣା ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ପାଟଣା ଥାନାରେ ୧୯୩/୨୫ଦୁର୍ଘଟଣା ମାମଲା ରୁଜୁ ହୋଇଥିବା ପାଟଣା ଥାନା ଏସ୍‌ଆଇ ଲକ୍ଷ୍ମଣ ମାଝି କହିଛନ୍ତି।

## ବସ୍‌ଷ୍ଟାଣ୍ଡ ଭିତରୁ ଅସୁସ୍ଥ ଯୁବତୀ ଉଦ୍ଧାର

ଡୁରୁମୁଙ୍ଗା,୧୩।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ଭିତରେ ବୁଧବାର ସନ୍ଧ୍ୟାରେ ଜଣେ ଯୁବତୀ ଅସୁସ୍ଥ ଶୋଇ ରହିଥିବା ଖବର ପାଇ ଘଟଣା ସ୍ଥଳରେ ପାଟଣା ପୁଲିସ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଛି। ଯୁବତୀଙ୍କ ନିକଟରେ ଏକ ପଲିଥିନ ବ୍ୟାଗ୍ ପଡିରହିଥିବା ଦେଖିବାକୁ ମିଳିଥିବା ବେଳେ ବ୍ୟାଗ୍ ଭିତରେ ସାଲାଇନ ବତୋଲ ସହ ଏକ୍ସରେ ଓ ମେଡିକାଲ ଆଡମିଶନ କାଗଜପତ୍ର ରହିଛି। କେନ୍ଦୁଝର ଧରଣୀଧର ମେଡିକାଲ କଲେଜରେ ଯୁବତୀ ଜଣଙ୍କ ଭର୍ତ୍ତୀ ହୋଇଥିବା ବେଳେ କିଭଳି ଓ କେଉଁ ପରିସ୍ଥିତିରେ ଯୁବତୀ ଜଣଙ୍କ ଧରଣୀଧର ମେଡିକାଲରୁ ଏଠାକୁ ଆସିଲେ ସେନେଇ ପୁଲିସ ତଦନ୍ତ ଚଳାଇବା ସହ ଯୁବତୀଙ୍କୁ ଉଦ୍ଧାର କରିଛି।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଆଞ୍ଚଳିକ ସମ୍ମିଳନୀ

ବହଳଦା,୧୩।୮ (ସମିସ): ତିରିଂ ବ୍ଲକ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବୁଧବାର ବଡ଼ ସାଦମ୍‌ଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କମ୍ରେଡ୍ ତିନାଥ ପାତ୍ର ସମ୍ମିଳନୀର ପତାକା ଉତ୍ତୋଳନ କଲା ପରେ ପାର୍ବତୀ ମୁର୍ମୁ, ଶରତ ବିନ୍ଧାଣୀ ଓ ଦୁର୍ଗା ମାରାଣ୍ଡିଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଜୟନ୍ତ ଦାସ ସମ୍ମିଳନୀକୁ ଉଦ୍‌ଘାଟନ କରି ସିବିଆଇ, ଇଡି, ନିର୍ବାଚନ କମିଶନ ଆଦିକୁ ବିଜେପି ନିଜ ସ୍ୱାର୍ଥରେ ବିନିଯୋଗ କରି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିବା ସହ ଜନଗଣଙ୍କ ଉପରେ ଏକଛତ୍ରବାଦୀ ଅତ୍ୟାଚାର ଜାହିର କରିଚାଲିଛନ୍ତି। ଅପର ପକ୍ଷରେ ଭାରତକୁ ବିଜେପି ଏକ ଘରକିଆ କରାଇ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସାଧୁ ବନ୍ଧୁତା କରି ଆଦାନୀଙ୍କ ସୁରକ୍ଷା ପାଇଁ ଭାରତୀୟ ଜନଗଣଙ୍କ ଉପରେ ଆମେରିକୀୟ ତାରିଫ୍ ବୋଝ ଲଦାଯାଇଛି ବୋଲି କହିଛନ୍ତି। ତେଣୁ ସେପ୍ଟେମ୍ବର ୪ ତାରିଖରେ ହେବାକୁ ଥିବା ସଂକଳ୍ପ ସମାବେଶରେ ତିରିଂ ଅଞ୍ଚଳରୁ ବହୁ ସଂଖ୍ୟାରେ ଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। ସେହିପରି ଜିଲ୍ଲା ସମ୍ପାଦକ କମ୍ରେଡ୍ ଜଗବନ୍ଧୁ ମିଶ୍ର ତିରିଂ ସାଂଗଠନିକ ଢାଞ୍ଚାକୁ ସୁଦୃଢ଼ କରିବା ପାଇଁ ୨୧ ଏବଂ ୨୨ ତାରିଖରେ ଜିଲ୍ଲା ସମ୍ମିଳନୀରେ ଅଧିକ ସଂଖ୍ୟାରେ ଯୋଗଦେବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଜିଲ୍ଲା ସମ୍ମିଳନୀ ପାଇଁ ପ୍ରତିନିଧି ନିର୍ବାଚନ ସହ ୧୫ ଜଣିଆ ଅଞ୍ଚଳ କମିଟି ଓ ଏଥିମଧ୍ୟରୁ ଅଞ୍ଚଳ ସମ୍ପାଦକ ଭାବେ ପାରାଉ ହାଁସଦା, ସହ ସମ୍ପାଦକ ଭାବେ ଶରତ ଚନ୍ଦ୍ର ବିନ୍ଧାଣୀ ଓ ପାର୍ବତୀ ମୁର୍ମୁ ନିର୍ବାଚିତ ହୋଇଛନ୍ତି।




## ମେଲେରିଆ ଓ ଡେଙ୍ଗୁର ବାହକ ସାଜିଛି ପୁରୁଣା ଟାୟାର



କରଞ୍ଜିଆ, ୧୩।୮ (ସମିସ): କରଞ୍ଜିଆ ସହରର ଗୋଲେଇ ଛକରେ ଥିବା କିଛି ଟାୟାର ମରାମତି ଦୋକାନର ମାଲିକମାନଙ୍କ ଦାୟିତ୍ୱହୀନ ଯୋଗୁ ଏବେ ମେଲେରିଆ ଏବଂ ଡେଙ୍ଗୁ ସଂକ୍ରମଣ ଆଶଙ୍କାରେ ରହିଛନ୍ତି ସହରବାସୀ। ଟାୟାର ମରାମତି କରୁଥିବା କିଛି ଦୋକାନ ମାଲିକ ଦୀର୍ଘଦିନ ଧରି ଅବ୍ୟବହୃତ ଟାୟାରଗୁଡିକୁ ଗୋଲେଇ ଛକ ନିକଟରେ ଦୀର୍ଘଦିନ ଧରି ପକାଇ ରଖିଥିବାରୁ ସେଗୁଡିକରେ ପାଣି ଜମି ରହିଛି। ପାଣି ଜମି ରହିବା ଫଳରେ ମଶା ବଂଶ ବୃଦ୍ଧି ପାଉଛି। ଗୋଲେଇ ଛକ ଅଂଚଳରେ ପ୍ରବଳ ମଶା ହେଉଥିବାରୁ ମେଲେରିଆ, ଡେଙ୍ଗୁ ରୋଗ ବ୍ୟାପିବା ଆଶଙ୍କା ରହିଛି। ଏନଏସି କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଗୋଲେଇ ଛକ ସମେତ ଶେଖର କଲୋନୀ ସରୁବାଲି ଅଞ୍ଚଳରେ ମଧ୍ୟ ଏହି ଆଶଙ୍କା ଦେଖାଦେଇଛି।

## ଖାଲପାଳରୁ ତୋରାଣିଆପାଳରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

ଆନନ୍ଦପୁର,୧୩।୮ (ସମିସ): ୭୯ତମ ସ୍ୱାଧୀନତା ଦିବସ ପୂର୍ବରୁ ଘରେ ଘରେ ଚିନ୍ତା ଚେତନାର ମାହୋଲ ସୃଷ୍ଟି କରିବା ନିମନ୍ତେ ଆରମ୍ଭ ହୋଇଛି ତ୍ରିରଙ୍ଗା ଯାତ୍ରା। ଏହି ଉପଲକ୍ଷେ ଖାଲପାଳ ଗ୍ରାମର ସହିଦ ପଙ୍କଜ ମହାନ୍ତିଙ୍କ ପ୍ରତିମୂର୍ତ୍ତି ନିକଟରୁ ତ୍ରିରଙ୍ଗା ଯାତ୍ରା ଆରମ୍ଭ କରାଯାଇ ତୋରାଣିଆପାଳ ଗ୍ରାମର ସହିଦ ଅଜୟ କୁମାର ବାସଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ପ୍ରତ୍ୟେକ ଗାଁର ଲୋକଙ୍କୁ ସ୍ୱାଧୀନ ମାନସିକତାର ବାର୍ତ୍ତା ବାଣ୍ଟିଛନ୍ତି ବିଜେପି କର୍ମୀ। ଖାଲିଆମେଣ୍ଟା ମଣ୍ଡଳ ସଭାପତି ଯୋଗେନ୍ଦ୍ର ବାବୁ ଦାସଙ୍କ ସଂଯୋଜନାରେ ତୋରାଣିଆପାଳ ଗ୍ରାମର ସହିଦ ଅଜୟ କୁମାର ବାସଙ୍କ ପିତା ବୈଲୋଚନ ବାସ ଏବଂ ମାତା ଦେବକୀ ବାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଯାତ୍ରାରେ କେନ୍ଦୁଝର ଜିଲ୍ଲା ବିଜେପି ସମ୍ପାଦକ ଦୀପକ ଜେନା, ଘସିପୁରା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଡ.ଶମ୍ଭୁନାଥ ରାଉତ, ଭଣ୍ଡାରିଡିହା ପଞ୍ଚାୟତ ସମିତି ସଭ୍ୟା ସୁବାସିନୀ ପ୍ରିୟଦର୍ଶନୀ ରାଉତ, ପୂର୍ବତନ ଖାଲିଆମେଣ୍ଟା ମଣ୍ଡଳ ସଭାପତି ବିକାଶ ଜେନା, ରୁପରଞ୍ଜନ ମହାରଣା, ଲିପୁନ କୁମାର ସା, ରାଜୀବଲୋଚନ ନାୟକ, ପ୍ରସନ୍ନ ଭୂୟାଁ, ପ୍ରଦୀପ କୁମାର ସା ପ୍ରମୁଖ ଉପସ୍ଥିତ ଥିଲେ।

## ଆନନ୍ଦପୁରରେ ସ୍ୱାଧୀନତା ଦିବସ ପରେଡ ପ୍ରସ୍ତୁତି ଶେଷ



ଆନନ୍ଦପୁର,୧୩।୮ (ସମିସ): ଆନନ୍ଦପୁର ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ହେବାକୁ ଥିବା ମିଳିତ ପରେଡ ପ୍ରସ୍ତୁତି ଶେଷ ହୋଇଛି। ଆନନ୍ଦପୁର ମହାବିଦ୍ୟାଳୟ ଏନସିସି ଅଫିସର ରଘୁଦୀପ୍ତି ନାୟକଙ୍କ ତତ୍ତ୍ୱାବଧାନରେ ଷ୍ଟାଡିୟମ ପଡିଆରେ ଦୁଇଦିନ ଧରି ପରେଡ ଅଭ୍ୟାସ କରାଯାଇଥିଲା। ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୪୩ଟି ଟ୍ରୁପ ଅଂଶଗ୍ରହଣ କରିଥିଲେ। ଆସନ୍ତା ସ୍ୱାଧୀନତା ଦିବସରେ ଏହି ଟ୍ରୁପ ମିଳିତ ପ୍ୟାରେଡରେ ମୁଖ୍ୟଅତିଥିଙ୍କୁ ଅଭିବାଦନ ଦେବେ।

## ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କ୍ରୀଡ଼ା କାର୍ଯ୍ୟକ୍ରମ

ଆନନ୍ଦପୁର,୧୩।୮ (ସମିସ): ଆନନ୍ଦପୁର ପଞ୍ଚାୟତ ସମିତି ଓ ଘସିପୁରା ପଞ୍ଚାୟତ ସମିତି ମିଳିତ ଆନୁକୂଲ୍ୟରେ ଆନନ୍ଦପୁର ଇଣ୍ଡୋର ଷ୍ଟାଡିଅମଠାରେ ଭିନ୍ନକ୍ଷମମାନଙ୍କ କ୍ରୀଡା ଓ ସଂସ୍କୃତି କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଆନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମହାନ୍ତ, ଘସିପୁରା ସାମାଜିକ ସୁରକ୍ଷା ଅଧିକାରୀ ଶୁଭଙ୍କର ଜେନା ଏବଂ ଆନନ୍ଦପୁର ବ୍ଲକର ଅବିନାଶ ପତି ଉପସ୍ଥିତ ରହି ପ୍ରଥମେ ମା ତାରିଣୀଙ୍କ ଫଟୋଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଦୀପ ପ୍ରଜ୍ଜଳନ କରିବା ସହିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଆନନ୍ଦପୁର ଓ ଘସିପୁରାର ୧୭୦ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ କ୍ରୀଡା ଓ ସଂସ୍କୃତିରେ ଭାଗ ନେଇ ନିଜର ଦକ୍ଷତାକୁ ପ୍ରତିପାଦନ କରିଥିଲେ। ସେମାନଙ୍କ ଭିତରେ ଦୃଢ ଇଚ୍ଛା ଶକ୍ତିର ଆଗ୍ରହ ସୃଷ୍ଟି ହୋଇଥିବା ବେଳେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆନନ୍ଦପୁର ବ୍ଲକ ଓ ଘସିପୁରା ବ୍ଲକର କର୍ମଚାରୀମାନେ ସହଯୋଗ କରିଥିଲେ।

## ଆନନ୍ଦପୁର ପୌରପାଳିକା ପକ୍ଷରୁ ହର୍‌ଘର୍ ତିରଙ୍ଗା କାର୍ଯ୍ୟକ୍ରମ

ଆନନ୍ଦପୁର,୧୩।୮ (ସମିସ): ଆନନ୍ଦପୁର ପୌରପାଳିକା କାର୍ଯ୍ୟାଳୟ ପକ୍ଷରୁ ହରଘର ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ପୌରପାଳିକାର ଗୋଷ୍ଠୀ ସଂଗଠିକା ରାଜଶ୍ରୀ ମିଶ୍ରଙ୍କ ତତ୍ୱାବଧାନରେ ଅଧ୍ୟକ୍ଷା ରଜନୀ ରାଣୀ ଖଟୁଆ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭାରତ ମାତାର ଗୌରବକୁ ପ୍ରଦର୍ଶନ କରୁଥିବା ଦେଶବାସୀ ଏହି ଅଭିଯାନରେ ସାମିଲ ହେବା ନେଇ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଆଜିର ଏହି ତ୍ରିରଙ୍ଗା କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାଉନସିଲର ଜୋତ୍ରୀମୟୀ ଖୁଣ୍ଟିଆ ରଶ୍ମିତା ବାରିକ ସ୍ୱଚସାଥୀ ସଂଗୀତା ବେହେରାଙ୍କ ସମେତ ପୌରପାଳିକାର ସମସ୍ତ ଜଳସାଥୀ ଓ ପୌର କର୍ମଚାରୀମାନେ ତ୍ରିରଙ୍ଗା ଯାତ୍ରାକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ।

### ଜାତୀୟସ୍ତରୀୟ ଖେଳକୁଦ ସମାରୋହ

## କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ର ପ୍ରବୀନ ମନୋନୀତ

ଚମ୍ପୁଆ,୧୩।୮ (ସମିସ): ନୂଆଦିଲ୍ଲୀସ୍ଥିତ ସିବିଏସଇ ଦ୍ୱାରା କିଟ୍ ଭୁବନେଶ୍ୱର ଠାରେ ଆୟୋଜିତ ଅଣ୍ଡର-୧୯ ସିନିୟର ପୁରୁଷ ବିଭାଗ ଡିସକସ ଥ୍ରୋ ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ସ୍ଥିତ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ର ପ୍ରବୀନ ଲାକ୍ରା ଜାତୀୟସ୍ତରର ଖେଳକୁଦ ସମାରୋହ-୨୫ ପାଇଁ ମନୋନୀତ ହୋଇଥିବା ଜଣାପଡିଛି। ଭୁବନେଶ୍ୱର କ୍ଷେତ୍ର ଅନ୍ତର୍ଗତ ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଓଡ଼ିଶା ରାଜ୍ୟର ଛାତ୍ରଛାତ୍ରୀ ଅଗଷ୍ଟ ୭ରୁ ୯ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରାଦେଶିକ ସ୍ତରୀୟ ଖେଳକୁଦ ସମାରୋହରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ର ପ୍ରବୀନ ଲାକ୍ରା ଡିସକସ ଥ୍ରୋରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ସେ ଆସନ୍ତା ସେପ୍ଟେମ୍ବର ୧୦ରୁ ୧୩ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚୟନ ହୋଇଛନ୍ତି। ଏ ଖବର ପ୍ରସାରିତ ହେବା ପରେ ବିଦ୍ୟାଳୟ ପରିସରରେ ଆନନ୍ଦର ଲହରୀ ଖେଳିଯାଇଛି। ଏଠାରେ ସ୍ମରଣଯୋଗ୍ୟ କି ପ୍ରବୀର କେମସର ଦ୍ୱାଦଶ ଶ୍ରେଣୀ ବିଜ୍ଞାନର ଛାତ୍ର ଅଟନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଅନେକ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ତାଙ୍କର ଏହି ଅନନ୍ୟ ସଫଳତା ପାଇଁ ଅନୁଷ୍ଠାନର ସଭାଧ୍ୟକ୍ଷ ଡଃ.ରାଜମୋହନ ପି.ଏସ, ସମ୍ପାଦିକା ଉମା ରାଜମୋହନ, ଅଧ୍ୟକ୍ଷ ବି.କେ.ଭାରତୀ, ଡିଗ୍ରୀ କଲେଜର ଅଧ୍ୟକ୍ଷ ଡଃ.ବି.ରାମାରାଜୁ, ସମସ୍ତ ଅଧ୍ୟାପକ/ଅଧ୍ୟାପିକା, ସାଙ୍ଗସାଥୀ, ଛାତ୍ରଛାତ୍ରୀ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।




## ଇନୋଭେସନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା

ତେଲକୋଇ,୧୩।୮ (ସମିସ): ତେଲକୋଇ ସ୍ଥିତ ଚାରିଗଡ ମହାବିଦ୍ୟାଳୟଠାରେ ଇନୋଭେସନ ଓ ଷ୍ଟାର୍ଟଅପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡା. ତପନ କୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଅଧ୍ୟାପକ ଯୋଗେଶ ବେହେରାଙ୍କ ସଂଯୋଜନାରେ ଆୟୋଜନ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟାପିକା ବି.କେ ପାର୍ବତୀ, ବବିତା ରାଉଳ, ରଶ୍ମିତା ପଟେଲ, ରଞ୍ଜୀତା ମହାପାତ୍ର, ମହାନ୍ତ ଏବଂ ଅଧ୍ୟାପକ ସୁରିଆ ଜୁଆଙ୍ଗ ଓ ଟୁନାରାମ ମହାନ୍ତ ସହଯୋଗ କରିଥିଲେ। କେନ୍ଦୁଝର ସାଂସଦଙ୍କ ଦକ୍ଷତା ବିକାଶ ଓ ଏମଏସଏମଇର ତେଲକୋଇ ବ୍ଲକ ପ୍ରତିନିଧି ବିକ୍ରମ କେଶରୀ ଚୌହାନ ଓ ବିଶିଷ୍ଟ ଉତ୍ପାଦନକାରୀ ସଂସ୍ଥା ପି.କେ ୱାର୍କସପର ସଂସ୍ଥାପକ ପ୍ରତାପ କୁମାର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରକଳ୍ପଗୁଡିକୁ ବିଚାର କରି ମୂଲ୍ୟାଙ୍କନ କରିଥିଲେ। ସ୍ନାତକ ବିଭାଗର ୨୦ଜଣ ଛାତ୍ରଛାତ୍ରୀ ପ୍ରକଳ୍ପ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବ୍ୟବସାୟିକ ଆବିଷ୍କାର ଦ୍ୱାରା ସ୍ଥାନୀୟ ସମସ୍ୟା ର ସମାଧାନ ଓ ସଂସାଧନକୁ ନେଇ ନୂତନ ବ୍ୟବସାୟ ଆଦି ବିଷୟମାନ ରହିଥିଲା।

## ଘରେ ଘରେ ତ୍ରିରଙ୍ଗା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଚମ୍ପୁଆ,୧୩।୮ (ସମିସ): ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ଆଜି ଘରେ ଘରେ ତ୍ରିରଙ୍ଗା ଓ ଘରେ ଘରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ରତାର ଉତ୍ସବ, ସ୍ୱଚ୍ଛତାର ସହ ପାଳନ ଅବସରରେ ଅଗଷ୍ଟ ୮ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲୁରହିଥିବା ବେଳେ ଚମ୍ପୁଆ ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଏନଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଉପାଧ୍ୟକ୍ଷା ସୁମିତ୍ରା ବେହେରା, ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏକ ପଦଯାତ୍ରା ସ୍ୱଚ୍ଛତା ସ୍ଲୋଗାନ ଦେଇ ସ୍ଥାନୀୟ ନେହେରୁ ଷ୍ଟାଡିୟମଠାରୁ ବାହାରି ଚମ୍ପୁଆ ସହର ପରିକ୍ରମା କରିଥିଲେ। ସେହିପରି ଚମ୍ପୁଆ ଭାଜପା ମଣ୍ଡଳ ପକ୍ଷରୁ ସଭାପତି କାର୍ତ୍ତିକ ସାହୁଙ୍କ ତତ୍ତ୍ୱାବଧାନରେ ୫ଶହରୁ ଅଧିକ ଭାଜପା କର୍ମିଙ୍କ ଦ୍ୱାରା ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା।

# ବାଂଶପାଳ ବ୍ଲକ୍‌ରେ କଫି ଚାଷର ଉଦ୍‌ଘାଟନ

କେନ୍ଦୁଝର,୧୩।୮ (ସମିସ):



ତରମାକାନ୍ତ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଜଳଡିହା ଗ୍ରାମରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, କେନ୍ଦୁଝର ତରଫରୁ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ କଫି ଚାରାରୋପଣର ଶୁଭାରମ୍ଭ ସମାରୋହ ଆୟୋଜନ କରାଯାଇଛି। ଏଥିରେ ତେଲକୋଇ ବିଧାୟକ ଡାଃ ଫକୀର ମୋହନ ନାଏକ ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଏଥିସହିତ ଉପସ୍ଥିତ ଥିବା ଚାଷୀମାନଙ୍କୁ କଫି ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବାଂଶପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜା ରଣଜିତ ପ୍ରତାପ ବଳ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା, କେନ୍ଦୁଝର ଅଶୋକ କୁମାର ସେନାପତି ଯୋଗଦେଇ କଫି ଚାଷ ସହିତ ଅନ୍ତଃଚାଷ ଭାବରେ ଗୋଲମରିଚ ଚାଷକରି ନିଜର ସ୍ଥାୟୀ ଜୀବିକା ଗଠନ କରିବାକୁ ଗୁରୁତ୍ୱାରୋପ କରିଥିଲେ। କଫି ବଗିଚାର ଆୟତନ ୮.୦ ହେକ୍ଟର ହୋଇଥିବାବେଳେ ହେକ୍ଟର ପିଛା ୨୨୦୦ ଲେଖାଏଁ କଫି ଗଛ ଲାଗିବାର ସୂଚନା ଦିଆଯାଇଥିଲା। କଫି ବଗିଚା ଚାରି ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପରେ ଚାଷୀ ମାନଙ୍କୁ ହସ୍ତାନ୍ତର କରାଯିବାକୁ ଅବଗତ କରାଗଲା। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଶାନ୍ତିଲତା ରଣା, ବିଧାୟକ ପ୍ରତିନିଧି ଉମାକାନ୍ତ ବାରିକ,ସାଂସଦ ପ୍ରତିନିଧି ପ୍ରହ୍ଲାଦ ମହାକୁଡ, ମଣ୍ଡଳ ସଭାପତି ଶୁକ୍ରା ମୁଣ୍ଡା ଓ ସ୍ଥାନୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଆସନ୍ତା ମାସ ଆମେରିକା ଯିବେ ମୋଦୀ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ଯୋଗୁଁ ଆମେରିକା ଏବଂ ଭାରତ ମଧ୍ୟରେ ସମ୍ପର୍କ ବିଗିଡ଼ିବାରେ ଲାଗିଛି। ସେ ଭାରତ ଉପରେ ୫୦ ପ୍ରତିଶତ ଜବାବୀ ଶୁଳ୍କ ଲଗାଇଛନ୍ତି। ବାଣିଜ୍ୟ ଚୁକ୍ତିକୁ ନେଇ ଭାରତ ସହ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଏପରି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମାସ ଶେଷ ସପ୍ତାହରେ ଆମେରିକା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ସେ ମିଳିତ ଜାତିସଂଘ ମହାସଭା (ୟୁଏନଜିଏ)ର ବାର୍ଷିକ ବୈଠକରେ ସାମିଲ ହୋଇପାରନ୍ତି। ରିପୋର୍ଟ ଅନୁଯାୟୀ ଆମେରିକା ରାଷ୍ଟ୍ରପତିଙ୍କ ସହ ସାକ୍ଷାତ କରି ବ୍ୟବସାୟ ଏବଂ ଶୁଳ୍କ ସମ୍ବନ୍ଧିତ ବିବାଦର ସମାଧାନ ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ। ଏହି ଅବସରରେ ଉଭୟ ନେତା ବାଣିଜ୍ୟ ଚୁକ୍ତିର ଘୋଷଣା ମଧ୍ୟ କରିପାରନ୍ତି। ମୋଦୀ ସେପ୍ଟେମ୍ବର ୨୬ରେ ୟୁଏନଜିଏକୁ ସମ୍ବୋଧନ କରିବେ। ଏହି ସମୟରେ ସେ ଟ୍ରମ୍ପ ଏବଂ ଅନ୍ୟ ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିପାରନ୍ତି। ୟୁକ୍ରେନ ରାଷ୍ଟ୍ରପତି ଭୋଲ୍ଡାମିର ଜେଲେନ୍ସ୍କି ମଧ୍ୟ ୟୁଏନଜିଏରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଦେଖା କରିପାରନ୍ତି ବୋଲି କହିଛନ୍ତି। ଏହା ପୂର୍ବରୁ ମୋଦୀ ଗତ ଫେବୃଆରୀରେ ଆମେରିକା ଗସ୍ତରେ ଯାଇ ହ୍ୱାଇଟହାଉସରେ ଟ୍ରମ୍ପଙ୍କୁ ଭେଟିଥିଲେ। ଏଠାରେ ଶୁଳ୍କକୁ ନେଇ ମୋଦୀଙ୍କୁ ଟ୍ରମ୍ପ ପ୍ରଶଂସା କରି ଉତ୍ତମ ମୂଲଚାଲ କରୁଥିବା ବ୍ୟକ୍ତି ବୋଲି କହିଥିଲେ। ସେ ଭଲ କାମ କରୁଥିବା ଉଲ୍ଲେଖ କରିଥିଲେ।

# ଭାରତ ଆସିବେ ଚୀନ୍ ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୮(ଏଜେନ୍ସି): ଭାରତ ଓ ଚୀନ୍ ମଧ୍ୟରେ କୂଟନୈତିକ ସମ୍ପର୍କରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେଉଛି। ଆସନ୍ତା ସପ୍ତାହରେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଭାରତ ଆସିବେ। ୱାଙ୍ଗ ଆସନ୍ତା ୧୮ ତାରିଖରେ ଭାରତ ଆସି ଜାତୀୟ ନିରାପତ୍ତା ଉପଦେଷ୍ଟା (ଏନ୍ଏସ୍ଏ) ଅଜିତ ଡୋଭାଲଙ୍କୁ ଭେଟିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚୀନ୍ ଗସ୍ତ ପୂର୍ବରୁ ୱାଙ୍ଗ ଭାରତ ଆସିବାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ୨୦୨୦ରେ ଗଲୱାନ ଘାଟିରେ ଦୁଇ ଦେଶର ସୈନିକଙ୍କ ସଂଘର୍ଷ ଫଳରେ ସମ୍ପର୍କର ଅବନତୀ ହୋଇଥିଲା। ଦୁଇ ଦେଶ ମଧ୍ୟରେ ସୀମା ବିବାଦ ଓ କୂଟନୈତିକ ସମ୍ପର୍କରେ ଉନ୍ନତ ପାଇଁ ୱାଙ୍ଗ ଓ ଡୋଭାଲ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଗତମାସରେ ମଧ୍ୟ ଭାରତ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଚୀନ୍ ଗସ୍ତ କରି ଏସ୍ସିଓ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗ ଦେଇଥିଲେ। ଏହାପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଚୀନ୍ ଗସ୍ତ କରି ଏସ୍ସିଓ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକରେ ଯୋଗ ଦେଇଥିଲେ। ସେହିପରି ମୋଦୀ ଅଗଷ୍ଟ ୩୧ରେ ଏସ୍ସିଓ ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଯିବେ।

# ବିଦେଶୀ ଅପରାଧୀଙ୍କୁ ବିଦା କରିବ ବ୍ରିଟେନ

ଲଣ୍ଡନ, ୧୩।୮ (ଏଜେନ୍ସି): ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମର ଦେଶରେ ଥିବା ବିଦେଶୀ ଅପରାଧୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେଇଛନ୍ତି। ଦେଶରୁ ସବୁ ବିଦେଶୀ ଅପରାଧୀଙ୍କୁ ଡିପୋର୍ଟ ଅର୍ଥାତ ଦେଶରୁ ବାହାର କରିବାକୁ ସେ ନିଷ୍ପତ୍ତି ନେଇଛନ୍ତି। ସେ ଏହିକ୍ରମରେ 'ପ୍ରଥମେ ଡିପୋର୍ଟ, ପୁଣି ଅପିଲ୍' ନୀତିର ଘୋଷଣା କରିଛନ୍ତି। ଅର୍ଥାତ ବ୍ରିଟେନରେ ଅପରାଧ କରୁଥିବା ବ୍ୟକ୍ତିଙ୍କୁ ପ୍ରଥମେ ଦେଶରୁ ବାହାର କରାଯାଇ ତାଙ୍କ ଦେଶକୁ ପଠାଯିବ। ପୂର୍ବରୁ ଏଥିପାଇଁ ପ୍ରଥମେ ଅପିଲ କରିବାକୁ ପଡୁଥିଲା। କିନ୍ତୁ ଏବେ ଏହାର ସୁଯୋଗ ମିଳିବ ନାହିଁ। ଏବେ ନିଜ ଦେଶକୁ ଯାଇ ସମ୍ପୃକ୍ତ ଅପରାଧୀ ଅପିଲ୍ କରିବେ। ଏ ସଂକ୍ରାନ୍ତରେ ଜାରି ହୋଇଥିବା ନୂଆ ସୂଚୀରେ ଭାରତ, କାନାଡା ଓ ଅଷ୍ଟ୍ରେଲିଆ ଭଳି ଦେଶକୁ ସାମିଲ କରାଯାଇଛି। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ପାକିସ୍ତାନକୁ ସାମିଲ କରାଯାଇ ନାହିଁ। କିଛି ଦିନତଳେ କୁଖ୍ୟାତ ଗ୍ରୁମିଂ ଗ୍ୟାଙ୍ଗ୍ ମାମଲାରେ ପାକିସ୍ତାନର କେତେଜଣ ନାଗରିକଙ୍କୁ ଗିରଫ କରାଯାଇଥିଲା। ଜାରି ହୋଇଥିବା ନୂଆ ଆଇନ୍‌ର ଦୁର୍ବ୍ୟବହାର କରିବୁ ନାହିଁ ବୋଲି ବ୍ରିଟେନ ଗୃହମନ୍ତ୍ରୀ ୟେଜେଟ୍ କୁପର କହିଛନ୍ତି। କିନ୍ତୁ ଅପିଲକୁ ବାହନା କରି ଅପରାଧୀମାନେ ବ୍ରିଟେନରେ ଆଉ ରହିପାରିବେ ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ବ୍ରିଟେନ ଜେଲ୍‌ରେ ଏବେ ୧୦୦ ପ୍ରତିଶତରୁ ଅଧିକ ଅପରାଧୀ ରହୁଛନ୍ତି। ବ୍ରିଟେନର ଜେଲ୍‌ରେ ଏବେ ୩୨୦ ଭାରତୀୟ ଅପରାଧୀ ରହୁଥିବା ବେଳେ ୩୧୭ ପାକିସ୍ତାନୀ ରହୁଛନ୍ତି। ପୂର୍ବରୁ ଏହି ତାଲିକାରେ ନାଇଜେରିଆ, ଇସ୍ତୋନିଆ, ଫିନ୍‌ଲ୍ୟାଣ୍ଡ, ଅଲବାନିଆ, ବେଲିଜ, ମରିସସ୍, ତାଞ୍ଜାନିଆ ଓ କୋସୋଭୋ ଭଳି ଦେଶ ସାମିଲ ରହିଥିଲେ।

# ଟ୍ରକ୍‌କୁ ଧକ୍କା ଦେଲା ପିକ୍-ଅପ୍; ୧୧ ମୃତ

ଜୟପୁର, ୧୩।୮ (ଏଜେନ୍ସି): ରାଜସ୍ଥାନ ଦୌସା ସୈନ୍ଥଲ ଥାନା ଅନ୍ତର୍ଗତ ବାପି ଗ୍ରାମ ନିକଟସ୍ଥ ଏନଏଚ-୧୪୮ରେ ବୁଧବାର ବଡି ଭୋରରେ ବଡ଼ ଦୁର୍ଘଟଣା ଘଟିଛି। ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ପିକ୍-ଅପ୍ ଧକ୍କା ଦେଇଛି। ଏଥିରେ ୭ ଶିଶୁଙ୍କ ସହିତ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ୪ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଜୟପୁରର ସବାଇ ମାନସିଂହ ହସ୍ପିଟାଲରେ ଏମାନଙ୍କର ଚିକିତ୍ସା ଚାଲିଛି। ସମସ୍ତେ ଉତ୍ତର ପ୍ରଦେଶ ଏଟା ଏବଂ ଫିରୋଜାବାଦର ବାସିନ୍ଦା ଥିଲେ। ଜିଲ୍ଲାଧିକାରୀ ପ୍ରେମରଞ୍ଜନ ସିଂହଙ୍କ ସୂଚନା ଅନୁଯାୟୀ ଏଟାର ଅସରୌଲି ଗ୍ରାମରୁ ଦୁଇଟି ପିକ୍-ଅପ୍ ଭ୍ୟାନରେ ୪୫ ଶ୍ରଦ୍ଧାଳୁ ଖଟୁଶ୍ୟାମଙ୍କ ଦର୍ଶନ କରିବାକୁ ଯାଇଥିଲେ। ତେବେ ଦର୍ଶନ ସାରି ଫେରିବା ସମୟରେ ଶିଶୁ ଏବଂ ମହିଳାଙ୍କୁ ନେଇ ଆସୁଥିବା ପିକ-ଅପ୍‌ଟି ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ମୋଟ ୨୨ ଜଣ ଶ୍ରଦ୍ଧାଳୁ ଥିଲେ। ସୂଚନାଯୋଗ୍ୟ ଯେ ଦେଶରେ ସଡ଼କ ଦୁର୍ଘଟଣାରେ ରାଜସ୍ଥାନ ୬ ନମ୍ବର ସ୍ଥାନରେ ରହିଛି। ୨୦୨୨ର ତଥ୍ୟ ଅନୁଯାୟୀ ସଡ଼କ ଦୁର୍ଘଟଣାରେ ପ୍ରତି ବର୍ଷ ରାଜସ୍ଥାନରେ ୧୧ ହଜାର ଲୋକଙ୍କ ଜୀବନ ଯାଉଛି।

# ଟ୍ରମ୍ପଙ୍କୁ ଭେନଜୁଏଲା ରାଷ୍ଟ୍ରପତିଙ୍କ ଚାଲେଞ୍ଜ





## ଅପେକ୍ଷା କରିଛି; ଗିରଫ କରି ଦେଖାଅ

### ରାଷ୍ଟ୍ରପତି ମାଦୁରୋଙ୍କ ଉପରେ ୪୨୦ କୋଟି ପୁରସ୍କାର

### ୨ଟି ଜେଟ୍ ସମେତ ୭୦୦ ନିୟୁତ ଡଲାରର ସମ୍ପତ୍ତି ଜବତ

### ଦଖଲ ଦେଲେ ଆମେରିକା ସାମ୍ରାଜ୍ୟର ପତନ ହେବ: ମାଦୁରୋ

### ଭେନଜୁଏଲାକୁ ସମର୍ଥନ ଦେଲେ କଲମ୍ବିଆ ରାଷ୍ଟ୍ରପତି

କାରାକସ୍, ୧୩।୮ (ଏଜେନ୍ସି): ମନଇଚ୍ଛା ଧମକ ଦେଇ ସାରା ବିଶ୍ୱରେ ଆତଙ୍କର ବାତାବରଣ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଆହ୍ୱାନ ମିଳିଛି। ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଟ୍ରମ୍ପଙ୍କୁ ଭେନଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। 'ଯଦି ପାରିବ ମୋତେ ଗିରଫ କରି ଦେଖାଅ। ଏଥିପାଇଁ ରାଷ୍ଟ୍ରପତି ଭବନ ମିରାଫ୍ଲୋରେସରେ ଅପେକ୍ଷା କରି ରହିଛି। କାପୁରୁଷମାନେ ଏହି କାର୍ଯ୍ୟରେ ଜମାରୁ ବିଳମ୍ବ କରନାହିଁ ବୋଲି ମାଦୁରୋ କହିଛନ୍ତି।


ସୂଚନା ଅନୁଯାୟୀ ଆମେରିକା ଗତ ୭ ତାରିଖରେ ମାଦୁରୋଙ୍କୁ ଗିରଫ କରିବା ଲାଗି ୨.୫ କୋଟି ଡଲାର ଅର୍ଥାତ୍ ପ୍ରାୟ ୪୨୦ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲା। ଏହାବ୍ୟତୀତ ତାଙ୍କ ସହ ଜଡ଼ିତ ୭୦୦ ନିୟୁତ ଡଲାର (ପ୍ରାୟ ୬୧୨୭ କୋଟି ଟଙ୍କା)ରୁ ଅଧିକ ସମ୍ପତ୍ତି ମଧ୍ୟ ଜବତ କରାଯାଇଛି। ଏଥିରେ ଦୁଇଟି ଘରୋଇ ବିମାନ ସାମିଲ ରହିଛି। ଆମେରିକା ମାଦୁରୋଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବିଗିଡିବାରେ ଲାଗିଛି। ଟ୍ରମ୍ପ ପ୍ରଶାସନ ଅଭିଯୋଗ କରିଛି ଯେ ମାଦୁରୋ ନିଶା ଚାଲାଣ କରୁଛନ୍ତି ଏବଂ ନିଶା କାରବାର କରୁଥିବା ଗୋଷ୍ଠୀ ସହ ମିଶି ଆମେରିକାକୁ ଫେଣ୍ଟାନାଇଲ ମିଶ୍ରିତ କୋକେନ ପଠାଉଛନ୍ତି। ଏବେ ମାଦୁରୋଙ୍କ ପାଖରେ ୭ ଟନ୍ କୋକେନ ରହିଛି। ସେ ଏହାକୁ ଆମେରିକା ପଠାଇବାକୁ ପ୍ରସ୍ତୁତି କରୁଛନ୍ତି।

ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମାଦୁରୋ। ଦେଶର ଘରୋଇ ମାମଲାରେ ହସ୍ତକ୍ଷେପ ନକରିବାକୁ ଟ୍ରମ୍ପଙ୍କୁ ଚେତାବନୀ ଦେଇଛନ୍ତି। ଆମେରିକା ନେତା ଏଭଳି ପ୍ରୟାସ କଲେ ଦୃଢ଼ ଜବାବ ଦିଆଯିବ। ଏହାଦ୍ୱାରା ଆମେରିକା ସାମ୍ରାଜ୍ୟର ବି ଅନ୍ତ ହୋଇପାରେ। ଭେନଜୁଏଲା ସେନାମୁଖ୍ୟ ଡୋମିଙ୍ଗୋ ହର୍ଣ୍ଣାଣ୍ଡିଜ ଲାରେଜ ମଧ୍ୟ ମାଦୁରୋଙ୍କୁ ସମର୍ଥନ ଦେଇଛନ୍ତି। ସେନା ତାଙ୍କ ସହ ଅଛି ବୋଲି କହିଛନ୍ତି। ହଲିଉଡ ଚଳଚ୍ଚିତ୍ର ପରି ଆମେରିକା ଆମ ରାଷ୍ଟ୍ରପତିଙ୍କ ଗିରଫ ପାଇଁ ପୁରସ୍କାର ଘୋଷଣା କରୁଛି। ଏହା ଦେଶ ପାଇଁ ଅପମାନ। ସେହିପରି ରାଷ୍ଟ୍ରପତିଙ୍କ ଉପରେ ପୁରସ୍କାର ରାଶି ବୃଦ୍ଧି ଘୋଷଣା କରି ଆମେରିକା ରାଜନୈତିକ ଅପପ୍ରଚାର କରୁଛି ବୋଲି ବିଦେଶମନ୍ତ୍ରୀ ଇଭାନ ଗିଲ୍ କହିଛନ୍ତି।

୨୦୨୦ରେ ଆମେରିକାର ମ୍ୟାନହାଟନ ସଂଘୀୟ ଅଦାଲତରେ ମାଦୁରୋଙ୍କ ବିରୋଧରେ ନାର୍କୋ-ଟେରରିଜିମ ଏବଂ କୋକେନ ଚାଲାଣ ମାମଲାର ଅଭିଯୋଗ କରାଯାଇଥିଲା। ସେ ସମୟରେ ଟ୍ରମ୍ପ ପ୍ରଶାସନ ଭେନଜୁଏଲା ରାଷ୍ଟ୍ରପତିଙ୍କ ଗିରଫ ପାଇଁ ୧.୫ କୋଟି ଡଲାର ପୁରସ୍କାର ଘୋଷଣା କରିଥିଲା। ଏହା ପରେ ଟ୍ରମ୍ପ ପ୍ରଶାସନ ଗତ ଗୁରୁବାର ଏହାକୁ ୨.୫ କୋଟି ଡଲାରକୁ ବୃଦ୍ଧି କରିଥିଲେ। ସୂଚନାଯୋଗ୍ୟ ଯେ ମାଦୁରୋ ୨୦୧୩ରୁ ଭେନଜୁଏଲାରେ କ୍ଷମତାରେ ଅଛନ୍ତି। ଆମେରିକା, ୟୁରୋପୀୟ ସଂଘ ଏବଂ ଲାଟିନ ଆମେରିକୀୟ ଦେଶଗୁଡ଼ିକ ତାଙ୍କ ବିରୋଧରେ ନିର୍ବାଚନରେ ଜାଲିଆତି ଅଭିଯୋଗ ଲଗାଇଛନ୍ତି। ଭେନଜୁଏଲାକୁ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାବୋ ପେଟ୍ରୋ ସମର୍ଥନ ଦେଇଛନ୍ତି। ଭେନଜୁଏଲା ଉପରେ ଆକ୍ରମଣକୁ କଲମ୍ବିଆ ଉପରେ ଆକ୍ରମଣ ଭାବେ ଧରାଯିବ ବୋଲି କହିଛନ୍ତି। ଭେନଜୁଏଲା ସାର୍ବଭୌମତ୍ୱର ରକ୍ଷା କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ସାର୍ବଭୌମତ୍ୱ ସହ ସାଲିସ ନ କରି ନିଶା କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି।

# ସେନାମୁଖ୍ୟଙ୍କ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଧମକ

ଇସଲାମାବାଦ, ୧୩।୮ (ଏଜେନ୍ସି): ଭାରତର 'ଅପରେସନ ସିନ୍ଦୂର'ରେ ଭୟଭୀତ ହୋଇ ଅସ୍ତ୍ରବିରତି ଅନୁରୋଧ କରିଥିବା ପାକିସ୍ତାନ ନିଜର ପୁରୁଣା ଦୋଷକୁ ଛାଡ଼ି ପାରୁନି। ଖାଲି ବୃଥା ପ୍ରଳାପ କରି ଚାଲିଛି। ଭାରତ ସିନ୍ଧୁ ଚୁକ୍ତି ସ୍ଥଗିତ କରିବା ଦିନଠାରୁ ପାକିସ୍ତାନର ନିଦ ହଜି ଯାଇଛି। ପାଣି ପାଇଁ ଚାତକ ପରି ଚାହିଁ ରହିଥିବା ପାକିସ୍ତାନ ପାଇଁ ଏହା ଅସହ୍ୟ ହୋଇଯାଇଛି। ପାକିସ୍ତାନ ସେନାମୁଖ୍ୟ, ପୂର୍ବତନ ମନ୍ତ୍ରୀ ବିଲାୱଲ ଭୁଟ୍ଟୋଙ୍କ ପରେ ଏବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମଧ୍ୟ ଭାରତକୁ ଧମକ ଦେଇଛନ୍ତି। ସିନ୍ଧୁ ନଦୀର ପାଣି ରୋକିଲେ ନିର୍ଣ୍ଣାୟକ ଉପାୟରେ ଭାରତକୁ ଏହାର ଜବାବ ଦିଆଯିବ ବୋଲି କହିଛନ୍ତି। ଇସଲାମାବାଦରେ ମଙ୍ଗଳବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ



ଶାହବାଜ ସରିଫ ଏହି ଧମକ ଦେଇଛନ୍ତି।

ଶାହବାଜ କହିଥିଲେ ଯେ ଭାରତ ଖାଲି ପାଣି ବନ୍ଦ କରିବାକୁ ଧମକ ଦେଉଛି। କିନ୍ତୁ ପାକିସ୍ତାନର ବୁନ୍ଦେ ପାଣିକୁ ବି ଭାରତ ଛଡ଼ାଇ ନେଇପାରିବ ନାହିଁ। ଯଦି ଏଭଳି କରିବାକୁ ପ୍ରୟାସ କରାଯାଏ, ତେବେ ତାହା ସିନ୍ଧୁ ଚୁକ୍ତିର ଉଲ୍ଲଙ୍ଘନ ହେବ। ପାକିସ୍ତାନ ଏହାର ଦୃଢ଼ ଜବାବ ଦେବ। ପାଣି ହେଉଛି ପାକିସ୍ତାନର ଜୀବନ ରେଖା। ଅନ୍ତର୍ଜାତୀୟ ଚୁକ୍ତି ଅଧୀନରେ ଦେଶକୁ ମିଳିଥିବା ଅଧିକାର ସହ କେବେ ବି ସାଲିସ କରାଯିବ ନାହିଁ।

ଏହାକୁ ମିଶାଇ ଗତ ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନର ତିନି ପ୍ରମୁଖ ବ୍ୟକ୍ତି ଭାରତକୁ ଏଭଳି ଧମକ ଦେଲେଣି। ପ୍ରଥମେ ସେନାମୁଖ୍ୟ ଅସିମ ମୁନୀର ଆମେରିକାରେ ରହି ଏହି ଦେଶର ନିୟମକୁ ଉଲ୍ଲଙ୍ଘନ କରି ଭାରତକୁ ପରମାଣୁ ଧମକ ଦେଇଥିଲେ। ପରେ ଗତକାଲି ବିଲାୱଲ ଭୁଟ୍ଟୋ ସିନ୍ଧୁ ଜଳ ରୋକିଲେ ଯୁଦ୍ଧ ହେବ ବୋଲି କହିଥିଲେ। ଆମେରିକା ବଳରେ ପାକିସ୍ତାନ ଏଭଳି ଭାରତ ବିରୋଧୀ ମନ୍ତବ୍ୟ ଦେଇଚାଲିଛି ବୋଲି କୁହାଯାଉଛି।

# ରିପୋର୍ଟ ପାଇଁ ସାମ୍ବାଦିକଙ୍କ ବିରୋଧରେ ଦେଶଦ୍ରୋହ ମାମଲା ହୋଇପାରିବ ନାହିଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୩।୮: ସାମ୍ବାଦିକମାନଙ୍କ ଦ୍ୱାରା ପ୍ରକାଶିତ କୌଣସି ଖବର ଆଲେଖ୍ୟ ବା ଭିଡିଓ ପାଇଁ ସେମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଦାଏର କରାଯାଇପାରିବ ନାହିଁ। ଭାରତୀୟ ନ୍ୟାୟ ସଂହିତା ବା ବିଏନ୍ଏସ୍‌ର ଧାରା ୧୫୨ ସେମାନଙ୍କ ବିରୋଧରେ ପ୍ରୟୋଗ କରାଯାଇପାରିବ ନାହିଁ। ନ୍ୟୁଜ ୱେବସାଇଟ୍ 'ଦି ୱାୟାର'ର ସଂପାଦକ ସିଦ୍ଧାର୍ଥ ବର୍ଦ୍ଧରାଜନଙ୍କ ବିରୋଧରେ ଆଗତ ଏଭଳି ମାମଲାକୁ ଖାରଜ କରି ଏହା କହିଛନ୍ତି ସୁପ୍ରିମକୋର୍ଟ। ଆସାମ ପୁଲିସ ଏହି ମାମଲାରେ ତାଙ୍କୁ ଗିରଫ କରିପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଅପରେସନ ସିନ୍ଦୂର ବେଳେ ଭାରତୀୟ ବାୟୁସେନା ଏହାର କିଛି ଯୁଦ୍ଧ ବିମାନ ହରାଇଛି ବୋଲି 'ଦି ୱାୟାର'ରେ ପ୍ରସାରିତ ହୋଇଥିଲା। ଏହା ଦେଶଦ୍ରୋହ ବୋଲି ଯୁକ୍ତି କରି ତାଙ୍କ ବିରୋଧରେ ଆସାମ ପୁଲିସ ବିଏନ୍ଏସ୍ ଧାରା ୧୫୨ ଲାଗୁ କରିଥିଲା। ଅନ୍ୟପକ୍ଷରେ ବର୍ଦ୍ଧରାଜନ କହିଥିଲେ ଯେ ଭାରତୀୟ ସେନା ଅଧିକାରୀ ଦେଇଥିବା ସୂଚନାକୁ ଆଧାର କରି ଏହି ରିପୋର୍ଟ ପ୍ରକାଶ କରାଯାଇଥିଲା।

ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ବେଳେ ପ୍ରଶ୍ନ କରିଥିଲେ ଯେ କୌଣସି ରିପୋର୍ଟ ବା ନ୍ୟୁଜ୍ ଭିଡିଓ ପାଇଁ ସାମ୍ବାଦିକଙ୍କୁ ଦେଶଦ୍ରୋହ ମାମଲାର ଫସାଇବା ଠିକ୍ କି? ସେମାନଙ୍କୁ କଣ ଏଥିପାଇଁ ଗିରଫ କରାଯିବ? ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ସାମ୍ବାଦିକଙ୍କ ଦ୍ୱାରା ଲିଖିତ ରିପୋର୍ଟ କିପରି ଦେଶର ଏକତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବ? ଏହା ହେଉଛି କେବଳ ନ୍ୟୁଜ ଆର୍ଟିକଲ। ଭାରତ ଭିତରକୁ ଚାଲାଣ ହୋଇଥିବା ବେଆଇନ ଅସ୍ତ୍ରଶସ୍ତ୍ର ନୁହେଁ।

# ସାଭରକର ମାନହାନୀ ମାମଲା

# 'ରାହୁଲଙ୍କ ଜୀବନ ପ୍ରତି ବିପଦ ଅଛି'

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ତାଙ୍କ ଓକିଲ ଅଭିଯୋଗ କରିଛନ୍ତି। ପୁଣେର ଏକ କୋର୍ଟରେ ସେ ଏହି ଅଭିଯୋଗ ଆଣିଛନ୍ତି। ବୀର ସାଭରକର ମାନହାନୀ ମୋକଦ୍ଦମା ଶୁଣାଣି ବେଳେ ରାହୁଲଙ୍କ ଓକିଲ କହିଲେ ଯେ ତାଙ୍କ ବିରୋଧରେ ମାନହାନୀ କେସ୍ ଦାଏର କରିଥିବା ଲୋକମାନେ ହେଉଛନ୍ତି ନାଥୁରାମ ଗଡ଼ସେଙ୍କ ବଂଶଧର। ଏହି ମାମଲାରେ ରାହୁଲ ଏମ୍‌ପି/ଏମ୍‌ଏଲଏ ସ୍ୱତନ୍ତ୍ର କୋର୍ଟରେ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ଓ ନିରପେକ୍ଷ ଭାବେ ଶୁଣାଣି କରିବାକୁ ସେ ଅପିଲ କରିଛନ୍ତି। ଏହା ରାଜ୍ୟର ସାମ୍ବିଧାନିକ ଦାୟିତ୍ୱ ବୋଲି ସେ କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୦ରେ ହେବ।

ଭୋଟ ଚୋରି ଅଭିଯୋଗ କରିବା ପରେ ରାହୁଲ ଗାନ୍ଧୀଙ୍କ ପ୍ରତି ବିପଦ ବୃଦ୍ଧି ପାଇଛି ବୋଲି ତାଙ୍କ ଓକିଲ ମିଲିନ୍ଦ ପାୱାର କହିଛନ୍ତି। ବିଜେପି ନେତା ଆରଏନ୍ ବିଟ୍ଟୁ ରାହୁଲଙ୍କୁ ଆତଙ୍କବାଦୀ ବୋଲି କହିଥିବା କଥା ସେ କୋର୍ଟରେ କହିଛନ୍ତି। ସେହିପରି ଯଦି ରାହୁଲ ତାଙ୍କ ଆଚରଣ ନ ବଦଳାନ୍ତି ତେବେ ତାଙ୍କ ଅବସ୍ଥା ଜେଜେମା ଇନ୍ଦିରା ଗାନ୍ଧୀଙ୍କ ଭଳି ହେବ ବୋଲି ବିଜେପିର ଅନ୍ୟଏକ ନେତା ତରବିନ୍ଦର ମାରବାହ କହିଥିଲେ ବୋଲି ସେ କୋର୍ଟଙ୍କୁ ଅବଗତ କରାଇଛନ୍ତି। ସେହିପରି ସାଭରକର ଓ ଗଡସେଙ୍କ ପରିବାର ସହ ମାନହାନୀ ମକଦ୍ଦମା କରିଥିବା ସାତ୍ୟକୀ ସାଭରକରଙ୍କ ସମ୍ପର୍କ ରହିଛି ବୋଲି ମିଲିନ୍ଦ କହିଛନ୍ତି। ଜଣେ ସଚ୍ଚା ହିନ୍ଦୁ କେବେବି ହିଂସକ ହୋଇପାରିବ ନାହିଁ ବୋଲି ରାହୁଲ କହିଛନ୍ତି। ଉଲ୍ଲେଖଥାଉ କି, ରାହୁଲ ୨୦୨୩ ମାର୍ଚ୍ଚରେ ତାଙ୍କ ଲଣ୍ଡନ ଭାଷଣରେ ଭିଡି ସାରଭରକରଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ ଓ ସାତ୍ୟକୀ ଏହା ବିରୋଧରେ ମାନହାନୀ ମକଦ୍ଦମା କରିଥିଲେ।



ଅବଶ୍ୟ ରାହୁଲ ପୂର୍ବରୁ ଏକାଧିକ ବାର ସାଭରକରଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଥିଲେ। ତାଙ୍କୁ ଏଥିପାଇଁ ସୁପ୍ରିମକୋର୍ଟ ଗତ ଏପ୍ରିଲ ୨୬ରେ ତାଗିଦ ମଧ୍ୟ କରିଛନ୍ତି।

# ତାମିଲନାଡୁ ରାଜ୍ୟପାଳଙ୍କଠାରୁ ଡିଗ୍ରୀ ନେବାକୁ ମନାକଲେ ପିଏଚ୍‌ଡି ଛାତ୍ରୀ




ଚେନ୍ନଇ, ୧୩।୮ (ଏଜେନ୍ସି): ତାମିଲନାଡୁର ମନୋନମନିୟମ ସୁନ୍ଦରନର ବିଶ୍ୱବିଦ୍ୟାଳୟ (ଏମ୍ଏସ୍ୟୁ)ରେ ବୁଧବାର ଆୟୋଜିତ ଦୀକ୍ଷାନ୍ତ ସମାରୋହରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏଥିରେ ଜଣେ ପିଏଚ୍‌ଡି ଛାତ୍ରୀ ରାଜ୍ୟପାଳ ରବିଙ୍କ ଠାରୁ ଡିଗ୍ରୀ ।।ନେବାକୁ ମନା କରିଦେଇଛନ୍ତି। ଅନ୍ୟପକ୍ଷରେ ସେ କୁଳପତିଙ୍କ ଠାରୁ ଏହି ଡିଗ୍ରୀ ଗ୍ରହଣ କରିଛନ୍ତି। ଜୀନ ଯୋଶେଫ ନାମକ ଏହି ଛାତ୍ରୀ ଅଭିଯୋଗ କରିଛନ୍ତି ଯେ ରାଜ୍ୟପାଳ ରବି ତାମିଲନାଡୁର ସ୍ୱାର୍ଥ ବିରୋଧରେ କାମ କରୁଥିବାରୁ ଏହାର ପ୍ରତିବାଦ ଜଣାଇ ତାଙ୍କ ଠାରୁ ଡିଗ୍ରୀ ନେଇନାହାନ୍ତି। ଏଭଳି ରାଜ୍ୟପାଳଙ୍କ ଠାରୁ ଡିଗ୍ରୀ ଗ୍ରହଣ କରିବାକୁ ସେ ଉଚିତ ମନେ କରୁନାହାନ୍ତି। ତାମିଲନାଡୁ ସରକାର ଓ ରାଜ୍ୟପାଳ ଆରଏନ୍ ରବିଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଚାଲିଥିବା ବେଳେ ଏହି ଛାତ୍ରୀଙ୍କ ଏଭଳି ଆଭିମୁଖ୍ୟ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଯୋଶେଫ୍ ଜଣେ ଡିଏମକେ ନେତାଙ୍କ ପତ୍ନୀ ବୋଲି କୁହାଯାଉଛି।

# କଶ୍ମୀରରେ ଯବାନ ସହିଦ

ଶ୍ରୀନଗର, ୧୩।୮ (ଏଜେନ୍ସି): ଉତ୍ତର କଶ୍ମୀରର ଉରି କ୍ଷେତ୍ର ସ୍ଥିତ ଏଲଓସିରେ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମକୁ ସେନା ବିଫଳ କରିଦେଇଛି। ଏହି ଅଭିଯାନ ସମୟରେ ଜଣେ ଯବାନ ସହିଦ ହୋଇଛନ୍ତି। ସୁରକ୍ଷାବାହିନୀ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରାଉ କରି ତଲାସୀ ଅଭିଯାନ ଆରମ୍ଭ କରିଦେଇଛି। ଗତ ୧୩ ଦିନ ମଧ୍ୟରେ ତୃତୀୟ ଥର ଆତଙ୍କବାଦୀ ସହ ସେନାର ସଂଘର୍ଷ ଜାରି ରହିଛି। ଏହା ପୂର୍ବରୁ ଅଗଷ୍ଟ ୧୦ରେ କିସ୍ତୱାଡର ଦୁଲ ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବାର ଖବର ପାଇ ସେନା ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଏହି ସମୟରେ ଆତଙ୍କବାଦୀଙ୍କ ଯବାନଙ୍କ ଉପରେ ଗୁଳି ମାଡ଼ କରିଥିଲେ। ଏବେ ବି ଏଠାରେ ତଲାସୀ ଅଭିଯାନ ଜାରି ରହିଛି।

# ଡାକ୍ତର ଅଭାବ; ହଜାର ହଜାର ପିଜି-ୟୁଜି ସିଟ୍ ଖାଲି

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଦେଶରେ ଡାକ୍ତର ଅଭାବ ସମସ୍ୟା ଜଟିଳ ହେବାରେ ଲାଗିଛି। ଅନେକ ସରକାରୀ ହସ୍ପିଟାଲରେ ଧାର୍ଯ୍ୟ ପଦବୀରେ ଡାକ୍ତର ନାହାନ୍ତି। ଏପରି ସମୟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଦେଶରେ ହଜାର ହଜାର ଡାକ୍ତରୀ ସିଟ୍ ଖାଲି ପଡ଼ିଛି। ଖୋଦ୍ କେନ୍ଦ୍ର ସରକାର ସଂସଦରେ ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦେଶରେ ଡାକ୍ତରୀ ପଢ଼ିବା ପାଇଁ ସୁଯୋଗ ମିଳୁ ନ ଥିବାବେଳେ ପିଲା ବିଦେଶକୁ ଯାଉଛନ୍ତି। ସେଠାରେ ଭାରତଠାରୁ ବହୁତ କମ୍ ଅର୍ଥରେ ପାଠ ପଢୁଛନ୍ତି। ମାତ୍ର ସେମାନେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। କେବେ ଯୁଦ୍ଧ ଲାଗି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତ ଆଉ କେବେ ବର୍ଣ୍ଣବୈଷମ୍ୟବାଦର ଶିକାର ହୋଇ ପ୍ରାଣ ହରାଇଥିବା ମଧ୍ୟ ନଜିର ରହିଛି। ଏପରି ସ୍ଥଳେ ଦେଶରେ ମେଡିକାଲ ସିଟ୍ ଖାଲି ରହିବା ଚିନ୍ତା ବଢ଼ାଉଛି।

## ସରକାରୀ ଅନୁଷ୍ଠାନରେ ସିଟ୍ ନ ମିଳିବାରୁ ପଢିବାକୁ ବିଦେଶ ଯାଉଛନ୍ତି ପିଲା

୨୦୨୨-୨୩ ଶିକ୍ଷା ବର୍ଷରେ ଦେଶରେ ସର୍ବାଧିକ ୪,୧୪୬ ୟୁଜି ସିଟ୍ ଖାଲି ରହିଥିଲା। ସେହିପରି ୨୦୨୧-୨୨ରେ ୨,୦୧୨ କୋଟି, ୨୦୨୩-୨୪ରେ ୨,୯୫୯ ଏବଂ ୨୦୨୪-୨୫ରେ ୨, ୮୪୯ ସିଟ୍ ଖାଲି ଥିଲା। ଟିଡିପି ସାଂସଦ ପୁଟା ମହେଶ କୁମାରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଅନୁପ୍ରିୟା ପଟେଲ ଗତ ୧ ତାରିଖରେ ଏହି ସୂଚନା ଦେଇଥିଲେ। ନ୍ୟାସନାଲ ମେଡିକାଲ କମିସନ ପକ୍ଷରୁ ଦିଆଯାଇଥିବା ତଥ୍ୟ ସେ ସଂସଦରେ ରଖିଥିଲେ। ଏମ୍ସ ଏବଂ ଜେଆଇପିଏମଇଆରକୁ



ଛାଡ଼ି ଅନ୍ୟ ମେଡିକାଲ କଲେଜରେ ସିଟ୍ ଖାଲି ଥିବା କହିଥିଲେ। କେନ୍ଦ୍ର ସରକାର ବିଗତ କିଛି ବର୍ଷ ମଧ୍ୟରେ ଚାହିଦାକୁ ଦେଖି ଦେଶରେ ମେଡିକାଲ ସିଟ୍ ଗୁଡିକ ବୃଦ୍ଧି କରିଥିଲେ। ଅନେକ ବ୍ୟବସ୍ଥାଗତ ତ୍ରୁଟି ଏବଂ ଗଠନମୂଳକ ସମସ୍ୟା ପାଇଁ ଅଣ୍ଡର ଗ୍ରାଜୁଏଟ ମେଡିକାଲ ସିଟ୍‌ଗୁଡିକ ଖାଲି ରହୁଛି। ଏହା ପଛରେ ମୁଖ୍ୟ ସମସ୍ୟା ରହୁଛି ଘରୋଇ ମେଡିକାଲ କଲେଜର ଫି ବ୍ୟବସ୍ଥା। ଦେଶରେ ଘରୋଇ ମେଡିକାଲ କଲେଜରେ ପଢିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏଥିପାଇଁ ଧନୀ ଘରର ପିଲା ଏହି ସବୁ କଲେଜରେ ପଢୁଛନ୍ତି। କିନ୍ତୁ ଗରିବ ଶ୍ରେଣୀର ପିଲା ସରକାରୀ ସିଟ୍ ନ ପାଇଲେ ଅତ୍ୟଧିକ ଖର୍ଚ୍ଚ ପାଇଁ ଘରୋଇ କଲେଜରେ ନ ପଢିବାକୁ ଉଚିତ ମଣୁଛନ୍ତି। ରାଜ୍ୟସ୍ତରର ଜଟିଳ କାଉନସେଲିଂ ବ୍ୟବସ୍ଥା ମଧ୍ୟ ଏଥିପାଇଁ ଦାୟୀ। କିଛି ଛାତ୍ର ମଧ୍ୟ ଠିକ୍ ସମୟରେ ନିଷ୍ପତ୍ତି ନେଇପାରୁ ନାହାନ୍ତି। ଆଉ କିଛି ଶେଷ ମୁହୂର୍ତ୍ତରେ ଆବଣ୍ଟନ ପ୍ରକ୍ରିୟାରୁ ଓହରି ଯାଉଥିବାରୁ ସିଟ୍ ଖାଲି ରହୁଛି।

# ବ୍ରହ୍ମପୁରରେ 'ମନ୍ତ୍ରମୁଗ୍ଧ' ଟିମ୍



ଭୁବନେଶ୍ୱରରେ ପ୍ରଥମ ପର୍ଯ୍ୟାୟ ସୁଟିଂ ଶେଷ ହେବା ପରେ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ଟିମ୍ ଏବେ ବ୍ରହ୍ମପୁର ସହରରେ ଡେରା ପକାଇଛି। ଆସ୍କା, ବ୍ରହ୍ମପୁର, ଗୋପାଳପୁର ଓ ଏହାର ଆଖ ପାଖ ଅଞ୍ଚଳରେ ସୁଟିଂ ଜାରି ରହିଛି। ୟୁନିଟ୍‌ରେ ୧୦୦ରୁ ୧୫୦ ସଦସ୍ୟ ରହିଥିବା ବେଳେ ୪୦ ଜଣ ସ୍ଥାନୀୟ ଲୋକ ସାମିଲ ଅଛନ୍ତି। ଦିନରାତି ସୁଟିଂ ଜାରି ରହିଛି। ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏପରି ଅନେକ ସୁନ୍ଦର ଓ ଆକର୍ଷଣୀୟ ଲୋକେସନ୍ ବାଛିଛନ୍ତି, ଯାହା ଆଗରୁ କେବେ ପରଦାକୁ ଆସି ନାହିଁ। ମୋଟାମୋଟି ଏହାର ୩୦ ଦିନର ସୁଟିଂ ସିଡ୍ୟୁଲ୍ ରହିଛି। 'ପ୍ରତୀକ୍ଷା' ଓ 'କର୍ମ' ପରି ସଫଳ ଚଳଚ୍ଚିତ୍ର ପରେ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କର ଏହା ହେଉଛି ତୃତୀୟ ଚଳଚ୍ଚିତ୍ର। ଅମିୟ ପଟ୍ଟନାୟକ ପ୍ରଡକ୍ସନ୍ ନିବେଦିତ ଏହି ଚଳଚ୍ଚିତ୍ରର ପ୍ରଯୋଜିକା ଅଛନ୍ତି ବର୍ଷା ପଟ୍ଟନାୟକ। ପ୍ରମୁଖ ଭୂମିକାରେ ସନୋଜ କୁମାର, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ସୂର୍ଯ୍ୟମୟୀ ମହାପାତ୍ର, ଭୂମିକା ଦାଶ, ଦୀପନ୍ୱିତ ଦାଶମହାପାତ୍ର, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ସୋମା ହୋତା, ଭକ୍ତି ଦାସ, ପିଣ୍ଟୁ ମହାପାତ୍ର ଓ ମିଷ୍ଟର ରାଉତ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ଏହାର କାହାଣୀ ଲେଖିଛନ୍ତି ଅନୁପମ ଓ ରୋଶନ ବିଶୋଇ। ଏହାକୁ ଚିତ୍ରନାଟ୍ୟରେ ସଜାଇଛନ୍ତି ରୋହିତ ଗେହଲୋଟ ଏବଂ ଅନୁପମ। ପ୍ରଣବ ରଥ ସଂଳାପରେ ଥିବା ବେଳେ ଅତିରିକ୍ତ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ନିଶାନ୍ତ ମଜିଠିଆ। ଆଶିଷ ପ୍ରଧାନ,ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ ୫ ଜଣ ସଙ୍ଗୀତ ନିର୍ଦ୍ଦେଶକଙ୍କୁ ସଙ୍ଗୀତର ଭାର ନ୍ୟସ୍ତ କରାଯାଇଛି। ଅନୁପମଙ୍କ ଏହି ଚଳଚ୍ଚିତ୍ର ସବୁ ବର୍ଗର ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ପ୍ରଯୋଜନା ଟିମ୍ ଆଶା କରିଛି।

# ଦେବୀ -ବିଶାଲଙ୍କୁ ଆଇକନିକ୍ ଫିଲ୍ମ ମେକର ପୁରସ୍କାର



ନିର୍ମଳ ପାଣ୍ଡେ ସ୍ମାରକୀ ଚଳଚ୍ଚିତ୍ର ମହୋତ୍ସବର ଷଷ୍ଠ ସଂସ୍କରଣରେ ନିର୍ଦ୍ଦେଶକ ଯୋଡ଼ି ଦେବୀ ପ୍ରସାଦ ଲେଙ୍କା ଓ ବିଶାଳ ମୌର୍ଯ୍ୟଙ୍କୁ ଆଇକନିକ୍ ଫିଲ୍ମ ମେକର ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରଖ୍ୟାତ ବଲିଉଡ୍ ଅଭିନେତା ଗୋବିନ୍ଦ ନାମଦେବ ଏବଂ ବର୍ଷିଆନ କ୍ୟାମେରାମ୍ୟାନ ସୁରେନ୍ଦ୍ର ସାହୁଙ୍କ ହାତରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। 'ଦମନ' ଚଳଚ୍ଚିତ୍ର ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ୨୦୨୨ରେ ମୁକ୍ତିଲାଭ କରିଥିବା 'ଦମନ' ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଥିଲା। କେବଳ ସେତିକି ନୁହେଁ, 'ଦମନ'କୁ ଶ୍ରେଷ୍ଠ ଓଡ଼ିଆ ସିନେମା ଭାବେ ରାଷ୍ଟ୍ରୀୟ ପୁରସ୍କାର ମଧ୍ୟ ମିଳିଥିଲା। ତେବେ ଏହି ପୁରସ୍କାର ସମ୍ପର୍କରେ ଦେବୀ ଓ ବିଶାଳ କହିଛନ୍ତି ଯେ, "ଏହା ପରବର୍ତ୍ତୀ ପିଢ଼ିର ନିର୍ମାତା ଓ ନିର୍ଦ୍ଦେଶକଙ୍କୁ ଭଲ ସିନେମା ନିର୍ମାଣ ପାଇଁ ପ୍ରୋତ୍ସାହିତ କରିବ।" ୨୦୨୫ରେ ଦେବୀ ଓ ବିଶାଲଙ୍କ ନିର୍ଦ୍ଦେଶନାରେ 'ମୁରବି'ର ସୁଟିଂ ଶେଷ ହୋଇଥିବା ବେଳେ ୨୦୨୬ ମସିହାରେ 'ଲ୍ୟାଣ୍ଡଫଲ' ନିର୍ମିତ ହେବାର ଯୋଜନା ରହିଛି।

## ସାକ୍ଷାତକାର

# 'ପ୍ରଥମ ଶୋ' କ୍ୟାରିଅର୍ ଗଢ଼ିବାକୁ ସୁଯୋଗ ଦେଇଛି

**ନେହା ନାଗେଶ୍ୱରୀ ମହାନ୍ତି, ଅଭିନେତ୍ରୀ**

ପିଲାଦିନେ ସେ ଓଡ଼ିଶୀ, ହିପ୍‌ପପ୍, କଣ୍ଟେମ୍ପୋରାରି ଆଦି ନୃତ୍ୟ ଶିଖୁଥିଲେ। ସେ ଜଣେ ଦକ୍ଷ ନୃତ୍ୟଶିଳ୍ପୀ। ନୃତ୍ୟ କରୁ କରୁ ତାଙ୍କର ଅଭିନୟ ପ୍ରତି ଆଗ୍ରହ ବଢ଼ିଥିଲା। ଏଥିପାଇଁ ୨୦୨୧ ମସିହାରେ ସେ 'ରଜ ସୁନ୍ଦରୀ'ରେ ଭାଗ ନେଇଥିଲେ। ଉକ୍ତ ପ୍ଲାଟଫର୍ମରେ ନିଜର ଦକ୍ଷତା ପ୍ରତିପାଦନ କରି ବିଜେତା ହୋଇଥିଲେ। ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ରଙ୍ଗିନ ପରଦାକୁ। 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଚିକି ଭୂମିକାରେ ହୃଦୟସ୍ପର୍ଶୀ ଅଭିନୟ କରି ସେ ଘରେ ଘରେ ପରିଚିତ। ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ବସ୍ତାର ନେହା ନାଗେଶ୍ୱରୀ ମହାନ୍ତି। ତେବେ କମ୍ ସମୟ ଭିତରେ ତାଙ୍କ ଅଭିନୟ ଯାତ୍ରା କିପରି ଥିଲା ଜାଣିବା ତାଙ୍କ ମୁହଁରୁ।



**ପାଠପଢ଼ା ଆଉ ଅଭିନୟ ଭିତରେ କିପରି ସମନ୍ୱୟ ରଖନ୍ତି?**

କିଛି ପାଇବାକୁ ହେଲେ କିଛି ହରାଇବାକୁ ପଡ଼େ। ସୁଟିଂ ସେଟ୍‌ରେ ବ୍ୟସ୍ତ ରହୁଥିବାରୁ ଶୋଇବା କମ୍ ହେଉଛି। ତଥାପି ପଢ଼ାରେ କେବେ ମୁଁ ଅବହେଳା କରେନି। ପରୀକ୍ଷା ଦେବାକୁ ଯାଏ। ଧୀରେ ଧୀରେ ସବୁରେ ଅଭ୍ୟସ୍ତ ହୋଇଗଲିଣି।

**ଆପଣଙ୍କ ଅଭିନୟ ଯାତ୍ରା କିପରି ଥିଲା?**

- ଘରେ ସମସ୍ତେ ଚାହୁଁଥିଲେ ମୁଁ ଅଭିନେତ୍ରୀ ହୁଏ ବୋଲି। ମୁଁ ପିଲାଦିନରୁ ଓଡ଼ିଶୀ ନୃତ୍ୟ ସହିତ ୱେଷ୍ଟର୍ଣ୍ଣ ଡ୍ୟାନ୍ସ ଶିଖୁଥିଲି। ସାଧାରଣତଃ ଯେଉଁମାନେ ନୃତ୍ୟ କରନ୍ତି, ସେମାନଙ୍କୁ ଅଭିନୟ ଶିଖାଇଲେ ସେ ସହଜରେ ଶିଖି ଯାଆନ୍ତି। ଯେହେତୁ ମୋ ବଡ଼ ଭଉଣୀ ବି ଏହି ଲାଇନ୍‌ରେ ଥିଲେ, ତେଣୁ ତାଙ୍କୁ ଦେଖି ମୁଁ ବି କଳାକାରଟିଏ ହେବାକୁ ଚାହିଁଥିଲି। ୨୦୨୧ ମସିହାରେ ସିଦ୍ଧାର୍ଥ ଟିଭିର ରିଆଲିଟି ଶୋ' ରଜ ସୁନ୍ଦରୀ'ରେ ବିଜେତା ହୋଇଥିଲି। ପଢ଼ା ପାଇଁ ଦୁଇବର୍ଷ ବ୍ୟସ୍ତ ରହିଥିଲି। ବର୍ତ୍ତମାନ ମୁଁ ଯୁକ୍ତ ତିନିରେ ପଢୁଛି। ୨୦୨୩ ମସିହାରେ ମୋତେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଅଭିନୟ କରିବାକୁ ସୁଯୋଗ ମିଳିଥିଲା। ଏହି ପ୍ରଥମ ପ୍ରୋଜେକ୍ଟରେ ଓଡ଼ିଶାବାସୀଙ୍କ ଢେର ସାରା ଭଲପାଇବା ମୋତେ ଆଗକୁ ଆଗକୁ ନେଉଛି।

**'ଚିକି' ଚରିତ୍ରରେ ଅଭିନୟ କରିବା କେତେ କଷ୍ଟକର ଥିଲା?**

- ଚିକି ହେଉଛି ବହୁତ ଚୁଲ୍‌ବୁଲି ଝିଅ। ସବୁବେଳେ ସେ ଚବର ଚବର ହେଉଥିବ। ଜଣେ ପଦେ କହିଲେ ସେ ଦଶ ପଦେ କହିବ। ହେଲେ ମୁଁ ଏମିତି ନୁହେଁ। ମୁଁ ବହୁତ ଚୁପ୍‌ଚାପ୍ ଥିଲି। ଏହି ଚରିତ୍ରରେ ଅଭିନୟ କରିବାକୁ ମୁଁ ବହୁତ ଚୁଲବୁଲି ଚରିତ୍ରକୁ ଅନୁକରଣ କରିଛି। ଦର୍ପଣ ସାମ୍ନାରେ ବି ଅଭିନୟ ଅଭ୍ୟାସ କରିଛି। ଯେତେବେଳେ ଚିକି ଚରିତ୍ରରେ ପଶିଗଲି ଏହା ପରେ ନେହା ପୂରା ଚିକି ହୋଇଗଲା। ଚିକି ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି। ଏହି ନାଁ ମୋ ଜୀବନକୁ ପୂରା ପରିବର୍ତ୍ତନ କରିଦେଇଛି। ଯେଉଁଠିକୁ ବି ଗଲେ, ସମସ୍ତେ ମୋତେ ଚିହ୍ନି ଯାଉଛନ୍ତି। ଏବେ ଷ୍ଟେଜ୍‌ରେ ବି ସ୍କ୍ରିପ୍ଟ ଦେଲେ, ମୁଁ ଥରେ ପଢ଼ି ମନେ ରଖିଦେଉଛି।

**ପ୍ରଥମ ଧାରାବାହିକରୁ ସଫଳତାର ରାଜ୍ କ'ଣ?**

- ତରଙ୍ଗ ଚ୍ୟାନେଲକୁ ଧନ୍ୟବାଦ ଦେବି ମୋତେ ଏମିତି ଗୋଟେ ଚରିତ୍ର ଦେଇଛନ୍ତି। ଏହାସହିତ ମୋ ନିର୍ଦ୍ଦେଶକ ଓ ସହ କଳାକାର ସମସ୍ତେ ଭଲ ଅଭିନୟ କରିବା କି କାମ ଶିଖିବାରେ ମୋତେ ବହୁତ ସହଯୋଗ କରିଛନ୍ତି। ମୁଁ ଏବେ ବି ବହୁତ ଆଗ୍ରହର ସହିତ କାମ ଶିଖେ। ମୋର ଗୋଟେ ସିନ୍ ଆସିଲେ, ସ୍କ୍ରିପ୍ଟକୁ ଆଗୁଆ ପଢ଼ି କେମିତି କ'ଣ କରିବି ଚିନ୍ତା କରିଥାଏ। କେବଳ ସେତିକି ନୁହେଁ, ଗୋଟେ ଟେକ୍‌ରେ କେମିତି ମୁଁ ସିନ୍ କରିବି ସେ ନେଇ ନିର୍ଦ୍ଦେଶକ ସାର୍‌ଙ୍କୁ ସହଯୋଗ କରିବାକୁ କୁହେ। ସେ ମଧ୍ୟ ସହଯୋଗ କରିଥାନ୍ତି। କେବଳ ମୁଁ ନୁହେଁ, ପୂରା ଟିମ୍ ଏହି ଧାରାବାହିକକୁ ସଫଳତା ପଥରେ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ଧାରାବାହିକ ଆରମ୍ଭ ହେବା ଅଢ଼େଇ ବର୍ଷ ହୋଇଗଲାଣି। ଟିଆର୍‌ପି ସେମିତି ରହିଛି।

**'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଆଗକୁ କ'ଣ ଟ୍ୱିଷ୍ଟ ରହିଛି?**

- ଏହି ଧାରାବାହିକ ସମ୍ପୂର୍ଣ୍ଣ ସସ୍‌ପେନ୍ସ। କେତେବେଳେ କ'ଣ ଘଟୁଛି, କାହା ସହ କ'ଣ ହେବ, ତାହା କେହି ଜାଣିପାରୁ ନାହାଁନ୍ତି। ଜୀବନ ଗୋଟିଏ ବୃତ୍ତ। ଡ୍ରାମା, ଇମୋସନ୍, କମେଡି, ଖୁସି ସବୁ କିଛି ସହିତ ଜଣେ ପୁଣି ତା'ର ସ୍ଥାନରେ କିପରି ପହଞ୍ଚିଯାଉଛି ତାହା ଦେଖିବାକୁ ମିଳିଛି।

**ଆଗାମୀ ଯୋଜନା ?**

- ମୁଁ ବର୍ତ୍ତମାନରେ ବଞ୍ଚେ। ଭବିଷ୍ୟତ କଥା ବହୁତ କମ୍ ଭାବେ। ତେବେ ମୋତେ ଏବେ ଯେଉଁ କାମ ମିଳିଛି ତାହାକୁ କେମିତି ଭଲ କରିବି ତାହା ବିଷୟରେ ମୁଁ ଚିନ୍ତା କରୁଛି। କିନ୍ତୁ ହଁ, ଧାରାବାହିକ ସରିବା ପରେ ପୁଣି ଧାରାବାହିକ କିମ୍ବା ସିନେମାରେ ସୁଯୋଗ ମିଳିଲେ କାମ ଆରମ୍ଭ କରିବି।

# ଅର୍ଦ୍ଧେନ୍ଦୁଙ୍କୁ ଲିପି ବାନ୍ଧିଲେ ରାକ୍ଷୀ

ଓଡ଼ିଆ ସିନେମା ଇତିହାସରେ ଭାଇ ଭଉଣୀଙ୍କ ଅନାବିଳ ସ୍ନେହ ମମତାକୁ ନେଇ ପ୍ରସ୍ତୁତ ଫିଲ୍ମ ଓ ଗୀତ ଉଭୟ ସୁପରହିଟ୍ ହୋଇଥିବା ଅନେକ ଦୃଷ୍ଟାନ୍ତ ରହିଛି। ଦର୍ଶକ ଏଥିପ୍ରତି ଆକର୍ଷିତ ମଧ୍ୟ ହେଉଛନ୍ତି । ଏହି କ୍ରମରେ ଆଗାମୀ ନୂଆ ବଡ଼ ବଜେଟ୍‌ର ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ରେ ସ୍ଥାନିତ ହୋଇଛି ଭାଇ ଭଉଣୀଙ୍କ ଅନାବିଳ ସ୍ନେହ ସମ୍ପର୍କକୁ ନେଇ ରାକ୍ଷୀ ଗୀତ। ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଏବଂ ନାୟିକା ଲିପି ମହାପାତ୍ର ପ୍ରଥମଥର ପାଇଁ ଏଥିରେ ଭାଇ-ଭଉଣୀ ଭୂମିକାରେ ନଜର ଆସୁଛନ୍ତି । ଏହାର ପୋଷ୍ଟର ରାକ୍ଷୀ ପୂର୍ଣ୍ଣିମା ଦିନ ସୋସିଆଲ୍ ମିଡିଆରେ ମୁକ୍ତିଲାଭ କରିଛି। ଆଗାମୀ ଦିନରେ ଅନ୍ୟ ଚଳଚ୍ଚିତ୍ର ଭଳି ଏହି ଚଳଚ୍ଚିତ୍ରର ରାକ୍ଷୀ ଗୀତ ବି ଦର୍ଶକାଦୃତ ହେବ ବୋଲି ଆଶା କରାଯାଉଛି। ଏହାର 'ରାକ୍ଷୀର ଗୀତ ସୂତା ଖିଅର ଡୋର' ଗୀତକୁ ରଚନା କରିଛନ୍ତି ସ୍ମିତ ପଟ୍ଟନାୟକ ଓ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ସାଇକିରଣ ମଙ୍ଗରାଜ ଓ ଚିତ୍ରୋତ୍ତଳନ ଦାୟିତ୍ୱରେ ଅଛନ୍ତି ପ୍ରତାପ ପ୍ରଧାନ। ସିନେମାଟି ଆସନ୍ତା ଦୁର୍ଗାପୂଜାରେ ମୁକ୍ତିଲାଭ କରିବ।




# 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍' ଆରମ୍ଭ

ଜି ସାର୍ଥକରେ ଅଗଷ୍ଟ ୯ ତାରିଖରୁ ଆରମ୍ଭ ହୋଇଛି ନୂଆ ରିଆଲିଟି ଶୋ' 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍'ର ଖୋଜ୍। ଏହି ଶୋ' ପ୍ରତିଭା ଖୋଜିବାର ଅନନ୍ୟ ପ୍ରୟାସ। ଏହି ରିଆଲିଟି ଶୋ'ରେ ଆଶାୟୀ ଯୁବ ଅଭିନେତା ଓ ଅଭିନେତ୍ରୀମାନେ ସେମାନଙ୍କର ବହୁମୁଖୀ ଅଭିନୟ ପ୍ରତିଭା ଦେଖାଇଥାନ୍ତି। ଏଥର ଏହି ଶୋ'ରେ ନାଟକୀୟ ଦୃଶ୍ୟଠାରୁ ଆରମ୍ଭ କରି କମେଡି ଡ୍ରାମା ସହ ଆକ୍ସନ ସିକ୍ୱେନ୍ସ ପର୍ଯ୍ୟନ୍ତ ନିଜର ସବୁ ପ୍ରକାର ପ୍ରତିଭା ଦ୍ୱାରା ଏହି ମଞ୍ଚକୁ ଜୀବନ୍ତ କରିବ। ପ୍ରତିଯୋଗୀମାନେ ବିଭିନ୍ନ ପର୍ଯ୍ୟାୟରେ ନିଜର କଳା ପ୍ରଦର୍ଶନ କରିବା ସହ ଶେଷ ପର୍ଯ୍ୟାୟରେ ଅର୍ଥାତ୍ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ଭାବେ ବିଜୟୀ ମୁକୁଟ ପିନ୍ଧିବେ। ଏହାସହ ସେମାନଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ। ଏହି ରିୟାଲିଟି ଶୋ ରେ ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ନଜର ଆସିଛନ୍ତି। ଆଙ୍କର ଭାବରେ ନଜର ଆସିଛନ୍ତି ଟିଭି ଇଣ୍ଡଷ୍ଟ୍ରିର ଅନନ୍ୟା ଏବଂ ରଞ୍ଜନ। ଏହି ଶୋ' ଶନିବାର ଓ ରବିବାର ରାତି ୯ ଟା୩୦ରେ ପ୍ରସାରିତ ହେଉଛି।



# ସୁଟିଂ ସେଟ୍‌ରେ ଡୁପ୍ଲିକେଟ୍ ଶାହରୁଖ

**ପରଦା ପଛର କାହାଣୀ**

ବଲିଉଡ୍ ବାଦଶାହା ଶାହରୁଖ ଖାନ୍ ଅନେକ ସୁପରହିଟ୍ ଫିଲ୍ମ ଦେଇଛନ୍ତି। ୧୯ ୯୨ ମସିହାରେ 'ଦିୱାନା' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ପାଦ ଥାପିଥିବା ଏହି ଅଭିନେତା ଆଉ ପଛକୁ ଫେରି ଚାହିଁ ନାହାନ୍ତି। ସେ ହିନ୍ଦୀ ସିନେମା ଜଗତକୁ ଗୋଟିଏ ପରେ ଗୋଟିଏ ସୁପରହିଟ୍ ଫିଲ୍ମ ଦେଇ ଚାଲିଛନ୍ତି। ସେଥିମଧ୍ୟରୁ ଗୋଟିଏ ହେଉଛି 'ପରଦେଶ'। ୧୯ ୯୭ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଥିଲା। ଏହି ସୁପରହିଟ୍ ଫିଲ୍ମର ଗୋଟିଏ ଗୀତକୁ ନେଇ ଏକ ରୋଚକୀୟ କାହାଣୀ ରହିଛି। ଏହି ଫିଲ୍ମରେ ଥିବା ଏକ ଗୀତ ଶାହରୁଖଙ୍କ ବଦଳରେ ଡୁପ୍ଲିକେଟ୍ ଶାହରୁଖଙ୍କ ଦ୍ୱାରା ସୁଟ୍ କରାଯାଇଥିଲା। ଯିଏ ଦେଖିବାକୁ ଅବିକଳ ଶାହରୁଖଙ୍କ ପରି। ଏହି ଫିଲ୍ମକୁ ଦର୍ଶକେ ଖୁବ୍ ଭଲପାଇବା ଦେଇଥିଲେ। ଶାହରୁଖ ଖାନ୍ ଓ ମହିମା ଚୌଧୁରୀ ଏହି ଫିଲ୍ମ ସୁଟିଂ କରୁଥିବା ସମୟରେ ଶାହରୁଖଙ୍କ ପତ୍ନୀ ଗୌରୀ ଗର୍ଭବତୀ ଥିଲେ। ସୁବାଷ ଘାଇଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସେ ସମୟରେ ସମ୍ପୂର୍ଣ୍ଣ ସୁଟିଂ ହୋଇଯାଇଥିଲା। ତେବେ ଗୋଟିଏ ଗୀତର କିଛି ଅଂଶ ସୁଟିଂ ପାଇଁ ବାକି ରହି ଯାଇଥିଲା। ସୋନୁ ନିଗମ ମଧ୍ୟ ଫିଲ୍ମର ଗୀତ 'ୟେ ଦିଲ୍ ଦିୱାନା...'ର ରେକର୍ଡିଂ ଶେଷ କରି ଦେଇଥିଲେ। ସେହିପରି ଶାହରୁଖ୍ ମଧ୍ୟ ଦେଢ଼ ଦିନ ଧରି ଏହି ଗୀତ ସୁଟିଂ କରିଦେଇଥିଲେ। କିନ୍ତୁ ଏହାରି ମଧ୍ୟରେ ଗୌରୀଙ୍କ ଅବସ୍ଥା ଗୁରୁତର ହେବାରୁ ଶାହରୁଖଙ୍କୁ ସୁଟିଂ ଅଧାରେ ଛାଡ଼ି ଦିଲ୍ଲୀ ଆସିବାକୁ ପଡ଼ିଥିଲା। ଫଳରେ ସେତେବେଳେ ତାଙ୍କ ଅନୁପସ୍ଥିତିରେ ସୁବାଷ ଘାଇ ଶାହାରୁଖ୍‌ଙ୍କ ଡୁପ୍ଲିକେଟ୍‌ଙ୍କୁ ନେଇ ଗୀତର ବାକି ଥିବା ଅଂଶ ସୁଟିଂ କରିଥିଲେ।



# ପୋଲ୍ ଭଲ୍ଟରେ ଡୁପ୍ଲାଣ୍ଟିସଙ୍କ ୧୩ତମ ବିଶ୍ୱରେକର୍ଡ




ବୁଦାପେଷ୍ଟ, ୧୩।୮ (ଏଜେନ୍ସି): ସ୍ୱିଡେନର ପୋଲ୍ ଭଲ୍ଟ ଖେଳାଳି ଆର୍ମଣ୍ଡ ଡୁପ୍ଲାଣ୍ଟିସ ପୁଣିଥରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। କ୍ୟାରିୟରରେ ୧୩ଥର ଲାଗି ସେ ପୁରୁଷ ପୋଲ୍ ଭଲ୍ଟରେ ବିଶ୍ୱରେକର୍ଡ ସ୍ଥାପନ କରି ସ୍ମରଣୀୟ ସଫଳତା ପାଇଛନ୍ତି। ବୁଦାପେଷ୍ଟରେ ଅନୁଷ୍ଠିତ ଗ୍ୟୁଲାଇ ଇସ୍ତଭାନ ମେମୋରିଆଲ ପ୍ରତିଯୋଗିତାରେ ଡୁପ୍ଲାଣ୍ଟିସ ୬.୨୯ ମିଟର ଉଚ୍ଚକୁ ଡେଇଁଥିଲେ। ଏହିକ୍ରମରେ ସେ ନିଜ ନାମରେ ଥିବା ପୂର୍ବ ରେକର୍ଡକୁ ଭଙ୍ଗ କରିଥିଲେ। ଗତ ଜୁନରେ ଅନୁଷ୍ଠିତ ଷ୍ଟକହୋଲମ ଡାଇମଣ୍ଡ ଲିଗ୍‌ରେ ଡୁପ୍ଲାଣ୍ଟିସ ୬.୨୮ ମିଟର ଡେଇଁ ୧୨ଥର ଲାଗି ବିଶ୍ୱରେକର୍ଡ କରିଥିଲେ। ଏବେ

## ଅଲ୍ଟିମେଟ୍ ଚାମ୍ପିଅନସିପ୍ ଲାଗି 'ଷ୍ଟାର୍ ଆଥଲେଟ୍'

ସେ ଏହି ବିଶ୍ୱରେକର୍ଡକୁ ୧୩କୁ ବୃଦ୍ଧି କରାଇଛନ୍ତି। ଚଳିତ ବର୍ଷ ଡୁପ୍ଲାଣ୍ଟିସ ୩ୟଥର ଲାଗି ବିଶ୍ୱରେକର୍ଡ କରିଛନ୍ତି। ଫେବୃଆରୀରେ ସେ ୬.୨୭ ମିଟର ଉଚ୍ଚକୁ ଲମ୍ଫ ମାରିଥିଲେ।

୨୫ ବର୍ଷୀୟ ଡୁପ୍ଲାଣ୍ଟିସ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ୬.୨୫ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହା ପରଠାରୁ ଇତିମଧ୍ୟରେ ସେ ୪ଥର ପୋଲ୍ ଭଲ୍ଟରେ ବିଶ୍ୱରେକର୍ଡ ଭଙ୍ଗ କରିଛନ୍ତି। ଅପରପକ୍ଷରେ ଆସନ୍ତାବର୍ଷଠାରୁ ଆରମ୍ଭ ହେବାକୁ ଥିବା ଦୌଡ଼କୁଦ ପ୍ରତିଯୋଗିତା 'ୱାର୍ଲ୍ଡ ଆଥଲେଟିକ୍ସ ଅଲ୍ଟିମେଟ୍ ଚାମ୍ପିଅନସିପ୍' ଲାଗି ଡୁପ୍ଲାଣ୍ଟିସଙ୍କୁ 'ଷ୍ଟାର୍ ଆଥ୍‌ଲେଟ୍' ମାନ୍ୟତା ଦିଆଯାଇଛି। ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ଏହି ନୂତନ ବିଶ୍ୱସ୍ତରୀୟ ଇଭେଣ୍ଟ ଆରମ୍ଭ ହେବାକୁ ଯାଉଛି। ପ୍ରତି ୨ ବର୍ଷ ବ୍ୟବଧାନରେ ଏହା ଆୟୋଜିତ ହେବ। ବୁଦାପେଷ୍ଟରେ ହେବାକୁ ଥିବା ଏହାର ଉଦ୍‌ଘାଟନୀ ସଂସ୍କରଣ ଲାଗି ଡୁପ୍ଲାଣ୍ଟିସ ବ୍ରାଣ୍ଡ ଆମ୍ବାସଡର ଭୂମିକାରେ ଅବତୀର୍ଣ୍ଣ ହେବେ। ଏଥିରେ ମୋଟ୍ ପୁରସ୍କାର ରାଶି ୧୦ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୮୭ କୋଟି ୪୭ ଲକ୍ଷ ଟଙ୍କା) ରଖାଯାଇଛି। ବିଶ୍ୱ ଦୌଡ଼କୁଦର ସର୍ବୋଚ୍ଚ ସଂସ୍ଥା ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି।

### ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍

## ବାବରଙ୍କୁ ହଟାଇ ୨ୟକୁ ଉଠିଲେ ରୋହିତ୍

ଦୁବାଇ, ୧୩।୮ (ଏଜେନ୍ସି): ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ ର୍‌ୟାଙ୍କିଙ୍ଗରେ ରୋହିତ୍ ଶର୍ମା ୨ୟ ସ୍ଥାନକୁ ଉଠିଛନ୍ତି। ପାକିସ୍ତାନର ବାବର ଆଜମଙ୍କୁ ହଟାଇ ରୋହିତ ୩ୟରୁ ୨ୟ ସ୍ଥାନକୁ ଲମ୍ଫ ମାରିଛନ୍ତି। ରୋହିତଙ୍କ ରେଟିଂ ପଏଣ୍ଟ ୭୫୬ ରହିଛି। ତେବେ ବାବର ୭୫୧ ପଏଣ୍ଟ ସହ ୩ୟ ସ୍ଥାନକୁ ଖସିଯାଇଛନ୍ତି। ଭାରତୀୟ ଟେଷ୍ଟ ଦଳର ଯୁବ ଅଧିନାୟକ ଶୁବମନ ଗିଲ୍ ୭୮୪ ପଏଣ୍ଟ ସହ ଶୀର୍ଷରେ ସ୍ଥିର ରହିଛନ୍ତି। ବିରାଟ କୋହଲିଙ୍କ ମାନ୍ୟତାରେ ମଧ୍ୟ କୌଣସି ପରିବର୍ତ୍ତନ ହୋଇନାହିଁ। ୭୩୬ ପଏଣ୍ଟ ସହ ସେ ପୂର୍ବଭଳି ୪ର୍ଥ ସ୍ଥାନରେ ରହିଛନ୍ତି। ଟପ୍-୧୦ରେ ଅନ୍ୟତମ ଭାରତୀୟ ଭାବେ ଶ୍ରେୟାସ ଆୟର ୮ମ ସ୍ଥାନ ଲାଭ କରିଛନ୍ତି। ବୋଲିଂ ତାଲିକାରେ ଦୁଇ ୱେଷ୍ଟଇଣ୍ଡିଜ କ୍ରିକେଟର୍ ଗୁଡାକେଶ ମୋତି ଓ ଜେଡାନ ସେଲ୍ସଙ୍କ ମାନ୍ୟତାରେ ବଡ଼ ଉନ୍ନତି ପରିଲକ୍ଷିତ ହୋଇଛି। ମୋତି ୧୭ରୁ ୧୨ତମ ସ୍ଥାନକୁ ଉଠିଛନ୍ତି। ସେହିଭଳି ପାକିସ୍ତାନ ବିପକ୍ଷ ସିରିଜର ଶେଷ ମ୍ୟାଚରେ ୬ ୱିକେଟ୍ ନେଇଥିବା ଜେଡାନ ଏକାଥରକେ ୨୪ଟି ପାହାଚ ଲମ୍ଫ ପ୍ରଦାନ କରି ୩୩ତମ ସ୍ଥାନ ହାସଲ କରିଛନ୍ତି।

### ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିଅନସିପ୍

## ଷ୍ଟୋଏଭା ଭଗିନୀଙ୍କୁ ଭେଟିବେ ପଣ୍ଡା ଭଗିନୀ

ପ୍ୟାରିସ, ୧୩।୮ (ଏଜେନ୍ସି): ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିଅନସିପ୍‌ର ଆଗାମୀ ୨୯ତମ ସଂସ୍କରଣ ଅଗଷ୍ଟ ୨୫ରୁ ପ୍ୟାରିସରେ ଆରମ୍ଭ ହେବ। ବିଶ୍ୱ ବ୍ୟାଡ୍‌ମିଣ୍ଟନର ଏହି ସର୍ବଶ୍ରେଷ୍ଠ ପ୍ରତିଯୋଗିତା ଲାଗି ବୁଧବାର ଡ୍ର' ତଥା କେଉଁ ଖେଳାଳି କାହା ସହିତ ଓପନିଂ ରାଉଣ୍ଡରେ ଖେଳିବେ ତାହା ଘୋଷଣା କରାଯାଇଛି। ଓଡ଼ିଶାର ଦୁଇ ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ପଣ୍ଡା ଭଗିନୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଏହି ମେଗା ଇଭେଣ୍ଟରେ ମହିଳା ଡବଲ୍ସରେ ଅଂଶଗ୍ରହଣ କରିବେ। ଶ୍ୱେତପର୍ଣ୍ଣା-ଋତୁପର୍ଣ୍ଣା ଯୋଡ଼ି ବର୍ତ୍ତମାନ ବିଶ୍ୱ ମହିଳା ଡବଲ୍ସ ତାଲିକାର ୩୮ତମ ସ୍ଥାନରେ ରହିଛନ୍ତି। କୌତୁହଳର କଥା




ହେଉଛି ପଣ୍ଡା ଭଉଣୀ ଯୋଡ଼ି ପ୍ରଥମ ରାଉଣ୍ଡରେ ବୁଲଗେରିଆର ଦୁଇ ଭଉଣୀ ଗାବ୍ରିଏଲ ଷ୍ଟୋଏଭା ଓ ଷ୍ଟିଫାନି ଷ୍ଟୋଏଭା ଯୋଡ଼ିଙ୍କୁ ଭେଟିବେ। ଷ୍ଟୋଏଭା ଭଉଣୀ ଯୋଡ଼ି ବିଶ୍ୱ ମାନ୍ୟତାର ୧୭ତମ ସ୍ଥାନରେ ରହିଥିବାବେଳେ ସେମାନେ ୪ଥର ୟୁରୋପିଆନ ଚାମ୍ପିଅନ ଓ ଦୁଇଥର ୟୁରୋପିଆନ ଗେମ୍ସରେ ଚାମ୍ପିଅନ ହୋଇଛନ୍ତି। ତେଣୁ ଶ୍ୱେତପର୍ଣ୍ଣା ଓ ଋତୁପର୍ଣ୍ଣାଙ୍କ ଲାଗି ପ୍ରଥମ ରାଉଣ୍ଡ କଷ୍ଟସାଧ୍ୟ ମୁକାବିଲା ହେବ ବୋଲି ଆକଳନ କରାଯାଉଛି।

ଭାରତର ଅନ୍ୟ ଖେଳାଳିଙ୍କ ମଧ୍ୟରେ ଲକ୍ଷ୍ୟ ସେନ, ଏଚଏସ୍ ପ୍ରଣୟ, ମହିଳାରେ ପିଭି ସିନ୍ଧୁ, ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ିଙ୍କୁ ମଧ୍ୟ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ଦେଖିବାକୁ ମିଳିବ। ସିନ୍ଧୁ ମଧ୍ୟ ଏକ କଷ୍ଟସାଧ୍ୟ ଡ୍ର'ରେ ରହିଛନ୍ତି। ପ୍ରଥମ ରାଉଣ୍ଡରେ ସେ ୨ୟ ସିଡ୍ ତଥା ଦୁଇଥରର ଏସୀୟ ଚାମ୍ପିଅନ ଚାଇନାର ୱାଙ୍ଗ୍ ଝି ୟିଙ୍କୁ ଭେଟିବେ। ୨୦୧୯ରେ ସିନ୍ଧୁ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲେ। ଶେଷଥର ଲାଗି ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ୨୦୧୦ରେ ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା। ଭାରତ ଏହି ସଂସ୍କରଣରେ ପଦକଶୂନ୍ୟ ତଥା ଖାଲି ହାତରେ ସ୍ୱଦେଶ ଫେରିଥିଲା।

### ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଆୟୋଜନ ଆଶା ବଢ଼ିଲା

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲ୍ୟୁଜି) ପାଇଁ ବିଡ୍ ଦାଖଲ କରିବା ଲାଗି ଭାରତକୁ ଆନୁଷ୍ଠାନିକ ଭାବେ ଅନୁମୋଦନ ମିଳିଛି। ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ରାଜ୍ୟଗୋଷ୍ଠୀ

### ଭୁବନେଶ୍ୱରରେ ଭଲ ସୁବିଧା ରହିଛି: ପିଟି ଉଷା

କ୍ରୀଡ଼ା ଆୟୋଜନ ପାଇଁ ଅନୁମୋଦନ ଦେଇଛି। ବୁଧବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଓଏର ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ)ରେ ଏହି ନିଷ୍ପତ୍ତି ନିଆଯାଇଛି।


ଏହି ମେଗା ଇଭେଣ୍ଟ ଆୟୋଜିତ ହେଲେ ସରକାର ସମ୍ପୂର୍ଣ୍ଣ ପାଣ୍ଠି ବହନ




କରିବେ। ସିଡବ୍ଲ୍ୟୁଜି ଆୟୋଜନ ଦୌଡ଼ରେ ଅହମ୍ମଦାବାଦ ସର୍ବାଗ୍ରେ ରହିଛି। ନିକଟରେ ସିଡବ୍ଲ୍ୟୁଜିର ନିର୍ଦ୍ଦେଶକ ଡାରେନ ହଲ୍‌ଙ୍କ ନେତୃତ୍ୱରେ କିଛି ବରିଷ୍ଠ କର୍ମକର୍ତ୍ତା ଅହମ୍ମଦାବାଦରେ ଭିତ୍ତିଭୂମି ବୁଲି ଦେଖିଯାଇଛନ୍ତି। ତେବେ ଆଇଓଏ ସଭାପତି ତଥା ପୂର୍ବତନ ମହାନ ଧାବିକା ପିଟି ଉଷା କହିଛନ୍ତି, 'ମୁଁ ଖୁସି ଯେ ଆମେ ସମସ୍ତେ ଏକାଠି ରହିଛନ୍ତି। ଏହା ଏକ ସର୍ବସମ୍ମତି ନିଷ୍ପତ୍ତି ଥିଲା ଏବଂ ଆମର ପ୍ରସ୍ତୁତି ଆଗକୁ ବଢ଼ିବ। ଆମେ କେବଳ କହିପାରିବା ନାହିଁ ଯେ ଅହମ୍ମଦାବାଦ ଆୟୋଜକ ସହର ବୋଲି। ଭୁବନେଶ୍ୱର ଓ ଦିଲ୍ଲୀରେ ମଧ୍ୟ ଭଲ ସୁବିଧା ରହିଛି।' ଆଇଓଏର ଏସ୍‌ଜିଏମ୍ ପରେ ପିଟି ଉଷାଙ୍କ ଏହି ବିବୃତି କଳିଙ୍ଗ ଷ୍ଟାଡିୟମରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଆଶା ସଞ୍ଚାର କରିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ବିଡ୍ ଦାଖଲର ଶେଷ ତାରିଖ ଅଗଷ୍ଟ ୩୧ ରହିଛି। ଭାରତ ବ୍ୟତୀତ ନାଇଜେରିଆ, କାନାଡା ଓ ଆଉ ୨ଟି ରାଷ୍ଟ୍ର ଏହି ମେଗା ଇଭେଣ୍ଟ ଆୟୋଜନ ଦୌଡ଼ରେ ରହିଛନ୍ତି। କିନ୍ତୁ ନିକଟରେ କାନାଡା ଆୟୋଜନ ଦୌଡ଼ରୁ ଓହରିଯାଇଥିଲା। ଏଠାରେ ସ୍ମରଣଯୋଗ୍ୟ, ୧୫ ବର୍ଷ ତଳେ ୨୦୧୦ରେ ଦିଲ୍ଲୀରେ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ରେସ୍‌ଲର୍ ସୁଶୀଲଙ୍କ ଜାମିନକୁ ବାତିଲ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩।୮ (ସମିସ): ଜୁନିଅର ରେସଲର ସାଗର ଧନକର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଦୁଇଥରର ଅଲିମ୍ପିକ ପଦକ ବିଜେତା ସୁଶୀଲ କୁମାରଙ୍କୁ ସୁପ୍ରିମ କୋର୍ଟରୁ ଜୋରଦାର ଝଟକା ଲାଗିଛି। ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ ବୁଧବାର ସୁଶୀଲଙ୍କ ଜାମିନକୁ ବାତିଲ କରିଦିଆଯାଇଛି। ଏଥିସହ ତାଙ୍କୁ ଏକ ସପ୍ତାହ ମଧ୍ୟରେ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଷ୍ଟିସ ସଞ୍ଜୟ କାରୋଲ ଓ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।



ଗତ ମାର୍ଚ୍ଚ ମାସରେ ଦିଲ୍ଲୀ ହାଇକୋର୍ଟ ସୁଶୀଲଙ୍କୁ ନିୟମିତ ଜାମିନ ପ୍ରଦାନ କରିଥିଲେ। ତେବେ ବୁଧବାର ଜଷ୍ଟିସ କାରୋଲ ଏହି ରାୟର ମୁଖ୍ୟ ଅଂଶ ପଢ଼ିବା ସମୟରେ ମୃତ ସାଗରଙ୍କ ପିତା ଅଶୋକ ଧନକରଙ୍କ ପକ୍ଷରୁ ଦାୟର ଆବେଦନକୁ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ସମ୍ପତ୍ତି ବିବାଦକୁ ନେଇ ୨୦୨୧ ମେ ୪ ତାରିଖରେ ଦିଲ୍ଲୀର ଛତ୍ରଶାଳା ଷ୍ଟାଡିୟମ ବାହାରେ ଅଲିମ୍ପିଆନ ସୁଶୀଲ ଓ ଜୁନିଅର ରେସଲର ସାଗରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସୁଶୀଲଙ୍କ ଆକ୍ରମଣରେ ୨୩ ବର୍ଷୀୟ ସାଗରଙ୍କ ମୃତ୍ୟୁ ଘଟିଥିଲା। ରେସଲର ସୁଶୀଲ ୨୦୦୮ ବେଜିଂ ଅଲିମ୍ପିକରେ କାଂସ୍ୟ ଓ ୨୦୧୨ ଲଣ୍ଡନ ଗେମ୍ସରେ ରୌପ୍ୟ ପଦକ ଜିତିଥିଲେ।

## ଜାମିଲଙ୍କୁ ୨୦୨୭ ପର୍ଯ୍ୟନ୍ତ ପ୍ରଶିକ୍ଷକ ଦାୟିତ୍ୱ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଖଲିଦ ଜାମିଲ ଆଗାମୀ ୨ ବର୍ଷ ଅର୍ଥାତ୍ ୨୦୨୭ ପର୍ଯ୍ୟନ୍ତ ଭାରତୀୟ ବରିଷ୍ଠ ପୁରୁଷ ଫୁଟବଲ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ରହିବେ। ଏହି ଚୁକ୍ତି ମଧ୍ୟ ଆଉ ଗୋଟିଏ ବର୍ଷ ବଢ଼ିପାରେ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)



ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି। ଫଳରେ ଜାମିଲ ଏବେ ପୂର୍ଣ୍ଣକାଳୀନ ଭାବେ ଜାତୀୟ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭୂମିକାରେ ନଜରକୁ ଆସିବେ। ଅଗଷ୍ଟ ୧୫ରୁ ବେଙ୍ଗାଲୁରୁସ୍ଥିତ ଦ୍ରାବିଡ-ପାଦୁକୋନ ସେଣ୍ଟର ଫର୍ ସ୍ପୋର୍ଟ୍ସ ଏକ୍ସଲେନ୍ସିରେ ଜାତୀୟ ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ଜାମିଲଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଚାଲିବ। ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଥିବା କାଫା (ସେଣ୍ଟ୍ରାଲ ଏସିଆନ ଫୁଟ୍‌ବଲ ଆସୋସିଏସନ) ନେସନ୍ସ କପ୍ ପ୍ରଶିକ୍ଷକ ଭାବେ ଜାମିଲଙ୍କ ପ୍ରଥମ ଦାୟିତ୍ୱ ହେବ। ଉଲ୍ଲେଖଯୋଗ୍ୟ, ଗତ ୧ ତାରିଖରେ ୪୮ ବର୍ଷୀୟ ଜାମିଲଙ୍କୁ ଭାରତୀୟ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। ମନୋଲା ମରକ୍ୟୁଜଙ୍କ ସ୍ଥାନରେ ସେ ଏହି ଗୁରୁଦାୟିତ୍ୱ ତୁଲାଇଥିଲେ। ଫଳରେ ୧୩ ବର୍ଷର ପ୍ରତୀକ୍ଷାର ଅନ୍ତ ପରେ ଜଣେ ଭାରତୀୟ ଜାତୀୟ ପୁରୁଷ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ନିଯୁକ୍ତ ହୋଇଥିଲେ। ତେବେ ଏହାପରେ ସେ ଆଇଏସ୍‌ଏଲ୍ ଦଳ ଜାମେଦେଦପୁର ଏଫ୍‌ସି ସହିତ ସମ୍ପର୍କ ତୁଟାଇ ଜାତୀୟ ଦଳର ପୂର୍ଣ୍ଣକାଳୀନ ପ୍ରଶିକ୍ଷକ ହୋଇଛନ୍ତି।

## ମହିଳା ଦିନିକିଆ ସିରିଜ: ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ-ଏ'କୁ ହରାଇଲା ଭାରତ-ଏ'

ବ୍ରିସବେନ, ୧୩।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତ-ଏ ମହିଳା କ୍ରିକେଟ ଦଳ ପ୍ରଥମ ବିଜୟ ହାସଲ କରିଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ-ଏ ମହିଳା ଦଳକୁ ୩ ୱିକେଟ୍‌ରେ ଭାରତ-ଏ ହରାଇଦେଇଛି। ୨୧୫ ରନର ଲକ୍ଷ୍ୟକୁ ପିଛା କରିଥିବା ରାଧା ଯାଦବଙ୍କ ଦଳ ୪୨ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଯଷ୍ଟିକା ଭାଟିଆ ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ




ଶେଫାଳି ବର୍ମା (୩୬ ରନ) ଓ ଧାରା ଗୁଜ୍ଜର (୩୧) ଉପଯୋଗୀ ପାଳି ଖେଳି ଯଷ୍ଟିକାଙ୍କୁ ସହାୟତା କରିଥିଲେ। ଏଥିପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଅଷ୍ଟ୍ରେଲିଆ-ଏ ୨୧୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅନିକା ଲିଆରୋୟଡ ସର୍ବାଧିକ ୯୨, ରାଚେଲ ତ୍ରିନାମାନ ୫୧ ରନ କରିଥିଲେ। ସିରିଜର ପରବର୍ତ୍ତୀ ୨ ଦିନିକିଆ ମ୍ୟାଚ୍ ଅଗଷ୍ଟ ୧୫ ଓ ୧୭ରେ ଖେଳାଯିବ। ଏହାପରେ ଦୁଇ ଦଳ ମଧ୍ୟରେ ଅଗଷ୍ଟ ୨୧ରୁ ଏକ ଚାରିଦିବସୀୟ ଅନଅଫିସିଆଲ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ।

### ପାୱାର ପଶ୍ଚିମାଞ୍ଚଳର ପ୍ରଶିକ୍ଷକ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଆଗାମୀ ଦୁଲୀପ୍ ଟ୍ରଫି ଲାଗି ପଶ୍ଚିମାଞ୍ଚଳ ଦଳ କିରଣ ପାୱାରଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି। ସେହିଭଳି ପଲ୍ଲବ ଭୋରା ସହାୟକ ପ୍ରଶିକ୍ଷକ ରହିଛନ୍ତି। ଅଗଷ୍ଟ ୨୮ରୁ ଦୁଲୀପ୍ ଟ୍ରଫି ଆରମ୍ଭ ହେବ।

### ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ୨୦ଜଣିଆ ଓଡ଼ିଶା ଦଳ ଘୋଷିତ

କଟକ,୧୩।୮ (ସମିସ): ଅଗଷ୍ଟ ୧୮ରୁ ତାମିଲନାଡୁର ଚେନ୍ନାଇଠାରେ ସର୍ବଭାରତୀୟ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥି ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ତେବେ ୨୦ଜଣିଆ ରାଜ୍ୟ ଦଳରେ ଅଧିନାୟକ କାହାକୁ କରାଯିବ ତାହାକୁ ନେଇ ଦ୍ୱନ୍ଦ ଉପୁଜିଛି। ଫଳରେ

### ଅଧିନାୟକ ନାଁ ଘୋଷଣାକୁ ନେଇ ଦ୍ୱନ୍ଦ୍ୱ

ଅଧିନାୟକ ନାମ ଓସିଏ ପକ୍ଷରୁ ପ୍ରକାଶ କରାଯାଇନାହିଁ। ଅଭିଜ୍ଞ ଶୁଭ୍ରାଂଶୁ ଶେଖର ସେନାପତି ଓ ଗୋବିନ୍ଦ ପୋଦ୍ଦାରଙ୍କ ସମେତ ସନ୍ଦୀପ ପଟ୍ଟନାୟକ ଏବଂ ସ୍ୱସ୍ତିକ ସାମଲଙ୍କ ନାମ ଅଧିନାୟକ ନିମନ୍ତେ ଆଲୋଚନା ପରିସରକୁ ଆସିଥିଲା। ତେବେ କିଛି ନିର୍ଦ୍ଦିଷ୍ଟ କାରଣ ହେତୁ ଅଧିନାୟକ ଚୂଡ଼ାନ୍ତ ହୋଇ ପାରିନଥିବା କୁହାଯାଇଛି। ମଧ୍ୟପ୍ରଦେଶ ଛାଡ଼ି ଓଡ଼ିଶା ଫେରିବା ପରେ ରାଜ୍ୟ ଦଳ ପାଇଁ ଶୁଭ୍ରାଂଶୁଙ୍କ ଏହା ପ୍ରଥମ ମ୍ୟାଚ୍ ହେବ।

ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଗ୍ରୁପ-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପରେ ଭାରତୀୟ ରେଳବାଇ, ଜମ୍ମୁ-କଶ୍ମୀର ଏବଂ ବରୋଦା ଦଳ ରହିଛି। ତ୍ରିଦିବସୀୟ ଫର୍ମାଟରେ ପ୍ରତ୍ୟେକ ମ୍ୟାଚ୍ ଖେଳାଯିବ। ୧୮ ତାରିଖରୁ ବରୋଦା ବିପକ୍ଷରେ ଓଡ଼ିଶା ପ୍ରଥମ ମୁକାବିଲା ଲଢ଼ିବ। ଘୋଷିତ ୨୦ ଜଣିଆ ଦଳରେ କାର୍ତ୍ତିକ ବିଶ୍ୱାଳ, ସନ୍ଦୀପ ପଟ୍ଟନାୟକ, ସମ୍ବିତ ବରାଳ, ସୁମିତ ଶର୍ମା, ଅନୀଲ ପରିଡା, ସୁନୀଲ କୁମାର ରାଉଳ, ତାପସ କୁମାର ଦାସ, ସାଇଦୀପ ମହାପାତ୍ର, ରାଜେଶ ଧୂପର(ୱିକେଟ କିପର), ବାଦଲ ବିଶ୍ୱାଳ, ଓମ ଟି ମୁଣ୍ଡେ, ତରଣୀ




ସ, ଶୁଭ୍ରାଂଶୁ ଶେଖର ସେନାପତି, ପ୍ରଶାନ୍ତ ରଣା, ବିନୟ କୁମାର ପାଇକରାୟ(ୱିକେଟ କିପର), ଆଶୀର୍ବାଦ ସ୍ୱାଇଁ(ୱିକେଟ କିପର), ଆଶୁତୋଷ ଛୁରିଆ, ସ୍ୱସ୍ତିକ ସାମଲ, ଗୋବିନ୍ଦ ପୋଦ୍ଦାର, ପିୟୂଷ ପାଣିଗ୍ରାହୀ ସ୍ଥାନ ପାଇଛନ୍ତି। ସୁରେନ୍ଦ୍ର ଭାବେ-ମୁଖ୍ୟ କୋଚ୍, ସୌରଭ ସେହଗଲ-ସହକାରୀ କୋଚ୍, ଦିନେଶ ସାହୁ-ଫିଜିଓ, ସଂଗ୍ରାମ କେଶରୀ ଗୁମାନସିଂହ-ମ୍ୟାନେଜର, ଗୌରବ କୌଶକ-ଏସ ଆଣ୍ଡ ସି କୋଚ୍, ଶାରଦା ବିଶ୍ୱାଳ-ପର୍ଫମାନ୍ସ ଆନାଲିଷ୍ଟ, ସତ୍ୟବାନ ପ୍ରଧାନ- ସାଇଡଆର୍ମ ଥ୍ରୋଅର, କପିଳ ବୁନ୍ଦେଲା-ମାସେଜର ଭାବେ ଦଳରେ ରହିଛନ୍ତି।

### ୩୪ ବର୍ଷ ପ୍ରତୀକ୍ଷାର ଅନ୍ତ

# ପାକିସ୍ତାନ ବିପକ୍ଷରେ ଦିନିକିଆ ସିରିଜ ଜିତିଲା ୱେଷ୍ଟଇଣ୍ଡିଜ

ତ୍ରିନିଦାଦ, ୧୩।୮ (ଏଜେନ୍ସି): ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚରେ ୱେଷ୍ଟଇଣ୍ଡିଜ ୨୦୨ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଅଧିନାୟକ ସାଇ ହୋପ୍ସଙ୍କ ଦମ୍‌ଦାର ଅପରାଜିତ ଶତକ ଓ ଜେଡାନ ସେଲ୍ସଙ୍କ ଘାତକ ବୋଲିଂ କରି ଘରୋଇ ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ପାକିସ୍ତାନ ୫ ୱିକେଟ୍‌ରେ ଓ ୱେଷ୍ଟଇଣ୍ଡିଜ ୨ୟ ଦିନିକିଆକୁ ଡିଏଲ୍ ପଦ୍ଧତିରେ ୫ ୱିକେଟ୍‌ରେ ଜିତିଥିଲା। ଏବେ ନିର୍ଣ୍ଣାୟକ ୩ୟ ମ୍ୟାଚ୍ ଜିତି ଘରୋଇ ୱେଷ୍ଟଇଣ୍ଡିଜ ଦିନିକିଆ ସିରିଜକୁ ୨-୧ରେ ହାତେଇନେଇଛି। ଫଳରେ ଦୀର୍ଘ ୩୪ ବର୍ଷର ବ୍ୟବଧାନ ପରେ କାରବୀୟାନ ଦଳ ପାକିସ୍ତାନ ବିପକ୍ଷରେ ଦିନିକିଆ ସିରିଜ ଜିତିବାର ସ୍ୱାଦ ଚାଖିଛି। ଶେଷଥର ଲାଗି ୧୯୯୧ରେ




ପାକିସ୍ତାନ ଗସ୍ତରେ ଯାଇଥିବାବେଳେ ୱେଷ୍ଟଇଣ୍ଡିଜ ୨-୦ରେ ଦିନିକିଆ ସିରିଜ ବିଜୟୀ ହୋଇଥିଲା। ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ଗୋଟିଏ ମ୍ୟାଚ୍ ଟାଇ ରହିଥିଲା।

ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପାକିସ୍ତାନ ଅଧିନାୟକ ମହମ୍ମଦ ରିଜୱାନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ଅଧିନାୟକଙ୍କ ଶତକୀୟ ଇନିଂସ ବଳରେ ୫୦ ଓଭରରେ ୬ ୱିକେଟ୍‌ରେ ୨୯୪ ରନର ସମ୍ମାନଜନକ ସ୍କୋର କରିଥିଲା। ହୋପ୍ସ ୧୦ ଚୌକା ଓ ୫ ଛକା ସହ ୯୪ ବଲରେ ୧୨୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଷ୍ଟନ ଚେଜ ୩୬, ଏଭିନ ଲୁଇସ ୩୭ ଓ ଜଷ୍ଟିସ ଗ୍ରେଭେସ ଅପରାଜିତ ୪୩ ରନ କରିଥିଲେ। ନସୀମ ଶାହ ଓ ଆବ୍ରାରର୍ ଅହମ୍ମଦଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ଦ୍ରୁତ ବୋଲର ଜେଡାନ ସେଲ୍ସଙ୍କ ବୋଲିଂକୁ ସାମ୍ନା କରି ନପାରି ପାକିସ୍ତାନ ୨୯.୨ ଓଭରରେ ୯୨ ରନ କରି ଲଜ୍ଜାଜନକ ପରାଜୟବରଣ କରିଥିଲା। ଦଳ ପକ୍ଷରୁ କେବଳ ସଲମନ ଆଘା (୩୦ ରନ) ଓ ମହମ୍ମଦ ନୱାଜ (୨୩) ଦୁଇଅଙ୍କ ଛୁଇଁପାରିଥିଲେ। ଜେଡାନ ୧୮ ରନରେ ସର୍ବାଧିକ ୬ଟି ୱିକେଟ୍ ନେଇଥିଲେ। ହୋପ୍ସ ମ୍ୟାଚର ଓ ଜେଡାନ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ଦିନିକିଆରେ ରନ ବ୍ୟବଧାନରେ ୱେଷ୍ଟଇଣ୍ଡିଜର ବଡ଼ ବିଜୟ**

| ବ୍ୟବଧାନ | ପ୍ରତିପକ୍ଷ | ବର୍ଷ | ଭେନ୍ୟୁ |
|---|---|---|---|
| ୨୧୫ | ନେଦରଲାଣ୍ଡସ | ୨୦୧୧ | ଦିଲ୍ଲୀ |
| ୨୦୮ | କାନାଡା | ୨୦୧୦ | କିଙ୍ଗ୍‌ସଟନ |
| ୨୦୩ | ନ୍ୟୁଜିଲାଣ୍ଡ | ୨୦୧୪ | ହାମିଲଟନ |
| ୨୦୨ | ପାକିସ୍ତାନ | ୨୦୨୫ | ତ୍ରିନିଦାଦ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS